

ପୁଣି ବିଫଳ ହେଲେ ରୋହିତ | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅଭିନୟ ପାଇଁ ପାଠପଢ଼ା ଛାଡ଼ିଥିଲେ ଅଦା ଶର୍ମା | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୪୮ Vol. 20 No-48 10 MAY 2023 WEDNESDAY BHUBANESWAR ବୁଧବାର, ୧୦ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ଇମ୍ରାନ୍‌ଙ୍କ ଗିରଫଦାରୀ ପରେ

# ଜଳୁଛି ପାକିସ୍ତାନ





ଇସଲାମାବାଦ, ୯ ।୫: ବେଶ୍ କିଛି ଦିନର ଛକାପଞ୍ଝା ପରେ ମଙ୍ଗଳବାର ଗିରଫ ହୋଇଛନ୍ତି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ୍-ଏ-ଇନ୍‌ସାଫ୍ ପାର୍ଟିର ମୁଖ୍ୟ ଇମ୍ରାନ ଖାନ। ତାଙ୍କୁ ଇସଲାମାବାଦ ହାଇକୋର୍ଟ ବାହାରେ ପାକିସ୍ତାନୀ ରେଞ୍ଜର୍ସ ଗିରଫ କରିଛନ୍ତି। ଇମ୍ରାନ୍‌ଙ୍କ ଗିରଫଦାରୀ ପରେ ପାକିସ୍ତାନରେ ତାଙ୍କ ସମର୍ଥକମାନେ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି। ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଓ ଭଙ୍ଗାରୁଜା ସହ ପୋଲିସକୁ ମାଡ଼ ମରାଯାଇଥିବାର ସୂଚନା ମିଳିଛି। ଏହି ଘଟଣା ପରେ ପାକିସ୍ତାନର ବିଭିନ୍ନ ସହରରେ ୧୪୪ ଧାରା ଜାରି କରାଯାଇଛି।

- ବିଭିନ୍ନ ସ୍ଥାନରେ ବ୍ୟାପକ ହିଂସାକାଣ୍ଡ
- ସମର୍ଥକଙ୍କ ଭଙ୍ଗାରୁଜା, ପୋଡ଼ାଜଳା
- ବିଭିନ୍ନ ସହରରେ ୧୪୪ ଧାରା ଜାରି
- ସେନାର ଗୁଳିଚାଳନା, ଫୋର୍ସ ମୁତୟନ

ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ସେନା ପକ୍ଷରୁ ଗୁଳିଚାଳନା କରାଯାଇଛି। ମଙ୍ଗଳବାର ଇମ୍ରାନ୍ ଏକ ମାମଲାରେ ସେ ହାଇକୋର୍ଟକୁ ହାଜର ହେବାକୁ ଯାଉଥିବା ବେଳେ ତାଙ୍କୁ ରେଞ୍ଜର୍ସ ଗିରଫ କରିଥିଲେ। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଅଲ କାଦିର ଟ୍ରଷ୍ଟ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ତାଙ୍କ ନାମରେ ଏକାଧିକ ଏଫ୍‌ଆଇଆର୍ ଦାଖଲ କରାଯାଇଥିଲା। ଏହି ମାମଲାରେ ସେ ହାଇକୋର୍ଟରେ ହାଜର ହେବାକୁ ଯାଉଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନୀ ରେଞ୍ଜର୍ସ ତାଙ୍କୁ ଗିରଫ କରିବା ପରେ ଏକ କଳା ରଙ୍ଗର କାରରେ ଅନ୍ୟତ୍ର ନେଇ ଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ଇମ୍ରାନ ଇସଲାମାବାଦ ହାଇକୋର୍ଟର ବାୟୋମେଟ୍ରିକ୍ ରୁମ୍‌ରେ ରହିଥିବା ବେଳେ ହଠାତ୍ ରେଞ୍ଜର୍ସମାନେ ଧସେଇ ପଶିଥିଲେ ଓ ତାଙ୍କ ଓକିଲଙ୍କୁ ମାଡ଼ ମାରି ଇମ୍ରାନଙ୍କୁ ନେଇ ଯାଇଥିବା ଦଳୀୟ ନେତାମାନେ ଅଭିଯୋଗ କରିଛନ୍ତି। ଦଳୀୟ କର୍ମୀମାନେ କହିଛନ୍ତି ଯେ ରେଞ୍ଜର୍ସମାନେ ଇମ୍ରାନଙ୍କୁ ନିର୍ଯାତନା ଦେଉଛନ୍ତି। ଏପରିକି ତାଙ୍କୁ ମାଡ଼ ମାରୁଥିବାର ସେମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ ଏପ୍ରିଲ ମାସରେ ଆସ୍ଥା ଭୋଟ ଜରିଆରେ ଇମ୍ରାନ ପ୍ରଧାନମନ୍ତ୍ରୀ ପଦରୁ ବିଦାୟ ନେଇଥିଲେ। ଏହାପର ଠାରୁ ତାଙ୍କ ନାମରେ ଏକାଧିକ ଦୁର୍ନୀତିଠାରୁ ଆରମ୍ଭ କରି ପଦର ଅପବ୍ୟବହାର ଓ ଉପହାର ଲୁଟ୍ ଭଳି ମାମଲା ରୁଜୁ କରାଯାଇଛି। ବିଭିନ୍ନ ମାମଲାରେ ସେ ଜାମିନ ମଧ୍ୟ ପାଇ ସାରିଛନ୍ତି। ତେବେ ଏହି ଘଟଣା ପଛରେ ଆମେରିକାର ଷଡ଼ଯନ୍ତ୍ର ରହିଥିବା ଇମ୍ରାନ କହିଛନ୍ତି। ଅନ୍ୟପକ୍ଷରେ ଇମ୍ରାନ୍‌ଙ୍କ ଗିରଫଦାରୀ ପରେ ତାଙ୍କ ● ପୃଷ୍ଠା ୮ ଦେଖନ୍ତୁ

## ନବୀନଙ୍କୁ ଭେଟିଲେ ନୀତିଶ

# 'ମେଣ୍ଟ ନେଇ ଆଲୋଚନା ହୋଇନି'




- ଆମେ ଉଭୟ ପୁରୁଣା ବନ୍ଧୁ: ମୁଖ୍ୟମନ୍ତ୍ରୀ
- ପୁରୀରେ ନିର୍ମାଣ ହେବ ବିହାର ଭବନ
- ଦେଢ ଏକର ମାଗଣା ଜମି ଯୋଗାଇବେ ରାଜ୍ୟ ସରକାର

ଭୁବନେଶ୍ୱର, ୯ ।୫ (ଭାସ୍କର ନ୍ୟୁଜ୍): ଜାତୀୟ ରାଜନୀତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ସୂଚନା ମିଳିଛି। ଆଲୋଚନା ପରେ ଉଭୟ ଗଣମାଧ୍ୟମକୁ କହିଥିଲେ ଯେ ମେଣ୍ଟ ନେଇ କିମ୍ବା ରାଜନୀତି ସମ୍ପର୍କରେ କୌଣସି ଆଲୋଚନା କରାଯାଇ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ନୀତିଶ ଜୀ ଭୁବନେଶ୍ୱର ଆସିଥିବାରୁ ମୁଁ ବହୁତ ଖୁସି। ଆମେ ଦୁହେଁ ପୁରୁଣା ବନ୍ଧୁ। ଏକାଠି କାମ ବି କରିଛୁ। ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟରେ ଆମେ ଦୁହେଁ ମନ୍ତ୍ରୀ ବି ଥିଲୁ। ପୁରୀରେ ବିହାର ଭବନ ନିର୍ମାଣ ନିମନ୍ତେ ମାଗଣାରେ ଜମି ଦେବା ବିଷୟରେ ଆଲୋଚନା କଲୁ। ଶ୍ରୀଜଗନ୍ନାଥ ଧାମ ପୁରୀକୁ ବିହାରରୁ ଆସୁଥିବା ଲୋକଙ୍କ ରହଣୀ ପାଇଁ ସେଠାରେ ବିହାର ଭବନ ନିର୍ମାଣ ନିମନ୍ତେ ନୀତିଶ ସରକାର ଇଚ୍ଛା ପ୍ରକାଶ କରିଥିଲେ। ● ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ଆଜିଠୁ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯ ।୫(ଭାସ୍କର ନ୍ୟୁଜ): ବୁଧବାର ଠାରୁ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଠାରେ ପଡ଼ିରହିଥିବା ସରକାରୀ କାର୍ଯ୍ୟର ସମୀକ୍ଷା କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୧୩ ତାରିଖରେ ସେ ଭୁବନେଶ୍ୱର ଫେରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### ଅସୁସ୍ଥ କଲରାପତରିଆ ମୃତ

ନୂଆପଡ଼ା, ୯ ।୫(ଭାସ୍କର ନ୍ୟୁଜ): ଗତ ଏପ୍ରିଲ୍ ୧୬ ତାରିଖରେ ନୂଆପଡ଼ା ରେଞ୍ଜର ଧରମବନ୍ଧା ସେକ୍ସନ ସିଲିଆରି ବାହାରା ଗାଁରୁ ଉଦ୍ଧାର ହୋଇଥିବା କଲରାପତରିଆ ବାଘର ମଙ୍ଗଳବାର ମୃତ୍ୟୁ ହୋଇଛି। ତା'ର ଚିକିତ୍ସା ଚାଲିଥିଲେ ମଧ୍ୟ ତାକୁ ବଞ୍ଚାଇ ରଖିବା ସମ୍ଭବପର ହୋଇପାରିନଥିଲା।

### ୧୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ

ଭୁବନେଶ୍ୱର୯ ।୫(ଭାସ୍କର ନ୍ୟୁଜ୍): ମଙ୍ଗଳବାର ମଧ୍ୟ ରାଜ୍ୟରେ ପ୍ରଚଣ୍ଡ ତାତିର ପ୍ରଭାବ ଅନୁଭୂତ ହୋଇଛି। ୧୮ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ୪୨.୫ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ଝାରସୁଗୁଡ଼ାର ତାପମାତ୍ରା ୪୨.୪ ଡିଗ୍ରୀ ଥିବାବେଳେ ବଲାଙ୍ଗୀରରେ ୪୧.୭, ତାଳଚେରରେ ୪୧.୬, ସମ୍ବଲପୁରରେ ୪୧.୪, ରାଉରକେଲାରେ ୪୧.୪, ଅନୁଗୋଳରେ ● ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୬୧,୭୬୧.୩୩

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୮.୭ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୯।୫ର ମତାମତ

ଶ୍ରୀମନ୍ଦିର ସଂସ୍କାର ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବା ଉଚିତ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

ରାଜ୍ୟରେ ହାତୀବଂଶର ସୁରକ୍ଷା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଝାରସୁଗୁଡ଼ା ଉପନିର୍ବାଚନ

# ଆଜି ଭାଗ୍ୟ ପରୀକ୍ଷା

ଝାରସୁଗୁଡ଼ା/ଭୁବନେଶ୍ୱର, ୯ ।୫(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ବିଧାନସଭା ଉପ ନିର୍ବାଚନ ପାଇଁ ୧୦ ତାରିଖ ବୁଧବାର ଭୋଟ ଗ୍ରହଣ କରାଯିବ। ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ସମସ୍ତ ପ୍ରିଜାଇଡିଂ ଟିମ୍ ନିଜ ନିଜ ବୁଥରେ ପହଞ୍ଚି ସାରିଛନ୍ତି। ଭୋଟ ଗ୍ରହଣ ସୁରୁଖୁରୁରେ ତଥା ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା ପାଇଁ ଉଭୟ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପୋଲିଂ ପାର୍ଟି ବୁଥରେ ପହଞ୍ଚି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଏହି ଭୋଟ ଗ୍ରହଣ ପାଇଁ ୨୫୩ଟି ବୁଥ ସ୍ଥାପନ କରାଯାଇଛି। ସେଥି ମଧ୍ୟରୁ ୧୧୬ଟି ସମ୍ବେଦନଶୀଳ ବୁଥ ରହିଛି। ୧୪୪ଟି ବୁଥରେ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ୬୯ଟି ବୁଥରେ ମାଇକ୍ରୋ ଅବଜରଭରମାନେ ନିଯୁକ୍ତ ହୋଇଛନ୍ତି। ସେହିପରି ସବୁ ବୁଥରେ ପ୍ରଥମଥର ପାଇଁ ୱେବକାଷ୍ଟିଂ କରାଯିବାର ବ୍ୟବସ୍ଥା କରାଯାଇଛି। ୨୫୩ ବୁଥ ମଧ୍ୟରୁ ୨୬ଟି ପିଙ୍କ୍ ବୁଥ ରହିଛି। ଏହି ବୁଥ ସବୁକୁ ମହିଳାମାନେ ପରିଚାଳନା କରିବେ। ଏହି ନିର୍ବାଚନରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ମୋଟ ୨,୨୧,୭୧୯ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୧୦,୬୧୯ ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧,୧୧,୦୩୭। ଏହି ନିର୍ବାଚନରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ମୋଟ ୯ ଜଣ ● ପୃଷ୍ଠା ୮ ଦେଖନ୍ତୁ

- ଭୋଟ ପାଇଁ ୨୫୩ ବୁଥ୍
- ସକାଳ ୭ଟାରୁ ଭୋଟ ଗ୍ରହଣ
- ୧୧୬ ବୁଥ ସମ୍ବେଦନଶୀଳ
- ୧୪୪ ବୁଥରେ କେନ୍ଦ୍ରୀୟ ଫୋର୍ସ
- ସବୁ ବୁଥରେ ହେବ ୱେବକାଷ୍ଟିଂ






## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଝାରସୁଗୁଡ଼ାରେ ଭୋଅଟ୍ ଗ୍ରହଣ
ନେତାଙ୍କୁ ମାଡୁନି ନିଦ
ଭୋଟର ଉପରେ ଭରସା ଥିଲେ ବି
ପାଉନାହାନ୍ତି ସେ ଭେଦ
ମନେ ମନେ ପରମାଦ
ଭୋଅଟ୍ ସରିଲେ ଜଣାପଡ଼ିଯିବ
କା ପେଡ଼ିରେ କେତେ ଗଦ...

# ବାତ୍ୟା ରୂପ ନେଉଛି ଲଘୁଚାପ

- ୧୦ରୁ ବର୍ଷା ଓ ପବନ
- ୧୨ରେ ଗତିପଥ ପରିବର୍ତ୍ତନ
- ଓଡ଼ିଶାକୁ ନାହିଁ ବିପଦ



ନୂଆଦିଲ୍ଲୀ/ଭୁବନେଶ୍ୱର, ୯ ।୫ (ବ୍ୟୁରୋ): ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଆଣ୍ଡାମାନ ସାଗର ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି। ଏହା ଧୀରେଧୀରେ ବାତ୍ୟା ରୂପ ନେଉଛି। ଏହା ସ୍ଥଳ ଭାଗ ଛୁଇଁବା ପୂର୍ବରୁ ସମଗ୍ର ଓଡ଼ିଶାରେ ଅସହ୍ୟ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସୁଥିବା ବାତ୍ୟାକୁ 'ମୋଚା' ନାମରେ ନାମିତ କରାଯାଇଛି। ଆସନ୍ତା ୧୨ ତାରିଖ ସକାଳ ପର୍ଯ୍ୟନ୍ତ 'ମୋଚା' ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ତେବେ ପରିବର୍ତ୍ତୀ ସମୟରେ ଏହା ଗତିପଥ ପରିବର୍ତ୍ତନ କରି ଉତ୍ତର ଉତ୍ତର ପୂର୍ବ ଦିଗରେ ବାଂଲାଦେଶ-ମିଆଁମାର ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି। ତେବେ ଓଡ଼ିଶାକୁ ବାତ୍ୟା ଭୟ ନାହିଁ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅନ୍ୟପକ୍ଷରେ ବାତ୍ୟା ଭୟ ନଥିଲେ ମଧ୍ୟ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ● ପୃଷ୍ଠା ୮ ଦେଖନ୍ତୁ



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ): ବିଭିନ୍ନ ଦାବି ନେଇ କଳାବ୍ୟାଚ ପିନ୍ଧି ବିଦ୍ୟୁତ ବିଭାଗ କର୍ମଚାରୀମାନଙ୍କ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଯାଇଛି। ଏହାକୁ ପୂର୍ଣ୍ଣ ସମର୍ଥନ କରି ଅସ୍ତରଙ୍ଗ ବିଦ୍ୟୁତ ବିଭାଗ କାର୍ଯ୍ୟରତ କର୍ମଚାରୀମାନେ ନିଜ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଚ ପରିଧାନ କରିବା ସହ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ସାମିଲ ହୋଇଛନ୍ତି। ମଙ୍ଗଳବାର ୯ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯଦି ୧୫ତାରିଖ ଭିତରେ ଦାବିଗୁଡ଼ିକର କୌଣସି ସମାଧାନ ନ ହୁଏ ତେବେ କର୍ମଚାରୀମାନେ ଓପିଟିସିଏଲ ଓ ସମସ୍ତ ଡିସ୍କମର ମୁଖ୍ୟ କାର୍ଯ୍ୟାଳୟ ଆଗରେ ୧୬ତାରିଖ ଠାରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କର୍ମଚାରୀ ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି। ଓପିଟିସିଏଲର ଶ୍ରମିକ ମାରଣନୀତି ଓ ଡିସକମମାନଙ୍କ ଠିକା କର୍ମଚାରୀମାରଣ ନୀତି ମୁଖ୍ୟ ଦାବି ସହ ଅନ୍ୟାନ୍ୟ ଦାବି ନେଇ କଳାବ୍ୟାଚ ପରିଧାନ ଏବଂ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ସଞ୍ଜୟ ମହାନ୍ତି, ବିରଞ୍ଚି ନାରାୟଣ ପଣ୍ଡା, ଅଖିଳ ନାୟକ, ସରୋଜ ସାହୁ, ରାକେଶ ରଞ୍ଜନ ସାହୁଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ।

# ଅନୁମୋଦିତ ଜମିରେ ପ୍ରକଳ୍ପ ନାହିଁ, ପୈଠ ବିଲ ଫେରସ୍ତ ପାଇଁ ଦାବି



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଏହି ବ୍ଲକର ତେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁଲଣା ଗ୍ରାମରେ ପ୍ରକଳ୍ପ କାର୍ଯ୍ୟକାରି ନକରି ବିଲ ଉଠାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମର 'ଆଦିବାସୀ ସାହି ପାଖ ପୋଖରୀ ଖନନ' ପ୍ରକଳ୍ପ ଅନୁମୋଦିତ ଜମିରେ ହୋଇନାହିଁ। ମାତ୍ର ଏହାର ବିଲ ଉଠାଇ ନିଆଯାଇଛି। ପ୍ରକଳ୍ପର ପୈଠ ବିଲ୍ ଫେରସ୍ତ ପାଇଁ ଦାବି କରି ଏଭଳି ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ କରାଯାଇଛି। ଏହି ଅଭିଯୋଗ ଗ୍ରାମର ବିମଳା ସାହୁ, ଦୟାନିଧି ବେହେରା, ପଦ୍ମନ ସାଥୁଆ, ସଦାନନ୍ଦ ସାମଲ, ଗୌରୀଶଙ୍କର ଲେଙ୍କା, ଧନେଶ୍ୱର ବାରିକ, ପର୍ଶୁରାମ ଲେଙ୍କା, ରଘୁନାଥ ଖୁଣ୍ଟିଆ, ଦୁର୍ଯ୍ୟୋଧନ ପରିଡା, ଅର୍ଜୁନ ଚରଣ ଲେଙ୍କା, ପୁଷ୍ପଲତା ବାରିକ, ହରେକୃଷ୍ଣ ସାହୁ ପ୍ରମୁଖ ମଙ୍ଗଳବାର ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମନରେଗା ଯୋଜନାରେ ଉକ୍ତ ପୋଖରୀ ଖନନ ନିମନ୍ତେ ଅନୁସୟା ମାଝୀଙ୍କୁ ଗତ ୨୦୨୨ ମସିହା ମଇ ମାସରେ ବ୍ଲକ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏଥିପାଇଁ ବିଡିଓଙ୍କ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଫିଜିବିଲିଟି ରିପୋର୍ଟ ମଗାଯାଇଥିଲା। ଆଦିବାସୀ ସାହିରେ ପ୍ରକଳ୍ପ ପାଇଁ ଉପଯୁକ୍ତ ଜମିର ଅଭାବ ରହିଛି, ତେଣୁ ଗ୍ରାମବାସୀ ଓ ସରପଞ୍ଚଙ୍କ ପ୍ରସ୍ତାବ କ୍ରମେ କୁଲଣା ମୌଜାର ରକ୍ଷିତ ୪୬୦ ଖାତା ଅନ୍ତର୍ଗତ ୧୦୨୫ ଖସଡାର ୬୦ ଡେସିମିଲ ଉନ୍ନତ ଯୋଜନା ଯୋଗ୍ୟ ଜମି ଅନୁମୋଦନ କରାଗଲା ବୋଲି ତହସିଲଦାର ଫିଜିବିଲିଟି ଦେଇଥିଲେ। ମାତ୍ର ପ୍ରକଳ୍ପ ଅନୁମୋଦିତ ଜମିରେ କାର୍ଯ୍ୟକାରୀ ହୋଇନାହିଁ ବୋଲି ଅଭିଯୋଗ ହୋଇଛି। ପ୍ରକଳ୍ପର ବିଲ ମଧ୍ୟ ଉଠାଇ ନିଆଯାଇଛି। ତେଣୁ ଉପଯୁକ୍ତ ତଦନ୍ତ କରାଯାଇ ପୈଠ ଅର୍ଥ ଅସୁଲ କରାଯାଉ ବୋଲି ଅଭିଯୋଗ କାରୀମାନେ ଦାବି କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ହୋଇଥିବା ତଥ୍ୟରୁ ଏହା ଜଣାପଡିଥିଲା। ଅନ୍ୟ ପକ୍ଷରେ ଏହି ଅଭିଯୋଗ ପୁରୁଣା। ପ୍ରକଳ୍ପ ଅନୁମୋଦିତ ଜମିରେ କାର୍ଯ୍ୟକାରୀ ହୋଇଛି ବୋଲି ଅନୁସୂୟା ମାଝୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅନୁଧ୍ୟାନ କରି ମତାମତ ଦେବେ ବୋଲି ବିଡିଓ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

'ଜଳ ସମସ୍ୟା ଘେରରେ ରାଜନଗର ପଞ୍ଚାୟତ'

# ବସଷ୍ଟାଣ୍ଡକୁ ଆସୁନି ପାଣି, ଯାତ୍ରୀ ହନ୍ତସନ୍ତ



ରାଜନଗର, (ଭାସ୍କର ନ୍ୟୁଜ): ଗ୍ରୀଷ୍ମ ଋତୁ ଚାଲିଥିବା ବେଳେ ମୁଣ୍ଡଫଟା ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି ଜଳ ଶଙ୍କଟ। ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ପଞ୍ଚାୟତରେ। ଏହି ରାଜନଗର ସଦର ମହକୁମାରେ ପ୍ରତ୍ୟେକ ଲାଇନ୍ ବିଭାଗର କାର୍ଯ୍ୟାଳୟ ରହିଥିବା ବେଳେ ଥାନା ସମେତ ଜନଗହଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ରହିଛି। ଏହାସହ ଦୈନିକ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ବସ ଓ ୩୦ଟି ଯାତ୍ରୀବାହୀ ଅଟୋ ଦୈନିକ ସଦର ମହକୁମା ଉପରେ ନିର୍ଭର କରି ଯାତାୟତ କରୁଛି। ତା'ଛଡା ସପ୍ତାହରେ ଦୁଇଥର ହାଟ ହୋଇଥିବା ବେଳେ ଦୈନିକ ତହସିଲ, ବ୍ଲକ, ମେଡିକାଲ, ବ୍ୟାଙ୍କ ତଥା ଥାନା ଏବଂ ବଜାର ସଉଦା ପାଇଁ ହଜାର ହଜାର ଲୋକଙ୍କ ସମାଗମ ସହ ଛାତ୍ରଛାତ୍ରୀମାନେ ମଧ୍ୟ ଯାତାୟତ କରୁଛନ୍ତି। ଏଭଳି ସ୍ଥିତିରେ ଗ୍ରୀଷ୍ମପ୍ରାହକୁ ଦେଖି ପଞ୍ଚାୟତ ପକ୍ଷରୁ ଚଳିତ ବର୍ଷ ଜଳଛତ୍ରର ବ୍ୟବସ୍ଥା ନଥିଲା। କେବଳ ଯେଉଁ ଦିନ ୫ଟି ସଚିବ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଆସିଥିଲେ ସେହି ଦିନ କିଛି ସମୟ ପାଇଁ ସଚିବଙ୍କୁ ଖୁସି କରିବାକୁ ଜଳଛତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନା ରାସ୍ତା କଡ଼ରେ ଖୋଲା ଯାଇଥିଲା। ହେଲେ ଗୋଟିଏ ଦିନର ଜଳଛତ୍ରକୁ ନେଇ ଲୋକମାନଙ୍କ ମଧ୍ୟରେ ସମାଲୋଚନା ହେବାରୁ ଚଳିତ ମାସ ଆରମ୍ଭରୁ (ଛୁଟିଦିନ ବ୍ୟତୀତ) ବ୍ଲକ କାର୍ଯ୍ୟାଳୟ ଗେଟ୍ ନିକଟରେ ପଞ୍ଚାୟତ ତରଫରୁ ଜଳଛତ୍ର ଖୋଲାଯାଇଛି। କିନ୍ତୁ ଜନଗହଳୀପୂର୍ଣ୍ଣ (ପୋଲ ନିକଟ ଛକ) ବସ ରହଣୀ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା ନଥିବା ବେଳେ ବାଇପାସ୍‌ରେ ଷ୍ଟେଟବ୍ୟାଙ୍କ ଓ ଆଇସିଆଇ ବ୍ୟାଙ୍କ ତଥା ଶିଶୁବିକାଶ ଯୋଜନା ଓ କୃଷି କାର୍ଯ୍ୟାଳୟକୁ ଶହଶହ ପୁରୁଷ ଓ ମହିଳା ସମେତ ଛୋଟ ପିଲାମାନଙ୍କ ସହ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ଏହି ଅସହ୍ୟ ଖରାତାତିରେ ପାଣି ଟୋପାଏ ପିଇ ତୃଷା ମେଣ୍ଟାଇବା ପାଇଁ ଜଳଛତ୍ରର ବ୍ୟବସ୍ଥା ପଞ୍ଚାୟତ କିମ୍ବା ବ୍ୟାଙ୍କ ତରଫରୁ କରାଯାଇ ନଥିବାରୁ ଜଳ ଟୋପେ ପାଇଁ ଢହଳବିକଳ ହେଉଛନ୍ତି ବାହାରୁ ଆସୁଥିବା ଲୋକମାନେ। ଯଦିଓ ମହିସାସୁର ପଞ୍ଚାୟତ ତରଫରୁ ଜଳଯୋଗଣ ନିମନ୍ତେ ଷ୍ଟାଣ୍ଡପୋଷ୍ଟକୁ ପାଇପ୍ ସଂଯୋଗ କରାଯାଇଛି, କିନ୍ତୁ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହେଲା ଦିନଠାରୁ ପାଣି ଟୋପେ ଆସୁନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତା'ର କାରଣ ହେଉଛି ପଞ୍ଚାୟତର କର୍ମଚାରୀଙ୍କୁ ହାତକରି ସିମେଣ୍ଟ ଖୁଣ୍ଟ ତିଆରି କାରଖାନା ଏବଂ ମହିଁସାସୁର ଠାରୁ ବାଇପାସ୍ ପର୍ଯ୍ୟନ୍ତ ଆପାର୍ଟମେଣ୍ଟ ଓ କୋଠାଘର ମାଲିକ ମାନେ ପାଇପରୁ ବେନିୟମ ଭାବେ ଚୋରାରେ କନେକ୍ସନ ନେଇ ମଟର ଦ୍ୱାରା ନିଜ ଘରକୁ ପାଣି ନେବା ଯୋଗୁ ଷ୍ଟାଣ୍ଡପୋଷ୍ଟକୁ ପାଣି ଆସିବା ବନ୍ଦ ହୋଇଯାଇଛି। ଯାହା ଦ୍ୱାରା ସାଧାରଣ ଜନତା ପିଇବା ପାଣି ପାଇଁ ଢହଳବିକଳ ହେଉଥିବା ବେଳେ ସ୍ଥାନୀୟ ଗରିବ ବାସିନ୍ଦା ସମସ୍ୟା ଭୋଗ କରୁଛନ୍ତି। ଏପରି ସମସ୍ୟା ରାଜନଗର ପଞ୍ଚାୟତରେ ଘଟୁଥିଲେ ମଧ୍ୟ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ କଥାର ତାଳମେଳ ନଥିବାରୁ ଏପରି ଅଭାବନୀୟ ସମସ୍ୟାର ସମାଧାନ ହୋଇପାରୁ ନଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଚୋରାରେ ଲୁପିଂ କରି ମଟର ଦ୍ୱାରା ପାଣି ନେଉଥିବା ହିତାଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଳଛତ୍ର ଖୋଲି ଜଳାଭାବ ଦୂର କରିବାକୁ ବରିଷ୍ଠ ନାଗରିକ ମଞ୍ଚ, ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଲାଞ୍ଚ ନେଇ ଭିଜିଲାନସ ହାତରେ ଧରା ପଡିଲେ ବ୍ଲକ କନିଷ୍ଠ ଯନ୍ତ୍ରୀ



ପୁରୁଷୋତ୍ତମପୁର /ଛତ୍ରପୁର,(ଭାସ୍କର ନ୍ୟୁଜ): ପ୍ରଥମେ ୫% ଲାଞ୍ଚ ଦିଅ ବିଲ କରିଦେବି। ଲାଞ୍ଚ ନେଉଥିବା ବେଳେ ଭିଜିଲାନସ ହାତରେ ଧରା ପଡ଼ିଲେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ଜଗଦୀଶ କୁମାର ସାହୁ, ପୁରୁଷୋତ୍ତମପୁର ବ୍ଲକ ଅଧିନସ୍ଥ ବଡ଼-ବରଗାଁ ପଞ୍ଚାୟତ ତେନ୍ତୁଲିଆ ଗ୍ରାମରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମାଟି କାମ ହେଉଥିବା ଷଣ୍ଢମରା ବନ୍ଧ ଖୋଳା କାମ ପାଇଁ ଦଶ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା। ଏହି କାମ ଚାଲୁଥିବା ଅବସ୍ଥାରେ ପ୍ରତି ସପ୍ତାହର କାମ ପାଇଁ ୫% ନେଇ ବିଲ କରାଯାଉଥିଲା। ଏହି ସପ୍ତାହରେ ବିଲ ଅର୍ଥାତ ଏକ ଲକ୍ଷ ଚବିଶ ହଜାର ଟଙ୍କାର ବିଲ ପାଇଁ କଣ୍ଟ୍ରାକ୍ଟର ଓ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ବୁଝାମଣା ଅଭାବ ହୋଇଥିଲା। ଯନ୍ତ୍ରୀଙ୍କ ଜିଦ ଆଗରେ କଣ୍ଟ୍ରାକ୍ଟର ପ୍ରମୋଦ କୁମାର ବେହେରା ନାଚାର ହୋଇ ଭିଜିଲାନସର ଦ୍ୱାରସ୍ଥ ହୋଇଥିଲେ। ଆଗୁଆ ଦଶ ହଜାର ଟଙ୍କା ବିଲ କରିବା ପାଇଁ ଦେବା ସମୟରେ ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ଶରତ ଚନ୍ଦ୍ର ସାହୁ, ଇନ୍ସପେକ୍ଟର ବାସୁଦେବ ରାଓ ଓ ଇନ୍ସପେକ୍ଟର ସନ୍ତୋଷୀ ବାରିକ କନିଷ୍ଠ ଯନ୍ତ୍ରୀଙ୍କୁ ଛଡାଉ କରି ଦଶ ହଜାର ଟଙ୍କା ଜବତ କରିଥିଲେ। ଏହା ସହ ଯନ୍ତ୍ରୀଙ୍କ ବ୍ରହ୍ମପୁରରେ ବୀମା ନଗର ବାସ ଭବନ ଉପରେ ମଧ୍ୟ ଚଢ଼ାଉ ହୋଇଥିବା ଡିଏସ୍‌ପି ଜଣାଇଛନ୍ତି।

# ଆନ୍ଧ୍ର ପ୍ରତି ଆକୃଷ୍ଟ ହେବାକୁ ଯାଉଛି ଚିକିଟି ନିର୍ବାଚନ ମଣ୍ଡଳୀର ଅନେକ ଗ୍ରାମ

ଚିକିଟି, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ନିର୍ବାଚନ ମଣ୍ଡଳୀର ଅନେକ ଗ୍ରାମ ନିକଟସ୍ଥ ଆନ୍ଧ୍ରପ୍ରଦେଶ ଆଡେ ଆକୃଷ୍ଟ ହେବାରେ ଲାଗିଛନ୍ତି। ଆନ୍ଧ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନେକ ଜନହିତକର ଯୋଜନା ପ୍ରତି ଆନ୍ଧ୍ରା ସୀମାକୁ ଲାଗିଥିବା ଅନେକ ଗ୍ରାମର ଜନସାଧାରଣ ନିଜର ପରିଚୟ ପତ୍ର ନିଜ ସୁବିଧା ଅନୁସାରେ ଗୋଟିଏ ଆନ୍ଧ୍ର ପ୍ରଦେଶ ଅଧୀନରେ ଅନ୍ୟଟି ଓଡ଼ିଶା ସରକାରଙ୍କ ଅଧୀନରେ କରୁଥିବା ମଧ୍ୟ ଅନେକାଂଶରେ ପ୍ରକାଶ ପାଉଛି। ଆନ୍ଧ୍ରସରକାରଙ୍କ ପରିଚୟ ପତ୍ରକୁ ଧରି ଆନ୍ଧ୍ର ସୁବିଧା ଓଡିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ରକୁ ଧରି ଓଡ଼ିଶା ସରକାରଙ୍କ ସୁବିଧା ହାସଲ କରିବାକୁ ପଛାନ୍ତି ନାହି। ଚିକିଟୀ ନିର୍ବାଚନ ମଣ୍ଡଳୀର ଆମ୍ବପୁର ପଞ୍ଚାୟତର ମଦନପୁର, ବରାଙ୍ଗ ପଞ୍ଚାୟତର ପାର୍ବତିପୁର, ପୀତାମ୍ବରପୁର, ବରଙ୍ଗ, କେଶରୀପଡା, ତୁଟିପୁର, ବି.ନୂଆଗାଁ ପଞ୍ଚାୟତର ଶବର ଦେଇପେଟା, ସରଦାପୁର, ଗୁଡିପଦର ପଞ୍ଚୟତର ବି.ନୂଆଗାଁ, ସାମନ୍ତୀଆପଲ୍ଲି ପଞ୍ଚାୟତର ଭୀମପୁର, ଖରଖରିଆ, ବଡବରଙ୍ଗା, ପୁରୁଷୋତ୍ତମପୁର, ମଦନପୁର ରମ୍ଭା, ବରଡା, ଦେଉଳମାଦୀରି ସୋନପୁର, ସୁରଳ, ସୁମାଣ୍ଡି, ଟୀ.ବରହମପୁର, ଆଦି ଗ୍ରାମ ଗୁଡିକ ନିକଟସ୍ଥ ଆନ୍ଧ୍ରପ୍ରଦେଶକୁ ଲିଗିଥିବା ରହିଅଛି। ସୂଚନା ପ୍ରକାରେ ଉକ୍ତ ପ୍ରଦେଶରେ ସରକାର ପ୍ରତି ବୁର୍ଦ୍ଧ, ବୃଦ୍ଧାଙ୍କୁ ଦୁଇହାଜର ସାତଶହ ପଚାଶ ଟଙ୍କା ଦିବ୍ୟାଙ୍ଗ, ବିଧବାମାନଙ୍କୁ ତିନିହଜାର ହିତାଧିକାରୀମାନଙ୍କୁ ନିଜ ଦୁଆର ନିକଟରେ ପ୍ରଦାନ କରୁଥିବା ବେଳ ମାସିକ ରାସନ ମଧ୍ୟ ଦୁଆର ନିକଟରେ ପଇଠ କରୁଥିବା ଘଟନା ଏଠକାର ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଥିବା ମଧ୍ୟ ପଦାକୁ ଆସୁଛି। ଦ୍ବୁତୀୟରେ ଆନ୍ଧ୍ରରେ ଅଟୋ ଚାଳକ ମାନକୁ ବାର୍ଷିକ ଦଶହଜାର ସହାୟତା ଆମାଓ୍ୱାଡି ସହାୟତା ବୋଲି ଏକ ଯୋଜନା କରିଥବାବେଳେ ଏଠଓକାର ଅଧୟନ ରତଛାତ୍ରଛାତ୍ରୀ ମାନକୁ ପ୍ରତି ବର୍ଷ ଦଶହଜାର ଟଙ୍କା ସହାୟତା ପ୍ରଦାନ କରୁଥିବା ମଧ୍ୟ ପ୍ରକାଶ ପାଉଛି ସବୁଠାରୁ ବଡକଥା ହେଲା ନିଜର ରାସନ ,ଭତ୍ତା ଠିକ ସମୟରେ ନିଜ ଦୁଆର ନିକଟରେ ପହଞ୍ଚୁଥିବା ବେସ ଆକୃଷ୍ଟ କରୁଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଛି ଓକିନ୍ତୁ ଓଡିଶା ସରକାରଙ୍କ ଜଣ ମଙ୍ଗଲ ଯୋଜନା ଅନୁଯାଇ ବୃଦ୍ଧା, ମାନକୁ ପାଞ୍ଚସହ ଟଙ୍କା, ଦିବ୍ୟାଙ୍ଗ ଓ ବିଧବା ମାନକୁ ମଧ୍ୟ ସେହି ପାଞ୍ଚଶହ ଟଙ୍କା ପ୍ରତିମାସରେ ପଞ୍ଚାୟତ ଅଫିସ କୁ ଯାଇ ଧାଡିରେ ଠିଆ ହୋଇ ପାଇବାକୁ ପଡ଼ିଥାଏ, ରାସନ କଥା ତୋ କହିଲେ ନସରେ ଡିଲର ନିଜର ଇଚ୍ଛା ମୁତବକ ପଞ୍ଚୟତ ଅଫିସରେ ଆପଣା ଇଚ୍ଛାରେ କେଁଉ ମାସରେ କେତେ ତାରିଖରେ ବାଣ୍ଟିବାରେ ଲାଗୁଥିବା ମଧ୍ୟ ଏଠାକାର ଜନସାଧାରଣକୁ ଆନ୍ଧ୍ର ପଟେ ଆକୃଷ୍ଟ କରିବାରେ ଲାଗିଛି। ଏପୁରା ପ୍ରକରଣକୁ ଲକ୍ଷକଲେ ଓଡ଼ିଶା ସରକାରଙ୍କ ଅଫିସର ରାଜ ହେତୁ ନିଜର ହକ ଠିକ ଭାବରେ ନପାଇ ଉକ୍ତ ଗ୍ରାମର ଜନସାଧାରଣ ନିଜର ସୁବିଧା ସକାଶେ ଆନ୍ଧ୍ର ସରକାରଙ୍କ ପ୍ରତି ଆକୃଷ୍ଟ ହୋଇ ନିଜେ ଗଳାଖୋକି ଓଡ଼ିଶାରେ ଭୋଟ କାର୍ଡ ଆଧାର କାର୍ଡ କରିବାରେ ଲାଗିଛନ୍ତି। କେତେକ ଓଡ଼ିଆ, ତେଲୁଗୁରେ ମଧ୍ୟ ଆଧାର କାର୍ଡ କରି ଉଭୟ ପଟରୁ ସୁବିଧା ହସାଳ କରୁଥିବା ମଧ୍ୟ ବେସେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି। କାଳ କ୍ରମେ ଏଭଳି ଧାରା ଯଦି ଜାରି ରହେ ତେବେ ଏହି ସବୁ ସୀମାନ୍ତ ଗ୍ରାମ ଗୁଡ଼ିକକୁ ଆନ୍ଧ୍ରସରକାର ନିଜ ଅଧିନକୁ ନେଇ ନିଜର ମାନଚିତ୍ରକୁ ବଦଳାଇଦେବ ବୋଲି ଜ୍ଞାନୀ ଗୁଣିମାନେ ମତପ୍ରକାଶ କରୁଥିବା ମଧ୍ୟ ପଦାକୁ ଆସୁଛି।

# ବିପୁଲିଙ୍ଗୀ ଗ୍ରାମରେ ଦୁଇ ଜଣଙ୍କ ଘରୁ ଚୋରି

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ଥାନା ଅଧିନ ବିପୁଲିଙ୍ଗି ଗ୍ରାମରେ ଗତ କାଲି ବିଳମ୍ବିତ ରାତିରେ ଦୁଇ ଜଣଙ୍କ ଘରୁ ଦୁର୍ବୃତ୍ତମାନେ ଚୋରି କରି ପଳେଇଯାଇଛନ୍ତି। ଗ୍ରାମର ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ପରିବାର ସଦସ୍ୟ ଅସହ୍ୟ ଗରମ ଯୋଗୁଁ ଘରର ସମସ୍ତ କବାଟ ବନ୍ଦ କରି ପ୍ରଥମ ଘରେ ଶୋଇଥିଲେ। ଦୁର୍ବୃତ୍ତମାନେ ଘର ପଛପଟ ଗ୍ରିଲ ତାଡି ଘର ଭିତର ବେଡ଼ରୁମରେ ପଶି ଆଲମୀରା ଭାଙ୍ଗି ୫ ତୋଳା ସୁନା ଗହଣା, କଂସା ତାଟିଆ ଓ ନଗଦ ୧୦ ହଜାର ଟଙ୍କା ଲୁଟିନେଇଥିଲେ। ପରେ ଦୁର୍ବୃତ୍ତ ମାନେ ନିଳାଞ୍ଚଳ ପାଣିଗ୍ରାହୀଙ୍କ ଘର ପଛପଟ କବାଟ ତାଡି ଘରେ ପଶି ୨ ତୋଳା ସୁନା ଗହଣା ସହ ନଗଦ ୮୦ ହଜାର ଟଙ୍କା ଲୁଟିନେଇଥିଲେ। ଏହି ସମୟରେ ଶବ୍ଦ ଶୁଣି ନିଳାଞ୍ଚଳ ଉଠିପଡି ଦୁଇ ଜଣ ଦୁର୍ବୃତ୍ତଙ୍କୁ ଦେଖି ଚୋର ଚୋର ପାଟି କରିବାବେଳେ ଦୁର୍ବୃତ୍ତମାନେ ବାରିପଟ ଦେଇ ଦୌଡ଼ି ପଳାଇଯାଇଥିଲେ।

# ଶିକ୍ଷକଙ୍କ ପଦୋନ୍ନତିରେ ନିୟମ ଉଲ୍ଲଙ୍ଘନ ଅଭିଯୋଗ

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶିକ୍ଷକଙ୍କ ଶିକ୍ଷକଙ୍କୁ ଲେବଲ-୩ ପଦୋନ୍ନତିରେ ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ହୋଇଛି। ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପଦୋନ୍ନତି ନିମନ୍ତେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ନିୟମାବଳୀ ରହିଛି। ସରକାରଙ୍କର ସମସ୍ତ ନିୟମକୁ ଉଲ୍ଲଙ୍ଘନ କରାଯାଇ ପଦୋନ୍ନତି କରାଯାଇଛି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ପାଇଁ ତା ୬।୫।୨୩ ରିଖ ଏଲିମେଣ୍ଟାରୀ ନିର୍ଦ୍ଦେଶକଙ୍କ ଚିଠି ନଂ୧୦୬୮୬ ରେ ନିର୍ଦ୍ଦେଶକ ସ୍ପଷ୍ଟ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ଚିଠିରେ ବିନ୍ଦୁ ସଂଖ୍ୟା ୪ (ସି) ଉପବିନ୍ଦୁର ସ୍ପଷ୍ଟୀକରଣ ଅନୁଯାୟୀ ୧୧।୦୨।୨୦୧୧ ପୂର୍ବରୁ ନିଯୁକ୍ତ କୌଣସି ଶିକ୍ଷକ ଯଦି ଚାକିରୀରେ ଥାଇ ସ୍ନାତକ ଯୋଗ୍ୟତା ହାସଲ କରିଥାଏ ଓ ସ୍ନାତକ ବର୍ଗରେ ପଦୋନ୍ନତି ପାଇଁ ଇଚ୍ଛାକଲେ ତେବେ ଉକ୍ତ ଶିକ୍ଷକ ଜଣଙ୍କୁ ଓଟିଇଟି-୨ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ଅଟେ। ଏହା ସହିତ ତାଙ୍କର ମୂଳ ନିଯୁକ୍ତି ତାରିଖ ଯାହା ହୋଇଥାଉନା କାହିଁକି ତାଙ୍କର ବରିଷ୍ଠତାର ବିଚାର ଓଟିଇଟି-୨ର ଉତ୍ତୀର୍ଣ୍ଣ ତାରିଖ ଆଧାରରେ କରାଯିବ। ଏହା ସହିତ ଉକ୍ତ ଚିଠିର ଶେଷ ଅନୁଚ୍ଛେଦରେ କୌଣସି ଅଭିଯୋଗ ଆସିଲେ ନିର୍ଦ୍ଦେଶକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବ୍ୟକ୍ତିଗତ ସ୍ତରରେ ତଦନ୍ତ କରି ପଦୋନ୍ନତିକୁ ବାତିଲ କରିପାରିବା ନିୟମ ରହିଛି ବୋଲି ଜଣାପଡ଼ିଛି।

# ସୁନ୍ଦୁରାଇ ଦେବୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଏହି ବ୍ଲକର ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ମଣିନାଥପୁର ଗ୍ରାମର ପ୍ରାଚୀନ ଶକ୍ତି ପୀଠ ମା' ସୁନ୍ଦୁରାଇଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପୂଜକ ଦାଶରଥି ପଣ୍ଡା ଷୋଡଶ ଉପଚାରରେ ଗୋ ପୂଜା, ସୂର୍ଯ୍ୟ ପୂଜା, ମଣ୍ଡଳାଧି ପୂଜା କରିବା ସହିତ ହୋମ ଯଜ୍ଞ କରିଥିଲେ। କର୍ତ୍ତା କର୍ତ୍ତ୍ରୀ ଭାବେ ସୁଶାନ୍ତ ବେହେରା ଓ ହିରଣ୍ୟମୟୀ ବେହେରା ସଂକଳ୍ପ କରିଥିଲେ। ପୂଜାର୍ଚ୍ଚନା, ଭଜନ, ଜଣାଣ ଓ ନାମ ସଙ୍କୀର୍ତ୍ତନ ସମେତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପିତାମ୍ବର ବେହେରା ,ମାନସ, ସତ୍ୟ, ହେମନ୍ତ, ପ୍ରଶାନ୍ତ, ନିରୋଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିପରିରେ ସେବା, ସହାୟତା ଯୋଗାଇବା ରେଡ୍‌କ୍ରସ୍ କର୍ମକର୍ତ୍ତାଙ୍କ କର୍ତ୍ତବ୍ୟ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ ) ମାନବ ସେବା ହିଁ ମାଧବ ସେବା, ସେବାରେ ଆତ୍ମା ତୃପ୍ତ ହୋଇଥାଏ। ଏହି ଆଦର୍ଶକୁ ନେଇ ରେଡକ୍ରସର ଚଳିତ ବର୍ଷର ଥିମ୍ ରଖାଯାଇଛି। ଆମର ସମସ୍ତ କର୍ମ ହୃଦୟରୁ ହିଁ ଆସିଥାଏ (ଏଲିଥିଙ୍ଗ୍ ୱି ଡୁ କମ୍ ଫ୍ରମ୍ ଦି ହାର୍ଟ) ରେଡକ୍ରସର ଏହି ଥିମରେ ସମସ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ଡୁରା ରାମନାରାୟଣ ଡିଗ୍ରୀ କଲେଜ ଯୁବ ରେଡ୍ ?ସ୍ (ୱାଇଆରସି) କାଉନସେଲର ତଥା ପ୍ରାଣୀବିଜ୍ଞାନ ଅଧ୍ୟାପିକା ଡ. ଉଷାରାଣୀ ବ୍ରହ୍ମା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ପିନାକୀ ମହାନ୍ତି କହିଥିଲେ ଯେ, ମାନବିକତା ଦୃଷ୍ଟିରୁ ଅନ୍ୟକୁ ବିପଦବେଳେ ସହାୟତା କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ। କାଉନସେଲର ଡ. ବ୍ରହ୍ମା ଚଳିତବର୍ଷ ରେଡ୍‌କ୍ରସ୍ ଥିମ୍ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ କହିଥିଲେ ଯେ, ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସହ ମହାମାରୀରେ ଅସହାୟ, ଦୁର୍ଗତମାନଙ୍କୁ ଖାଦ୍ୟ, ପାନୀୟଠାରୁ ଚିକିତ୍ସା ସହାୟତା କରିବା ଆମର ପ୍ରାଥମିକ କର୍ତ୍ତବ୍ୟ। ଯଦି ସମସ୍ତେ ଆନ୍ତରିକତାର ସହ କିଛି ସମୟ ଓ ଶ୍ରମ ଦେବା ତେବେ ତାହା ରେଡକ୍ରସର ଉଦ୍ଦେଶ୍ୟ ପୂରଣରେ ସହାୟକ ହୋଇପାରିବ। କାର୍ଯ୍ୟକ୍ରମରେ ନୂତନ ୱାଇଆରସି ସ୍ୱେଚ୍ଛାସେବୀ ଓମ୍ ପ୍ରୀତମ୍ ଦାସ, ସୁଜାତା ପାଣିଗ୍ରାହୀ, ଅଞ୍ଜଳି ବେହେରା, ସ୍ମୃତିରାଣୀ ବେହେରା, ସୁପ୍ରିୟା ପାତ୍ର, କାହ୍ନୁଚରଣ ଗୌଡ଼, ଅମିତ ସାହୁ, ଏସ୍ ଚେକେଶ୍ୱର ରାଓ, ସୁରଜ କୁମାର ବେହେରା, ଲିପିକା ଗୌଡ଼, ସି. ଏଚ୍ ଜୟଶ୍ରୀ ରେଡ୍ଡୀ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା କର୍ମଚାରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଗ୍ରାହକ ସେବା କେନ୍ଦ୍ରରେ ଠକେଇ ଅଭିଯୋଗରେ ଜଣେ ଗିରଫ

ଦୋବଲ, (ଭାସ୍କର ନ୍ୟୁଜ): ଧାମନଗର ବ୍ଲକର କେତେକ ଗ୍ରାହକ ସେବା କେନ୍ଦ୍ରରେ ଗ୍ରାହକ ମାନଙ୍କୁ ଠକେଇ ବିଭିନ୍ନ ଉପାୟରେ ଅର୍ଥ ଉଠାଇ ନେଇ ଯାଉଛନ୍ତି। ଏଥିରେ ନୀରିହ ଲୋକମାନେ ଠକାମୀରେ ଶିକାର ହେଉଛନ୍ତି। ସେହିପରି ଧାମନଗର ବ୍ଲକ ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତରେ ବେଦପୁରରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ଗ୍ରାହକ ସେବା କେନ୍ଦ୍ର (ସିଏସ୍‌ପି) ମଧ୍ୟ ଠକେଇ ଅଭିଯୋଗ ହୋଇଛି। ସିଏସ୍‌ପିର ପରିଚାଳକ ବେଆଇନ ଭାବେ ଗ୍ରାହକଙ୍କ ଅର୍ଥ ହଡ଼ପ କରିଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ସୂଚନା ଥାଉ କି ଗ୍ରାହକଙ୍କ ଅଜଣାନ୍ତରେ ଲକ୍ଷାଧିକ ଟଙ୍କା ଉଠାଇ ନିଆ ଯାଇ ଥିବା ଥାନାରେ ଅଭିଯୋଗ ପରେ ଧାମନଗର ଥାନା ଅଧିକାରୀ ଘଟଣାର ତଦନ୍ତ ପରେ ସେବାକେନ୍ଦ୍ରର ମୁଖ୍ୟ ରଶ୍ମୀ ରଞ୍ଜନ ପତିଙ୍କ ନାମରେ କେଶ ନ ୧୯୯/୨୩ ରେ ମାମଲା କରିବା ସହ ଅଭିଯୁକ୍ତ ରଶ୍ମିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ ଗ୍ରାହକ ସେବା କେନ୍ଦ୍ରରେ ସେପରି କୌଣଷି ଠକେଇ ହୋଇ ନାହିଁ। କେତେକ ଖଳପ୍ରକୃତି ଲୋକ ଆକ୍ରୋଶ ମୂଳକ ଭାବେ ବଦନାମ କରିବା ପାଇଁ ଏପରି ଚକ୍ରାନ୍ତ କରା ଯାଇଛି ବୋଲି ଗିରଫ ହୋଇ ଥିବା ରଶ୍ମୀ ରଂଜନ ପତି ପ୍ରକାଶ କରିଛନ୍ତି।ତେବେ ଘଟଣାର ଅଧିକ ତଦନ୍ତ କରା ଯାଉଛି ପ୍ରକୃତ ସତ୍ୟତା ଜଣା ପଡ଼ିବ ବୋଲି ଥାନା ଅଧିକାରି ବନମାଳୀ ବାରିକ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି

# ଦୁବାଇ ଏକ୍ସପୋଜର ଭିଜିଟ୍ ପାଇଁ ଯିବେ ଆଇଟିଆଇ ଛାତ୍ରୀ ଆଓ୍ୱାରାଣୀ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଦକ୍ଷତା ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପରିଲକଳ୍ପନା ବାସ୍ତବ ରୂପ ନେଉଛି। ସମ୍ପ୍ରତି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କ ନାମ ଲେଖା ବହୁ ପରିମାଣରେ ବୃଦ୍ଧି ପାଉଛି। ଏଠାରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗର ବିଦ୍ୟାର୍ଥୀମାନ ଫାଇଦା ନେବା ସହ କୁଶଳୀ ହୋଇପାରୁଛନ୍ତି। ନିକଟରେ ରାଜ୍ୟ ସରକାର ଦୁବାଇ ଏକ୍ସପୋଜର ଭିଜିଟ୍ ପାଇଁ ରାଜ୍ୟରୁ ବିଭିନ୍ନ ବିଭାଗରେ ପାରଦର୍ଶିତା ଥିବା ବ୍ୟକ୍ତି ବିଶେଷଙ୍କୁ ପଠାଇବାର ବ୍ୟବସ୍ଥା କରିଛନ୍ତି। ଏଥି?ରେ ସାହିତ୍ୟ, ସଂସ୍କୃତି, କଳା, ଅଭିନୟ ଦକ୍ଷତା ବିକାଶ, ଜନ ପ୍ରତିନିଧି, ମିଶନ୍ ଶକ୍ତି ଆଦି ବିଭିନ୍ନ ବର୍ଗରେ ପାରଙ୍ଗମ ୪୦ଜଣ ମହିଳା ଓ ପୁରୁଷ ଦୁବାଇ ଯିବା ଲାଗି ସ୍ଥିର ହୋଇଛି। ଏହିକ୍ରମରେ ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରତିନିଧି କରିବାକୁ ଯାଉଛନ୍ତି ବ୍ରହ୍ମପୁର ଆଇଟିଆଇର ଛାତ୍ରୀ



ଆଓ୍ୱାରାଣୀ ବେହେରା।ସେ ଏଠାରେ ସ୍ଥାନୀୟ ଇଲେକ୍ଟ୍ରିସିଆନ୍ ଟ୍ରେଡ୍‌ରେ ଦ୍ୱିତୀୟ ବର୍ଷର ଛାତ୍ରୀ। ପିଲାବେଳେ ସେ ତାଙ୍କ ଆତ୍ମୀୟ ପରିଜନଙ୍କୁ ହରାଇଥିବା ବେଳେ ଗୋପାଳପୁର ସ୍ଥିତ ଶ୍ରଦ୍ଧା ସଞ୍ଜିବନୀ କେନ୍ଦ୍ରରେ ରହି ଅଧ୍ୟୟନ କରୁଥିବା ଆଇଟିଆଇ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାଯାଇଛି। ଆସନ୍ତା ୧୫ ତାରିଖରେ ସେ ଦୁବାଇ ଗସ୍ତ କରିବେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ କିଛିଦିନ ପୂର୍ବେ ରାଜ୍ୟ ସରାକାରଙ୍କ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନକୁ ଏକ ଚିଠି ହୋଇଥିଲା। ଏଥିରେ ଏକ୍ସପୋଜର ଭିଜିଟ୍ ନିମନ୍ତେ ଦୁଇଜଣ ପ୍ରତିଭାବାନ୍ ଛାତ୍ରୀଙ୍କ ନାମ ପଠାଇବାକୁ କୁହାଯାଇଥିଲା। ଏହିକ୍ରମରେ ଆଇଟିଆଇ ପକ୍ଷରୁ ଆଓ୍ୱାରାଣୀଙ୍କ ନାମ ବିଭାଗକୁ ପଠାଯାଇଥିଲା। ଦକ୍ଷତା ବିକାଶ ବିଭାଗ ମଧ୍ୟ ଏହାକୁ ଅନୁମୋଦନ କରିବା ସହ ଦୁବାଇ ଯିବା ନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିଥିଲେ। ଏଣେ ଆଓ୍ୱାରାଣୀ ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ ଶିଳ୍ପ ତାଲିମ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଆଗ୍ରହ ରହିଛି। ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସହାୟତା ମାଧ୍ୟମରେ ଆଇଟିଆଇ ପଢ଼ିବାର ଓ ସମ୍ପ୍ରତି ଦେଶ ବାହାରକୁ ଯିବାର ସୁଯୋଗ ପାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଯାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ସମସ୍ତ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନ ମଧ୍ୟରୁ ବ୍ରହ୍ମପୁର ଆଇଟିଆଇରେ ସର୍ବାଧିକ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଚଳିତବର୍ଷ ଏଠାରେ ଅଧ୍ୟୟନ ପାଇଁ ବର୍ତ୍ତମାନ ସୁଦ୍ଧା ସମୁଦାୟ ୮୬୬ ଜଣ ବିଦ୍ୟାର୍ଥୀ ଆବେଦନ କରିଥିବା ବେଳେ ଏଥିରୁ ୫୨୬ଜଣ ଛାତ୍ରୀ ରହିଛନ୍ତି। ରାଜ୍ୟ ସରକାରଙ୍କ ସୁଦକ୍ଷା ଯୋଜନା ବିଦ୍ୟାର୍ଥୀମାନଙ୍କୁ ଆଇଟିଆଇ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରୁଛି। ପାଠ ପଢ଼ିବା ପରେ ସେମାନଙ୍କ ପାଇଁ ଆତ୍ମନିଯୁକ୍ତିର ସୁଯୋଗ ବ୍ରହ୍ମପୁର ଆଇଟିଆଇ ପ୍ରଦାନ କରୁଥିବା ଯୋଗୁଁ ଏହି ଅନୁଷ୍ଠାନ ପ୍ରତି ଛାତ୍ରୀମାନେ ବିଶେଷ ଆଗ୍ରହୀ ହେଉଥିବା ଅଧ୍ୟକ୍ଷ ଡ଼କ୍ଟର ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ଆଓ୍ୱାରାଣୀ ଭଳି ରାଜ୍ୟର ମୟୁରଭଞ୍ଜ, ଯାଜପୁର, ରାଉରକେଲା ଓ ମାଲକାନଗିରି ସ୍ଥିତ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରୁ ମଧ୍ୟ ଜଣେ ଲେଖାଏଁ ଛାତ୍ରୀ ଦୁବାଇ ଏକ୍ସପୋଜ ଭିଜିଟ୍‌ରେ ଯାଉଛନ୍ତି। ସେହଭଳି ଗଞ୍ଜାମ ଜିଲ୍ଲା ନନ୍ଦିକା ପଞ୍ଚାୟତର ସରପଞ୍ଚ କୃଷ୍ଣଚନ୍ଦ୍ର ଭୋଳ ମଧ୍ୟ ଦୁବାଇ ଏକ୍ସପୋଜର ଭିଜିଟ୍ କରୁଥିବା ଏହି ତାଲିକାରୁ ଜଣାପଡ଼ିଛି।

ASIRVAD MICRO FINANCE LTD
CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

ବନ୍ଧକ ସୂଚୀ :

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 25.05.2023 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି। ଆମେ ସେହି ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ। ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ

ବନ୍ଧକ ସୂଚୀ :

ଓଡ଼ିଶା ଅନୁଗୁଳ ଛେଣ୍ଡିପଦା – ଜିଏଲ୍ 325270700001135, 325270730012405, 2551, 2566, 2678, କୋସଳା – ଜିଏଲ୍ 325600700001190, 1192, 1214, 1228, 1244, 1250, 1251, 1267, 325600730010151, 0172, 0384, 0490, ସୋନପୁର ଡୁଙ୍ଗୁରିପାଲି – ଜିଏଲ୍ 325580700001809, 1822, 1840, 1917, 325580730009295, 9342, 9346, 9449, 9535, 9655, 9724, 9809, 325580730010061, ବାଲେଶ୍ୱର ବସ୍ତା – ଜିଏଲ୍ 325380700002038, 2065, 325380730016221, 6263, ଗୋପାଳପୁର – ଜିଏଲ୍ 329040700000602, 0603, 0622, 0628, 0644, 0674, 0691, 0693, 0694, 0696, 0704, 0715, 329040730002635, 2880, ମାର୍କୋଣା – ଜିଏଲ୍ 325620700000873, 0901, 0913, 0918, 325620730004541, 4546, 4547, 4954, 4955, ଥାନାଛକ – ଜିଏଲ୍ 328280700001045, 328280730012070, ବାଲେଶ୍ୱର ବାଲିଆପାଳ – ଜିଏଲ୍ 325210700001793, 1794, 1847, 1861, 1884, 325210730013740, 4218, 4432, 4434, 4680, 4817, ବରଗଡ଼ ସୋହେଲା – ଜିଏଲ୍ 328960700000796, 328960730004163, 4542, 4963, ଭଦ୍ରକ 42 ମଉଜା – ଜିଏଲ୍ 325550700001326, 1329, 325550730002061, ତିହିଡ଼ା – ଜିଏଲ୍ 325010700002512, 2548, 2549, 2564, 2578, 2579, 2594, 2616, 2632, 2644, 2657, 2667, 2672, 2684, 2692, 2698, 2702, 2729, 325010730015818, 5824, 5991, 6270, 6391, 6392, 6393, 6396, 6402, 6471, 6499, 6730, 6776, 6818, 6918, 7184, 7226, 7354, 7417, କଟକ ନରସିଂହପୁର – ଜିଏଲ୍ 328970700000548, 0556, 328970730005236, ନୂଆପାଟଣା – ଜିଏଲ୍ 328140700000980, 0981, 0990, 0991, 0992, 1003, 1051, 1091, 1099, 1109, 1112, 328140730008429, 8477, 8555, 8603, 8985, 9150, 9216, 9263, 9294, 9303, 9453, 9518, 9656, 9786, 9977, ଦେବଗଡ଼ ଦେବଗଡ଼ – ଜିଏଲ୍ 325990700001253, 1291, 1292, 1319, 1374, 1380, 325990730003656, ଢେଙ୍କାନାଳ ଗଁଦିଆ – ଜିଏଲ୍ 325910730010042, ରସୋଲ – ଜିଏଲ୍ 325930700000825, 0856, 0877, ଗଞ୍ଜାମ ବେଗୁନିଆପଡ଼ା – ଜିଏଲ୍ 328290700000531, 0559, 0571, 328290730002090, ଦିଗପହଣ୍ଡି – ଜିଏଲ୍ 327560700000977, 0978, ହିଞ୍ଜିଳିକାଟୁ – ଜିଏଲ୍ 327720700000777, ହୁମା – ଜିଏଲ୍ 325980700001316, 1374, 1390, 1436, 325980730008030, 8114, 8121, 8818, 8919, 8954, ରମ୍ଭା – ଜିଏଲ୍ 326580700001412, 326580730002245, ଯାଜପୁର ଜାରକା – ଜିଏଲ୍ 325370700001203, 1247, 1274, 1283, 325370730006366, 6369, 6468, 6490, 6624, 6689, 6776, ମଙ୍ଗଳପୁର – ଜିଏଲ୍ 325000700003085, 3090, 3092, 3094, 3095, 3098, 3100, 3123, 3136, 3150, 3155, 3172, 3196, 3201, 3209, 3228, 3229, 3254, 3268, 325000730013484, 3629, 3782, 3783, 3846, 4182, କେନ୍ଦ୍ରାପଡ଼ା ଆଳି – ଜିଏଲ୍ 325300700001310, 1323, 1328, 1341, 1359, 1391, 1392, 325300730016354, 6740, 6997, 7176, 7215, 7243, 7379, 7607, ରାଜନଗର – ଜିଏଲ୍ 325140700003759, 3792, 3804, 3824, 3856, 3912, 3915, 325140730028535, 8671, 8873, 9411, 9535, 9937, 325140730030197, 0202, 0214, 0484, 0974, କେନ୍ଦୁଝର ଚମ୍ପୁଆ – ଜିଏଲ୍ 326000700001176, 1201, 1206, 326000730004801, 4918, 5173, ଢେଙ୍କାନାଳ – ଜିଏଲ୍ 327830700000811, 0819, 0822, 0828, 0838, 0845, 0851, 0863, 0899, 0904, 0906, 0915, 0916, 0917, 0931, 327830730005208, କେନ୍ଦୁଝର ଛେନାପଦି – ଜିଏଲ୍ 325490700001841, 1977, 1998, 325490730027820, 7875, 9114, 9261, 9266, 9538, 9557, 325490730030076, 0077, 0275, ଖୋର୍ଦ୍ଧା ନିରାକାରପୁର – ଜିଏଲ୍ 325680700002497, 2662, 325680730020535, 1608, 1934, 2102, 2463, ମୟୁରଭଞ୍ଜ ବେଟନୋଟି – ଜିଏଲ୍ 328020700001100, 1144, 1154, 1169, 328020730007171, 7339, ଖୁଣ୍ଟା – ଜିଏଲ୍ 325390700001098, 1135, ବାଲେଶ୍ୱର ଖଇରା – ଜିଏଲ୍ 325220700001415, 1419, 1428, 1437, 1440, 1443, 1444, 1451, 1458, 1465, 325220730014090, 4093, 4517, 4593, 4705, 4825, 4958, 5108, 5189, 5210, 5354, 5378, 5547, ପୁରୀ ଅସ୍ତରଙ୍ଗ – ଜିଏଲ୍ 325090700001608, 1621, 1622, 1624, 1635, 1676, 1687, 1695, 1698, 325090730030550, 1008, 1156, 1215, 1243, 1330, 1509, 1562, 1745, 1820, 1879, 2019, 2091, 2383, ଗୋପ – ଜିଏଲ୍ 325030700003629, 3672, 3674, 3683, 3724, 3742, 3746, 3842, 325030730022736, 2786, 3017, 3018, 4165, 4166, 4525, 4550, କାକଟପୁର – ଜିଏଲ୍ 325180700002706, 2724, 2727, 2785, 2790, 325180730006066, ମାଲୁଦ – ଜିଏଲ୍ 328270730020440, ସୋନପୁର ଚନ୍ଦନପୁର – ଜିଏଲ୍ 325920700001663, 1664, 1745, 325920730014304, 4341, 4342, 4353, 4561, 4876, ସୋନପୁର – ଜିଏଲ୍ 325240700001331, 1333, 1393, 1398, 1411, 1437, 325240730007742, 7920, 8082,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :– ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/– ଜମା କରିବା ଜରୁରୀ। (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ। ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ। ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍।

# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ପରିସରରେ ଥିବା ସେମିନାର ଗୃହରେ ପ୍ରଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛଅଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୬ ଜଣ ନିପୁଣ ଶିଳ୍ପୀ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟକ୍ଷ ଭାବେ ହସ୍ତଶିଳ୍ପ ପ୍ରଶିକ୍ଷକମାନଙ୍କ ଦକ୍ଷତା ବିକାଶ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଦ୍ୱାରା କାରିଗରମାନଙ୍କର ମଧ୍ୟ ଦକ୍ଷତା ବିକାଶ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ସିଡାକ୍‌ର ସଦସ୍ୟ ସଚିବ ଶିଶିର କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଆଲୋକପାତ କରି ନିପୁଣ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ । ସିଡାକ୍‌ର ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ ।



## ହାତୀ ମୃତ୍ୟୁ ମାମଲାରେ ରାଜ୍ୟ ସରକାରଙ୍କ ସତ୍ୟପାଠ ଦାଖଲ




କଟକ(ଭାସ୍କର ନ୍ୟୁଜ୍): ହାତୀ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଦାଖଲ ସତ୍ୟପାଠରେ ହାତୀ ଆକ୍ରମଣରେ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିବା ଦର୍ଶାଯାଇଛି । ସେହିପରି ବିଦ୍ୟୁତ୍ ଆଘାତରେ ୪ଟି ହାତୀଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି । ସେହିପରି ହାତୀ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ପରିବାର ନିମନ୍ତେ ରାଜ୍ୟ ସରକାର ପ୍ରଦାନ କରୁଥିବା ଅନୁକମ୍ପା ରାଶିକୁ ବୃଦ୍ଧି କରିଛନ୍ତି ବୋଲି ଦର୍ଶାଇଛନ୍ତି । ହାଇକୋର୍ଟ ମାମଲାର ଶୁଣାଣି କରି ହାତୀ ମୃତ୍ୟୁ ରୋକିବାକୁ ସୌର ବାଡ ତିଆରି କରିବା ସହ ହୁକିଂ ବନ୍ଦ କରିବାକୁ ଆଦେଶ ଦେଇଛନ୍ତି । ସୌରବାଡ ସଂସ୍ପର୍ଶରେ ହାତୀ ଆସିଲେ ଆଘାତ ପାଇଚାଲିବ । ଫଳରେ ହାତୀର ମୃତ୍ୟୁ ହେବ ନାହିଁ । ବିଦ୍ୟୁତ୍ ବିଭାଗ ଓ ଏସ୍‌ଟିଏଫ୍ ମଧ୍ୟରେ ସମନ୍ୱୟ ବୈଠକ ଡକାଇ ହାତୀ ମୃତ୍ୟୁ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି । ହାତୀ ମୃତ୍ୟୁ ଘଟଣାରେ ବିଗତ ୫ ବର୍ଷରେ ୧୪ଟି ମାମଲା ରୁଜୁ ହୋଇଥିବାବେଳେ ମାତ୍ର ଗୋଟିଏ ମାମଲାରେ ମାତ୍ର ଟ୍ରାଏଲ୍ ଆରମ୍ଭ ହୋଇଛି। ତେଣୁ ଏପରି ଘଟଣାରେ କିପରି ଅଭିଯୁକ୍ତମାନଙ୍କ ବିରୋଧରେ ଶୀଘ୍ର ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରାଯିବ, କୋର୍ଟରେ ଅଭିଯୋଗପତ୍ର ଦାଖଲ କରାଯିବ ଏବଂ ନିମ୍ନ ଅଦାଲତରେ ଏସବୁ ମାମଲାର କିଭଳି ତ୍ୱରିତ ଶୁଣାଣି ହେବ ସେ ସମ୍ପର୍କରେ ରାଜ୍ୟ ପୁଲିସ୍ ଡିଜିଙ୍କୁ ସତ୍ୟପାଠ ଦେବାକୁ ହାଇକୋର୍ଟ କହିଥିଲେ

## କଲେକ୍ଟୋରେଟ ଅଣଗେଜେଟେଡ଼ ଷ୍ଟାଫ କମିଟି କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



କଟକ(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ନବନିର୍ବାଚିତ କଲେକ୍ଟୋରେଟ ଅଣଗେଜେଟେଡ଼ ଷ୍ଟାଫକମିଟିର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ଅଧିକାରୀ ମାନସ କୁମାର ପରିଜା ସମସ୍ତ ନବନିର୍ବାଚିତ କର୍ମକର୍ତାମାନଙ୍କୁ ସୂଚାରୁ ରୂପେ କାର୍ଯ୍ୟ ସଂପାଦନ ନିମନ୍ତେ ଶପଥପାଠ କରାଇଥିଲେ। ଆସନ୍ତା ଦୁଇବର୍ଷ ପାଇଁ କଟକ କଲେକ୍ଟୋରେଟ ଅଣଗେଜେଟେଡ଼ କର୍ମଚାରୀ ଷ୍ଟାଫକମିଟି ନିର୍ବାଚନ ଗତ ମେ ମାସ ୪ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଷ୍ଟାଫକମିଟିର ୯ ଗୋଟି ପଦବୀ ନିମନ୍ତେ ଅନୁଷ୍ଠିତ ଏହି ନିର୍ବାଚନରେ ୧୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିବାବେଳେ ସୁବ୍ରତ କୁମାର ମିଶ୍ର ସଭାପତି, ଗୁରୁ ଗୋବିନ୍ଦ ଦଳାଇ ସାଧାରଣ ସମ୍ପାଦକ, ସ୍ୱାଗତିକା ମହାନ୍ତି ଉପ ସଭାପତି, ସୁବ୍ରତ କୁମାର ସାହୁ ସଙ୍ଗଠନ ସମ୍ପାଦକ, ଜଗନ୍ନାଥ ଦଳାଇ ଅର୍ଥ ସମ୍ପାଦକ, ଉଦୟଭାନୁ ଜେନା କ୍ରୀଡ଼ା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏତଦବ୍ୟତୀତ ସଂସ୍କୃତିକ ସମ୍ପାଦକ ମିଳନ କୁମାର ମଲ୍ଲିକ, ସମ୍ପାଦକ ଚତୁର୍ଥ ଶ୍ରେଣୀବର୍ଗ ସୁରଜ୍ ଶେଖର ଦାସ ଓ ନିଖିଲେସ ପ୍ରଧାନ କ୍ଷେତ୍ର ସମ୍ପାଦକ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନକୁ ନିର୍ବାଚନ ପ୍ରମୁଖ ନିର୍ବାଚନ ଅଧକ୍ଷ ମନୋଜ କୁମାର ପରିଜାଙ୍କ ସହିତ ବିଭିନ୍ନ ଉପବିଭାଗରୁ ମୁଖ୍ୟକିରାଣି, ବରିଷ୍ଠକିରାଣି ଓ କନିଷ୍ଠକିରାଣି ପରିଚାଳନାରେ ସହାୟତା କରିଥିଲେ।

## ୧୫ରେ ଆନ୍ଦୋଳନକୁ ଓହ୍ଲାଇବ କନିଷ୍ଠ ଶିକ୍ଷକ ସଂଘ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଶିକ୍ଷକ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘ ତରଫରୁ ଦାବି କରାଯାଇଛି ଯେ, ଆସନ୍ତା ୧୫ ତାରିଖରେ ଓଡ଼ିଶାରୁ ସମ୍ପୂର୍ଣ୍ଣ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ଫଳରେ ୫୭ ହଜାର କର୍ମଚାରୀମାନଙ୍କ ଚୁକ୍ତିଭିତ୍ତିକ ଉଚ୍ଛେଦ ହେଲା, କିନ୍ତୁ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ଏହି ଉଚ୍ଛେଦରୁ ବାଦ ଦିଆଗଲା। ଏଥିପାଇଁ ସଂଘ ତରଫରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପୂର୍ବରୁ ରାଜ୍ୟ ସରକାର ୨୦୦୭ ମସିହାରେ ୯ ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ କମାଇ ୨୦୦୮ ମସିହାରେ ୬ ବର୍ଷରେ ନିୟମିତ କରିଛନ୍ତି। କିନ୍ତୁ ବର୍ତ୍ତମାନ କାହିଁକି ରାଜ୍ୟ ସରକାର ନିଷ୍ପତ୍ତିରେ ବିଳମ୍ବ କରୁଛନ୍ତି । ସଂଘର ଏହି ଦାବିକୁ ଯଦି ରାଜ୍ୟ ସରକାର ମଇ ମାସ ୧୪ତାରିଖ ସୁଦ୍ଧା ପୂରଣ ନକରନ୍ତି, ତେବେ ମଇ ୧୫ ତାରିଖରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ଅକ୍ଷୟ କୁମାର ପାଢୀ, ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ମହାସଚିବ ଆଦିତ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ଘୋଷଣା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନେତୃତ୍ୱ ସହ ଜିଲ୍ଲା ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।

## ଓଡିଶାରେ ଏଏସିସିଆଇର ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆନ୍ତର୍ଜାତୀୟ ଚାମ୍ବର ତଥା ଏସିଆନ୍ ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଏଏସିସିଆଇ) ଓଡିଶାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ଗଣେଶି ଲାଲ୍ ଏବଂ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏସୀୟ ଓ ଆଫ୍ରିକୀୟ ଦେଶଗୁଡିକରେ ତଥା ରାଜ୍ୟରେ ସାହାଯ୍ୟ, ସହଯୋଗ, ଅର୍ଥନୈତିକ ଅଭିବୃଦ୍ଧି ଓ ବ୍ୟବସାୟିକ ସହଯୋଗିତାକୁ ବଢାଇବାରେ ଏହା ନୂତନ ପଥ ବିକଶିତ କରିବ ବୋଲି ଆଶା ସଂଚାର କରି କହିଛନ୍ତି ରାଜ୍ୟ ସଭାପତି ଡଃ ଲିତା ମହାପାତ୍ର। ଏହା ଭବିଷ୍ୟତର ନେତୃତ୍ୱକୁ ବ୍ୟବସାୟିକ ଅଭିବୃଦ୍ଧିରେ ବିନିଯୋଗ ଏବଂ ବିକାଶ ପାଇଁ ମଧ୍ୟ ପ୍ରୋତ୍ସାହିତ କରିବ। ମହାମାରୀ ପାଇଁ ସାରା ବିଶ୍ୱରେ ଚାଲିଥିବା ମାନ୍ଦାବସ୍ଥାକୁ ଏହା ପ୍ରତିହତ କରିବା ସହ ଭବିଷ୍ୟତରେ ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ନୂତନ ଉପାୟ ଅନ୍ୱେଷଣ କରିବ। ବାଣିଜ୍ୟ, ବ୍ୟବସାୟ ଏବଂ ପୁଞ୍ଜି ବିନିଯୋଗ ପାଇଁ ସହାୟତା ବୃଦ୍ଧି କରିବାକୁ ଅନ୍ୟାନ୍ୟ ଜାତୀୟ ତଥା ଆଞ୍ଚଳିକ ଚାମ୍ବର ସହ ମିଳିତ ଭାବେ କାର୍ଯ୍ୟ କରୁଥିବା ଏଏସିସିଆଇ ଏକ ଟ୍ରାନ୍ସନ୍ୟାଶନାଲ ଚାମ୍ବର ଭାବେ ବିକଶିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପରିଡା ଉପ ସଭାପତି ରୂପେ, ଏଏସିସିଆଇ ଓଡିଶା ଚାପ୍ଟରର ୫୦ଜଣ ଚେୟାରପର୍ସନ ଓ ଭାଇସ୍ ଚେୟାରପର୍ସନଙ୍କ ସହ ବହୁ ବିଶିଷ୍ଟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତଥା କଳିଙ୍ଗ କେଶରୀ ରଥ, ମୋନିକା ନାୟର ପଟନାୟକ, ସୁଭାଷିଶ ଦାସ, ସ୍ମିତି ସ୍ୱେତା ଦାସ, ସୁସ୍ମିତା ମହାନ୍ତି ଏବଂ ଲୈଶା ମହାପାତ୍ରଙ୍କ ପ୍ରମୁଖ ଅନ୍ୟମାନେ ମଧ ଉପସ୍ଥିତ ରହିଥିଲେ।

## ଓମ୍‌ଫେଡ୍‌ର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର କୃଷକମାନଙ୍କ ଆୟବୃଦ୍ଧି ଦିଗରେ ପ୍ରାଣୀପାଳନର ବିଶେଷ ଭୂମିକା ରହିଥିବାବେଳେ ରାଜ୍ୟ ସରକାର ଏଥି ନିମନ୍ତେ ଅନେକ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟ ଦୁଗ୍ଧ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇଛି । ୨୦୦୦ ମସିହାର ଦୁଟ ଉତ୍ପାଦନ ୮ ଲକ୍ଷ ୭୫ ହଜାର ମେଟ୍ରିକ୍ ଟନ୍‌ରୁ ୨୦୨୧ରେ ୨୩ ଲକ୍ଷ ୭୩ ହଜାର ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନରେ ଅଧିକ ବୃଦ୍ଧି ଘଟାଇ ମୁଣ୍ଡପିଛା ହାରାହାରି ଦୁଗ୍ଧ ଉପଲବ୍ଧତା ବଢ଼ାଇବା ଦିଗରେ ଓମ୍‌ଫେଡ୍ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ 'ଓମ୍‌ଫେଡ'ର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଦୁଗ୍ଧଚାଷୀ ସଦସ୍ୟ ସଂଖ୍ୟା ବୃଦ୍ଧି କରି ଦୁଗ୍ଧ ଉତ୍ପାଦନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସହିତ ଜନସାଧାରଣଙ୍କ ନିମନ୍ତେ ପୁଷ୍ଟିକର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ବୃଦ୍ଧି ଦିଗରେ ଓମ୍‌ଫେଡ୍ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁ। ସମବାୟ ସମିତି ଗଠନ ମାଧ୍ୟମରେ ଅଧିକରୁ ଅଧିକ ଦୁଗ୍ଧ ଚାଷୀଙ୍କୁ ଓମ୍‌ଫେଡ୍‌ର ସଦସ୍ୟଭୁକ୍ତ କରିବା ସହିତ ସେମାନଙ୍କୁ ରୋଜଗାର ବୃଦ୍ଧି ଦିଗରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ସେ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ଓମ୍‌ଫେଡ୍ ପକ୍ଷରୁ ପ୍ରକାଶିତ ପୁସ୍ତିକା 'ପ୍ରାଣୀପାଳନ ସହାୟିକା'ର ଶୁଭ ଉନ୍ମୋଚନ ହୋଇଥିଲା । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଯେଦୁଲ୍ଲା ବିଜୟ, ଓମ୍‌ଫେଡ୍ ର ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଚନ୍ଦ୍ର ସିହ୍ନାଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀ, ମିଲ୍କ ୟୁନିୟନର ସଭାପତି ଓ ସଦସ୍ୟସଦସ୍ୟମାନେ ଯୋଗଦେଇଥିଲେ ।

## ସକ୍ଷମ ୨୦୨୩ ସଂସ୍କରଣ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରକୃତି ନିଜେ ଅମୂଲ୍ୟ ଏବଂ ପରିବେଶ ଅନୁକୂଳ ସେବା ସମାଜ ପାଇଁ ଏକ ଅମୂଲ୍ୟ ଲାଭକୁ ପ୍ରତିନିଧିତ୍ୱ କରେ। ମାନବଜାତିର ବଞ୍ଚିବା ପ୍ରକୃତି ଏବଂ ଏକ ସୁସ୍ଥ ପରିବେଶ ଉପରେ ନିର୍ଭର କରେ। ଏହା ବର୍ତ୍ତମାନ ଏକ ଜଣାଶୁଣା କଥା ଯେ, ଜୀବାଶ୍ମ ଇନ୍ଧନରୁ ନର୍ଗମନ ବିଶ୍ୱ ତାପମାତ୍ରାକୁ ବଢାଇଥାଏ। ତେଣୁ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ କମ୍ କରାଯିବା ଏବଂ ବିଶ୍ୱ ତାପମାତ୍ରାର ପ୍ରଭାବକୁ ହ୍ରାସ କରିବା ପାଇଁ ପର୍ଯ୍ୟାୟକ୍ରମେ ଏହା ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ମାନବ ସମାଜ ବିକଳ୍ପ ଶକ୍ତି ବ୍ୟବହାର କରିବାକୁ ପ୍ରସ୍ତୁତ, କିନ୍ତୁ ଜୀବାଶ୍ମ ଅର୍ଥନୀତି ଛାଡ଼ିବାକୁ କିଛି ସମୟ ଲାଗିବ। ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ଆମେ ସର୍ବସାଧାରଣ ଭାବରେ ପେଟ୍ରୋଲିୟମ ଉତ୍ପାଦକୁ ସତର୍କତାର ଏବଂ ଦକ୍ଷତାର ସହିତ ବ୍ୟବହାର କରିବା ଆବଶ୍ୟକ। ସକ୍ଷମ-୨୦୨୩ ହେଉଛି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଅଧୀନରେ ତୈଳ ଶିଳ୍ପ ଦ୍ୱାରା ଏକ ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ। ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ପାଇଁ ଇନ୍ଧନ ସଂରକ୍ଷଣର ଆବଶ୍ୟକତା ବିଷୟରେ ନାଗରିକମାନଙ୍କୁ ସଚେତନ କରିବା ସହିତ ଅଶୋଧିତ ତୈଳ ଆମଦାନୀ ଉପରେ ଭାରତ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ଏହ ଆୟୋଜିତ ହୋଇଛି। ଏହି ବର୍ଷ ଏକ ସଚେତନତା ଡ୍ରାଇଭ ୨୪ ଏପ୍ରିଲ ୨୦୨୩ରୁ ୮ ମଇ, ୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ସକ୍ଷମ ୨୦୨୩ର ଉଦ୍‌ଯାପନୀ କାର୍ଯ୍ୟକ୍ରମ ୮ ମଇ ୨୦୨୩ରେ ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ ଅଫ ଫିଜିକ୍ସଠାରେ ତୈଳ ଇଣ୍ଡଷ୍ଟ୍ରିଜ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍ ଲକ୍ଷ୍ମଣ ପେରୁମାଲ, ଜି.ଏମ୍ ଲ୍ୟୁବ, ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ, ଆଇଓସିଏଲଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ସହିତ ଆରମ୍ଭ ହୋଇଥିଲା। ଏନ.ଏମ୍ ନିମଜେ, ସିଜିଏମ୍ ଆଣ୍ଡ ରାଜ୍ୟ ମୁଖ୍ୟ ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ, ଆଇଓସିଏଲ ତୈଳ ଶିଳ୍ପ ମାନଙ୍କ ତରଫରୁ ସକ୍ଷମ ୨୦୨୩ ପାଇଁ ଉଦ୍‌ଯାପନୀ ଉତ୍ସବର ଏହି ସମାବେଶକୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍‌ପିସିଏଲ, ଗେଲ ଏବଂ ଆଇଓସିଏଲ ଭଳି ତୈଳ ଶିଳ୍ପର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଶେଷରେ ଗେଲ୍‌ର ଡିଜିଏମ୍ ଶ୍ରୀ ନିଗମାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନର୍ସିଂହୋମ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଚଢଉ

**୭୦ ହଜାର ଜରିମାନା**

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ(ସିଏମସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ମଙ୍ଗଳବାର ବେଆଇନ ଭାବେ ଚାଲୁଥିବା ଜଗତପୁରର ଦୁଇଟି ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ କେନ୍ଦ୍ର ଉପରେ ଚଢାଉ କରାଯାଇ ଗୋଟିଏକୁ ସିଲ କରିଦିଆଯାଇଥିବା ସହ ଉଭୟଙ୍କ ନିକଟରୁ ଜୋରିମାନା ସ୍ୱରୂପ ୭୦ ହଜାର ଟଙ୍କା ଆଦାୟ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ ସିଏମ୍‌ସିର ଏନଫୋର୍ସମେଣ୍ଟ ଟିମ ଜଗତପୁରସ୍ଥିତ ଓମ ସାଇ ତ୍ରିମୂର୍ତ୍ତି ହେଲଥ କେୟାର ଓ ଅଲଟ୍ରା ହସ୍ପିଟାଲ ଆଣ୍ଡ ଡାଇଗ୍ନୋଷ୍ଟିକ କେନ୍ଦ୍ର ଉପରେ ଚଢାଉ କରିଥିଲେ । ନିୟମ ଉଲ୍ଲଙ୍ଘନ କରି ବ୍ୟବସାୟ ଚଳାଉଥିବା, ନଥିପତ୍ର ନଥିବା, ଫାୟାର ସେଫ୍ଟି ଏବଂ ପାର୍କିଂ ସ୍ଥାନ ନଥିବାରୁ ଅଲଟ୍ରା ହସ୍ପିଟାଲ ଆଣ୍ଡ ଡାଇଗ୍ନୋଷ୍ଟିକ ସେଣ୍ଟର ଉପରେ ୫୦ ହଜାର ଟଙ୍କା ଜୋରିମାନା କରାଯାଇଥିବା ସହ ୨୪ ଘଣ୍ଟା ମଧ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନର ସମସ୍ତ ନଥିପତ୍ର ଦାଖଲ କରିବାକୁ ନିଦର୍ଦ୍ଦେଶ ଦିଆଯାଇଛି । ନଚେତ ସଂସ୍ଥାକୁ ସିଲ କରିଦିଆଯିବ ବୋଲି ସିଏମ୍‌ସି ପକ୍ଷରୁ ଦିଆଯାଇଥିବା ନୋଟିସରେ ଦର୍ଶାଯାଇଛି । ସେହିପରି ଓମ୍ ସାଇ ତ୍ରିମୂର୍ତ୍ତି ହେଲଥ କେୟାର ନର୍ସିଂହୋମ କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇ ତାହାକୁ ସିଲ କରିଦିଆଯାଇଛି। ଏହି ଚଢାଉରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ ମହାନ୍ତି, ଏନଫୋର୍ସମେଣ୍ଟ ସ୍କ୍ୱାଡର ଇନ୍‌ଚାର୍ଜ ପଞ୍ଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲ, ଲାଇସେନ୍ସ ବିଭାଗ ଟିମ୍ ଓ ସିଡିଇଏଫର ୨ଟି ଟିମ୍ ସାମିଲ ଥିଲେ।

## ୧୨ରେ ଏନ୍‌ସିଏସ୍‌ସିଡ଼ିଏ ପକ୍ଷରୁ ନିଯୁକ୍ତି ମେଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୧୨ ତାରିଖରେ ସମସ୍ତ ଯୁବକ ଏବଂ ଯୁବତୀମାନଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର, (ଏନସିଏସସିଡ଼ିଏ) ଭୁବନେଶ୍ୱର ତରଫରୁ ଏନସିଏସସିଡ଼ିଏ କ୍ୟାମ୍ପସ ପରିସରରେ ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ସେଥିରେ ଚଳନ ଶକ୍ତି ରହିତ ଭିନ୍ନକ୍ଷମ ମାନେ ମଧ୍ୟ ଭାଗ ନେଇ ପାରିବେ। ଏହି ମେଳାରେ ଉଭୟ ଭିନ୍ନକ୍ଷମ ଏବଂ ଅଣଭିନ୍ନକ୍ଷମ ଯୁବକ ଏବଂ ଯୁବତୀ ମାନେ ଭାଗ ନେଇ ପାରିବେ। ସମସ୍ତ ଚାକିରି ଆଶାୟୀ ପ୍ରାର୍ଥୀ ନିଜର ଶିକ୍ଷାଗତ ପ୍ରମାଣପତ୍ରର ନକଲ, ଆଧାର କାର୍ଡ, ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ଭିନ୍ନକ୍ଷମ ପ୍ରମାଣପତ୍ର(ଯେଉଁ ମାନେ ଭିନ୍ନକ୍ଷମ) ଏବଂ ବାୟୋ ଡାଟା ଇତ୍ୟାଦି ଡକ୍ୟୁମେଂଟ୍ ସହିତ ଚାକିରି ମେଳାରେ ଯୋଗଦେବାକୁ କୁହାଯାଇଛି।






କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ରେଡକ୍ରସ ସମିତି ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ୍ ସମିତି ଉପସଭାପତି ରାଜେନ୍ଦ୍ର ମାଝୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଆପଦା ମିତ୍ର ସ୍ୱେଚ୍ଛାସେବୀ, ସ୍ପୋର୍ଟସ ହଷ୍ଟେଲ ଛାତ୍ରଙ୍କ ସମେତ ରେଡକ୍ରସ୍ ସଦସ୍ୟମାନେ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରେଡକ୍ରସର ସଂସ୍ଥାପକ ସାର୍ ହେନେରି ଡୁନାଣ୍ଟ ଅମର ରହେ, ରେଡକ୍ରସର ୩ଟି ବର୍ଗୀ ସ୍ୱାସ୍ଥ୍ୟସେବା, ବିଶ୍ୱ ବନ୍ଧୁତା ଏବଂ ରକ୍ତଦାନ ମହତ ଦାନ ଆଦି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାକୁ ରେଡକ୍ରସର ଆଜୀବନ ସଦସ୍ୟ ଶେକ ଇବ୍ରାହିମ୍, ବିଜୟ ସାହୁ, ଚିନ୍ତାମଣି ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରିଥିବା ଶୋଭାଯାତ୍ରା ମୁଖ୍ୟରାସ୍ତା ଦେଇ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପହଞ୍ଚିଥିଲା। ବିଦ୍ୟାଳୟ ପରିସରରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତଥା ଜିଲ୍ଲା ରେଡକ୍ରସ ସମିତି ସମ୍ପାଦକ ଜ୍ଞାନଜିତ ତ୍ରିପାଠୀ ରେଡକ୍ରସ ପତାକାଉତ୍ତୋଳନ କରିଥିଲେ। ଏନ୍‌ଡିଆରଆର୍‌ର ଜିଲ୍ଲା ସଂଯୋଜକ ଅବନୀକାନ୍ତ ଭୂୟାଁ, ସିଓ୍ୱାର ଜିଲ୍ଲା ସଂଯୋଜକ ଡ.ନରେଶ ଚନ୍ଦ୍ର ସାହୁ, ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ଯଜ୍ଞେଶର ପଣ୍ଡା, ସମ୍ପାଦକ ଭୀମ ବେହେରା, ରଶ୍ମିତା ବେହେରାଙ୍କ ରେଡକ୍ରସର ଆଜୀବନ ସଦସ୍ୟ ଓ ଛାତଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା।

# କଂଗ୍ରେସ ପକ୍ଷରୁ କୋରାପୁଟ ଜିଲ୍ଲା ୧୨ ଘଣ୍ଟା ବନ୍ଦ



ଜୟପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି ଜିଲା କଂଗ୍ରେସ। ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ଦୋକାନ, ବଜାର, ଚକ, ଅଖ, ସରକାରୀ କାଯ୍ୟାଳୟ ସବୁ ବନ୍ଦ ରହିଥିଲା। ଶହଶହ ଗାଡି ଅଟକି ରହିଥିଲା। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଗଣ ମାଧ୍ୟମକୁ ସୁଚନା ଦେଇଥିଲେ। ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କୋରାପୁଟ ଜିଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଜ ଜିଲାରେ ନିଯୁକ୍ତି ସୁଯୋଗ ଦେବା, କୋରାପୁଟ ଜିଲାର ସିଟି, ବିଇଡି ଏବଂ ଡିଆଇଇଟି ତାଲିମ ପ୍ରାପ୍ତ ଯୁବକ ଯୁବତୀମାନଙ୍କୁ ଆଗ୍ରାଧିକାର ଭିତ୍ତିରେ କୋରାପୁଟ ଜିଲାରେ ଶିକ୍ଷକ/ଶିକ୍ଷୟିତ୍ରୀ ନିଯୁକ୍ତି ଦିଆଯାଉ, କୋରାପୁଟ ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡିକରେ ସ୍ଥାନୀୟ ନିଯୁକ୍ତି ଦିଆଯାଉ, ଏହି ଜିଲାର ତାଲିମ ପ୍ରାପ୍ତ ଏଏନ୍‌ଏମ୍ ଏବଂ ବିଏସି ନର୍ସିଂ ପ୍ରାର୍ଥିମାନଙ୍କୁ ଆଗ୍ରାଧିକାରି ଭିତ୍ତିରେ ନିଯୁକ୍ତି ଦିଆଯାଉ, କୋରାପୁଟଠାରେ ଥିବା ବିଇଡି କଲେଜରେ ଦୀର୍ଘ ତିନି ବର୍ଷ ହେଲା ବିଭିନ୍ନ ଅଧାପକ ପଦବୀ ଖାଲି ରହିଛି ଏବଂ ପିଲାଙ୍କ ପ୍ରବେଶ ବନ୍ଦ ରହିଛି। ଫଳରେ ଜିଲାର ଛାତ୍ରଛାତ୍ରୀମାନେ ତାଲିମ ପାଇ ଅନ୍ୟ ରାଜ୍ୟକୁ ଯାଇ ବିଭିନ୍ନ ଠକାମିର ଶୀକାର ହେଉଛନ୍ତି। ତେଣୁ ତୁରନ୍ତ ବନ୍ଦ ହୋଇ ରହିଥିବା ବିଇଡି କଲେଜକୁ ଶହେ ସିଟ୍ ବିଶିଷ୍ଟ କରି ଖୋଲାଯାଉ। ଜୟପୁରଠାରେ କେନ୍ଦ୍ରୀୟ ଡ୍ରାଇଭିଂ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଆଦି ଦାବି କରାଯାଇ ଜିଲାକୁ ବନ୍ଦ କରାଯାଇଛି। ପୋଲିସ ତରଫରୁ ସୁରକ୍ଷାକୁ କଡ଼ା କଡି କରାଯାଇଛି। ଆମ୍ବଗୁଡା, ଗାନ୍ଧି ଛକଠାରେ ମଧ ରାସ୍ତା ଅବରୋଧ କରାଯାଇଛି। ଏହି ବନ୍ଦ ପାଳନ ସମୟରେ ଜୟପୁର ଟ୍ରାଫିକ ଛକରେ ବିଧାୟକ ବାହିନିପତିଙ୍କ ସହ ପୌରାଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ନିହାର ବିଶୋୟୀ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, କାନ୍ତ ପାତ୍ରୀ, ସରତ ଚନ୍ଦ୍ର ବୁରୁଦା ସମେତ ଶତାଧିକ କଂଗ୍ରେସ କର୍ମି ଓ ନେତା ଉପସ୍ଥିତ ଥିଲେ। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କହିଛନ୍ତି। ଏହି ବନ୍ଦ ଡାକରାକୁ ସିପିଆଇ କୋରାପୁଟ ଜିଲା ତରଫରୁ ସମର୍ଥନ ଦିଆଯାଇଛି। ଏନେଇ ସିପିଆଇ ତରଫରୁ ଟ୍ରାଫିକ ଛକରେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ସମସ୍ତ ଦାବିକୁ ସମର୍ଥନ କରିବା ସହ ମହିଳା କୁସ୍ତି ଖେଳାଳିଙ୍କୁ ନ୍ୟାୟ, କୋଟିଆ ବିବାଦର ସମାଧାନ, କାଗଜ କଳର ସମସ୍ୟାର ସମାଧାନ ଆଦି ଦାବିରେ ସିପିଆଇର ବିକ୍ଷୋଭ କରିଛି। ଦଳୀୟ ପତକା ଓ ବ୍ୟାନର ଧରି ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ କୋରାପୁଟ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ସତ୍ୟ ବ୍ରତ ନନ୍ଦ, ସୁଶାନ୍ତ ଅଧିକାରୀ, ରାମ କୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କୋରାପୁଟ, (ଭାସ୍କର ନ୍ୟୁଜ୍): ମଙ୍ଗଳବାର କୋରାପୁଟ ଜିଲ୍ଲା ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇ ସଫଳ କରିଛି ଜିଲ୍ଲା କଂଗ୍ରେସ। ଜିଲ୍ଲାରେ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏଁ ଚକ ଅଖ ଦୋକାନ ବଜାର ବନ୍ଦ ରହିଛି। ଜିଲ୍ଲା ପ୍ରତି କେନ୍ଦ୍ର ଓ ରାଜ୍ୟସରକାରଙ୍କ ବୈମାତୃକ ମନୋଭାବ ଓ ଅବହେଳା ଅଭିଯୋଗରେ ବନ୍ଦ ଡାକରା ଦିଆଯାଇଥିବା କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବି, ଜିଲ୍ଲାରେ ବିଭିନ୍ନ ସରକାରୀ ଚାକିରିରେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଆଦି ଦାବି ହୋଇଛି। ସେହିପରି କେନ୍ଦ୍ରିୟ ଡ୍ରାଇଭିଂ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଏବଂ କୋରାପୁଟରେ ବନ୍ଦ ହୋଇଥିବା ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟକୁ ୧୦୦ ସିଟ୍ ବିଶିଷ୍ଟ କରି ପୁନର୍ବାର ଚାଲୁ କରିବା ଦାବିରେ ଜିଲ୍ଲା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି ବନ୍ଦ ଡାକରା ଦେଇଥିଲେ। ବନ୍ଦକୁ ଜିଲ୍ଲାର ବିଭିନ୍ନ ବ୍ୟବସାୟୀ ସଂଘ ସହ ବିଭିନ୍ନ ଅନୁଷ୍ଠାନ ସମର୍ଥନ ଜଣାଇଛି। କୋରାପୁଟ ସହରର ମୁଖ୍ୟ ଟ୍ରାଫିକ ଛକଠାରେ କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତା ଅବରୋଧ କରି ବସିରହିଥିଲେ। ଜିଲ୍ଲା ସଦର ମହକୁମା ସହ ଜୟପୁର, ବୋରିଗୁମା, କୋଟପଡ଼, କୁନ୍ଦୁରା, ବୈପାରିଗୁଡା, ସୁନାବେଡା, ସେମିଳିଗୁଡା, ଲକ୍ଷ୍ମୀପୁର ଆଦି ସମସ୍ତ ଅଞ୍ଚଳରେ ଗାଡି ଚଳାଚଳ ସହ ଦୋକାନ ବଜାର ବନ୍ଦ ରହିଥିଲା। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କୋରାପୁଟ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ନିମାଇଁ ସରକାର, ରୂପକ ତୁରୁକ, ଭଗବାନ ବାହିନୀପତି, ଜଗଦୀଶ ଖୋସଲା, ବାବୁଲା ବେନିଆ, ରମେଶ ଖରା, ଗୋପୀ ପଲେଇ, ଜୟନ୍ତ କଟିମ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ।

## ଓଡ଼ିଶା ୟୁଏସ୍‌ଆଇ ସଂଗଠନ ଓ ଜାମଦା ଥାନା ପକ୍ଷରୁ ସରବତ ବଣ୍ଟନ

ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ୍ ବାଘିଆ ଗାଁ ତଥା ରାଇରଙ୍ଗପୁର-ଜାମଦା ହାଇୱେ ରାସ୍ତା କଡ଼ରେ ମାତୃ ଦିବସ ଉପଲକ୍ଷେ ୟୁଏସ୍‌ଆଇ ସଂଗଠନ ତରଫରୁ ଦହି ସରବତ ଓ ଖେଚୁଡ଼ି ବଣ୍ଟନ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଅଞ୍ଜନ ଦାଶ ଓ ଆନନ୍ଦ ବିନ୍ଧାଣୀ (ସମାଜସେବୀ)ଙ୍କ ଦ୍ୱାରା ହୋଇଯାଇଛି। ୟୁଏସ୍‌ଆଇ ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ୟୁଏସ୍‌ଆଇ ସଂଗଠନର ସହଯୋଗୀ ସଂଯୋଜକ ଲକ୍ଷ୍ମଣ ଟୁଡୁଙ୍କ ସହଯୋଗରେ ବାଘିଆ ଗ୍ରାମର ବାଳକବାଳିକାଙ୍କୁ ଖେଚୁଡ଼ି ବଣ୍ଟନ କରାଯାଇଥିଲାବେଳେ ରାଇରଙ୍ଗପୁର-ଜାମଦା ହାଇୱେ ରାସ୍ତାରେ ଯାତାୟତ କରୁଥିବା ବସ୍‌ଯାତ୍ରୀ, ପଥଚାରୀ ବ୍ୟକ୍ତିଗଣଙ୍କୁ ଦହି, ଓଆର୍‌ଏସ୍ ସରବତ ପ୍ରଦାନ କରାଯାଇଛି। ପକ୍ଷୀମାନଙ୍କ ପାଇଁ ୨୦ଗୋଟି ଗଛରେ ପଲମ ବାନ୍ଧି ପାଣି ଭର୍ତ୍ତି କରାଯାଇଛି। ଯାହାଫଳରେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇଁ ତୃଷାର୍ତ୍ତ ପକ୍ଷୀମାନେ ଜଳ ପିଇ ପାରିବେ। ସେହିପରି ଜାମଦା ଥାନା ପକ୍ଷରୁ ଆଇଆଇସି କୃଷ୍ଣ ଚନ୍ଦ୍ର ଜାନିଙ୍କ ଅଧ୍ୟକ୍ଷତାରେ ପ୍ରତିଦିନ କ୍ୱାସ ସରବତ, ଲେମ୍ବୁ ସରବତ୍, ଦହି ସରବତ, ପଣା ଆଦି ବ୍ୟବସ୍ଥା କରାଯାଉଛି। ବ୍ଲକକୁ ଆସୁଥିବା ବିଭିନ୍ନ କର୍ମଚାରୀ, ଥାନାକୁ ଆସୁଥିବା ଅଭିଯୋଗକାରୀ, ରାସ୍ତାରେ ଯାତାୟତ କରୁଥିବା ବ୍ୟକ୍ତିମାନଙ୍କୁ ବିଭିନ୍ନ ସରବତ ବଣ୍ଟନ କରାଯାଉଛି। ଟାଣ ଖରା ଯୋଗୁଁ ମଣିଷ ହାଲିଆ ହେଉଥିବା ଦେଖି ଲୋକମାନଙ୍କୁ ଆହ୍ୱାନ କରି ସରବତ ବଣ୍ଟନ କରାଯାଉଛି। ଓଡ଼ିଶା ୟୁଏସ୍‌ଆଇ ସଂଗଠନ ଓ ଜାମଦା ଥାନା ପକ୍ଷରୁ ଜନସାଧାରଣମାନଙ୍କୁ ଖରାରେ ପଦାକୁ ବାହାରନ୍ତୁ ନାହିଁ, ଆବଶ୍ୟକ ହେଲେ ମୁଣ୍ଡରେ ଧଳା ଗାମୁଛା ପରିଧାନ କରିବା ପୂର୍ବକ ଆଖିରେ କଳା ଚଷମା ଲଗାନ୍ତୁ ଏବଂ ପ୍ରଚୁର ପରିମାଣରେ ବାଳିହାଣ୍ଡିର ପାଣି ପାନ କରନ୍ତୁ ବୋଲି ଉପଦେଶ ଦିଆଯାଉଛି। ୟୁଏସ୍‌ଆଇ ସଂଗଠନର ସଭ୍ୟ ଓ ଜାମଦା ଥାନା କର୍ମଚାରୀଗଣ ସରନତ ବଣ୍ଟନରେ ଭାଗ ନେଇଥିଲେ।

### ଶିକ୍ଷାର ବିକାଶ ପାଇଁ ତତ୍ପର ରାଜ୍ୟ ସରକାର

## ୪୯ଟି ରୂପାନ୍ତର ବିଦ୍ୟାଳୟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ବାଲିମେଳା, (ଭାସ୍କର ନ୍ୟୁଜ୍): ୫-ଟି ବିଦ୍ୟାଳୟ ରୂପାନ୍ତରୀ କରଣ ଅଭିଯାନର ତୃତୀୟ ପର୍ଯ୍ୟାୟରେ ଆଜି ମାଲକାନଗିରି ଜିଲ୍ଲାର ମୋଟ ୪୯ଟି ବିଦ୍ୟାଳୟକୁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସି ଜରିଆରେ ଅପରାହ୍ନ ପ୍ରାୟ ସାଢେ ୫ ଟାରେ ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଛନ୍ତି। ତେବେ ଆଜି ପୁଣି ଜିଲ୍ଲାର ୪୯ ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇଥିବା ବେଳେ ଏହା ପିଲାଙ୍କୁ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ଶିକ୍ଷାବିତମାନେ ପ୍ରକାଶ କରିଛନ୍ତି। ଆଜି ରୂପାନ୍ତରିତ ହୋଇଥିବା ବିଦ୍ୟାଳୟ ମଧ୍ୟରେ ମାଲକାନଗିରି ବ୍ଲକ୍‌ର ୭ଟି, ମାଲକାନଗିରି ପୌରାଞ୍ଚଳରେ ଗୋଟିଏ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଗୋଟିଏ, ଖଇରପୁଟ ବ୍ଲକ୍‌ର ୬ଟି, କୋରୁକୋଣ୍ଡା ବ୍ଲକ୍‌ର ୪ଟି,




ଚିତ୍ରକୋଣ୍ଡା ବ୍ଲକ୍‌ର ୬ଟି, ମାଥିଲି ବ୍ଲକ୍‌ର ୮ଟି କାଲିମେଳା ବ୍ଲକ୍‌ର ୧୦ଟି ଓ ପଡିଆ ବ୍ଲକ୍‌ର ୬ଟି ବିଦ୍ୟାଳୟ ସ୍ଥାନ ପାଇଛି। ମାଲକାନଗିରି ଗନ୍ଧିପାଲ୍ଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଜିର ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ସଚିବ ଭିକେ ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ଗୁଡିକର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ '୫-ଟି' ସଚିବ ଶ୍ରୀ ପାଣ୍ଡିଆନ ବିଦ୍ୟାଳୟର ଛାତ୍ରୀ ସୁପ୍ରିୟା ରାୟଙ୍କ ସହ କଥା ମଧ ହୋଇଥିଲେ। ସେ କୁମାରୀ ରାୟଙ୍କୁ ଭବିଷ୍ୟତରେ କଣ ହେବାକୁ ଆସା ରଖିଥିବା ପଚାରିଥିବା ବେଳେ ଛାତ୍ରୀ ଜଣଙ୍କ ଭବିଷ୍ୟତରେ ଡାକ୍ତର ହେବାକୁ ଆସା ରଖିଥିବା ପ୍ରକାଶ କରିଥିଲେ। ଏହାସହ ମାଲକାନଗିରି ଭଳି ପଛୁଆ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଏହିପରି ଉନ୍ନତ ଶିକ୍ଷା ବ୍ୟବସ୍ଥା ଯୋଗାଇଥିବାରୁ ଛାତ୍ରୀ ଜଣଙ୍କ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ମଧ ଜଣାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ଶମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଆଡମା ରାବା, ଜିଲ୍ଲାପାଳ ବିଶାଲ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖଙ୍କ ସହ ବହୁ ଅଧିକାରୀ, ଶିକ୍ଷକ ଶିକ୍ଷୟତ୍ରିମାନେ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ମଧ ସାମିଲ ହୋଇଥିଲେ।

## ନାଟକ 'ଚାଖି ଖୁଣ୍ଟିଆ' ବଖାଣିଲା ବିପ୍ଳବୀ ଓଡ଼ିଆ ପୁଅର ଗାଥା

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ତାଙ୍କ ପ୍ରକୃତ ନାମ ଚନ୍ଦନ ହଜୁର। ସାରା ଭାରତବର୍ଷରେ ସେ ଚାଖି ଖୁଣ୍ଟିଆ ଭାବେ ପରିଚିତ। ସେ ଜଣେ ଯୋଦ୍ଧା ଓ ମଲ୍ଲ ବୀର। ଝାଂସିରାଣୀ ଲକ୍ଷ୍ମୀବାଇଙ୍କ ଡାକରାରେ ୧୮୫୭ ସିପାହୀ ବିଦ୍ରୋହରେ ସେ ଯୋଗଦେଇଥିଲେ। ଝାଂସିରେ ଅନେକ ଜଗନ୍ନାଥ ଭକ୍ତଙ୍କ ଏକତ୍ରିତ କରି ସେ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ବନ୍ଦୀ ହୋଇ ଗୟା ଜେଲରେ ରହି ୧୮୫୭ ମସିହାରେ ଜେଲରୁ ମୁକୁଳି ପରବର୍ତ୍ତୀ ଜୀବନ ପୁରୀରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପି ସେ ଅନେକ କାଳଜୟୀ ଭଜନ ରଚନା କରିଥିଲେ।

୧୮୭୦ ମସିହାରେ ପୁରୀରେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଦେହାବସାନ ହୋଇଥିଲା। ଚାଖି ଖୁଣ୍ଟିଆ ଭଳି ଜଣେ ଓଡ଼ିଆ ବିପ୍ଳବୀଙ୍କ ଗାଥା ବଖାଣିଛି ସୋମବାର ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ପରିବେଷିତ ନାଟକ 'ଚାଖି ଖୁଣ୍ଟିଆ'।

ଭୁବନେଶ୍ୱର ପଞ୍ଚମବେଦ ନାଟ୍ୟସଂସ୍ଥା ତରଫରୁ ପରିବେଷିତ ଏହି ନାଟକକୁ ପଦ୍ମଶ୍ରୀ ରଜତ କର ରଚନା କରିଥିବା ବେଳେ ପ୍ରକାଶ ମହାରଣା ନିର୍ଦ୍ଦେଶନା ଦେଇଥିଲେ। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହରେନ ସାହୁ ନାଟକର ଦିଗ୍‌ଦର୍ଶକ ରହିଥିବା ବେଳେ ସଂଗୀତରେ ବିନୟ ଦାସ, ମଞ୍ଚପରିକଳ୍ପନା ବିଜୟନ୍ତ ଦାସ, ମଞ୍ଚ ପରିଚାଳନା ସୁରେନ୍ଦ୍ର ନାଥ ଗୌଡ଼, ଅଭିମନ୍ୟୁ ସେଠୀ, ଆଲୋକରେ ଶବର ନାୟକ, ନୃତ୍ୟ ନିର୍ଦ୍ଦେଶନାରେ ରୁବୀ ହାତୀ ପ୍ରମୁଖ ରହିଥିବା ବେଳେ ଅଚ୍ୟୁତାନନ୍ଦ ମୁଦୁଲି ଓ ସାସ୍ୱତ ସତ୍ୟପ୍ରକାଶ ରଥ ନିର୍ଦ୍ଦେଶନାରେ ସହଯୋଗ କରିଥିଲେ।

ନାଟକ ପୂର୍ବରୁ ଆୟୋଜିତ ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ କମିଟିର ଉପାଧ୍ୟକ୍ଷ ନାରାୟଣ ମହାଙ୍କୁଡ଼ଙ୍କ ସଭାପତିତ୍ୱରେ ସଭାରେ ଓଡ଼ିଶା ନାଟ୍ୟସଂଘର ସଭାପତି ତଥା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହରେନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଶ୍ରୀ ଫାଉଣ୍ଡେସନର ସଭାପତି ଭବାନୀ ଶଙ୍କର ମିଶ୍ର ଏବଂ ଗଞ୍ଜାମ ଜିଲ୍ଲା ହୋଟେଲ ସଂଘ ସଭାପତି ଉମାଚରଣ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

କୈଳାସ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆରତୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ରାଜୁ ପାଢ଼ୀ, ସଭାପତି ଅନିଲ ପାତ୍ର, ସାଧାରଣ ସମ୍ପାଦକ ସାପା ସୀମାଦ୍ରୀ, ସମ୍ପାଦକ ଶଙ୍କର୍ଷଣ ସାବତ, ମହୋତ୍ସବ କମିଟି ଅଧ୍ୟକ୍ଷ ଡ଼. ମିହିର ତ୍ରିପାଠୀ, ନାଟ୍ୟ ନିର୍ଦ୍ଦେଶକ ପାଢ଼ୀ, ରବୀନ୍ଦ୍ର ନାୟକ, ବେବି ହାଲଦାର, କାଳିଆ, କାମେଶ୍ୱର ରାଉଳ, ଦୀପକ, ସୁନୀଲ, ମୁନା, ନଳିନୀ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

## କଂଗ୍ରେସର ପକ୍ଷରୁ ବନ୍ଦ ଡାକରା



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟିଆ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଏଇ ମାଟିରୁ ଖଣି, ପାଣି ଓ ବିଦ୍ୟୁତ୍ ଯୋଗାଣରୁ ହଜାରହଜାର କୋଟି ଟଙ୍କା ରାଜସ୍ୱ ପାଇ ବି କୋରାପୁଟ ଜିଲ୍ଲାକୁ ଅଣଦେଖା କରି ଚାଲିଛନ୍ତି। ଏହାକୁ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବିଧାନ ସଭାରେ ବାରବାର ଦାବି କରିଆସୁଥିଲେ ମଧ ଉଭୟ ସରକାର ଏଥିପ୍ରତି ହେୟଜ୍ଞାନ କରି ଚାଲି ଥିବାରୁ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନେଇ ଆଜି ବନ୍ଦ ଡାକରା ଦିଆ ଯାଇଥିଲା। ଜିଲ୍ଲା କଂଗ୍ରେସ୍ ସଭା ନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଆହ୍ୱାନ କ୍ରମେ ବ୍ଲକ ସଭାପତି କୈଳାସ ଚନ୍ଦ୍ର ଖସଲାଙ୍କ ନେତୃତ୍ୱରେ ସାତ ଦଫା ଦାବି ନେଇ ବଜାର ଉପରେ ବେରିକେଟ୍ ଲଗାଇ କଂଗ୍ରେସ କର୍ମୀମାନେ ସକାଳ ଆଠଟାରୁ ବସି ରହିଥିବା ଦେଖିବାକୁ ମିଳିଥିଲା। କୋରାପୁଟ ଜିଲ୍ଲାର ସିଟି, ବିଇଡି, ଡିଆଇଇଟି ତାଲିମ ପ୍ରାପ୍ତ ଯୁବକ ଯୁବତୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଏଠାରେ ହିଁ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦିଆଯାଉ, ବିଭିନ୍ନ କାର୍ଯ୍ୟାଳୟରେ ଖାଲି ପଡିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚରୀ ପଦବୀ ଗୁଡିକରେ କୋରାପୁଟିଆ ପିଲାମାନଙ୍କୁ ନିଯୁକ୍ତି, ସେହିପରି ଜିଲ୍ଲାରେ ତାଲିମ ପ୍ରାପ୍ତ ଏଏନ୍‌ଏମ୍ ଓ ବିଏସ୍‌ସି ନର୍ସିଂ ପ୍ରାଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ବିଇଡି କଲେଜରେ ଖାଲି ପଡିଥିବା ଅଧାପକ ପଦବୀ ପୁରଣ କରିବା ସହ ତୁରନ୍ତ ପ୍ରବେଶିକା ପରିକ୍ଷା କରାଜାଉ, ଜୟପୁରଠାରେ ଏକ ସରକାରୀ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠାନ ଭଳି ଅନେକ ଦାବି ଗୁଡିକୁ ନେଇ ବନ୍ଦ ପାଳନ କରାଯାଇଥିଲା। ଲକ୍ଷ୍ମୀପୁର ବଣିକ ସଂଘ ଏହି ବନ୍ଦକୁ ସମର୍ଥନ ଦେଇଥିବା ବେଳେ ସମ୍ପୂର୍ଣ୍ଣ ବଜାର ବନ୍ଦ ରହିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନ ବାହାନ ଅଟକି ରହିଥିଲା ବେଳେ ଚଳପ୍ରଚଳରେ ବାଧା ଉପୁଜିଥିଲା। ଏଇ ବନ୍ଦ ପାଳନକୁ ନେଇ ଅନେକ ସରକାରୀ ଓ ବେସରକାରୀ କର୍ମଚାରୀ ନିଜ ନିଜ କାର୍ଯ୍ୟାଳୟରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏହି ବନ୍ଦ ପାଳନ ବେଳେ ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ହିମେରିକା ସାଂସଦ ପ୍ରତିନିଧି ପବିତ୍ର ସାଉନ୍ତା, ପୁର୍ବତନ ସାଂସଦ ପ୍ରତିନିଧି ମଣ୍ଟି ଖରା, ଅଜିତ ବାଘ, କାମଦେବ ମହାନନ୍ଦିଆ, ନବିନ ମହାନନ୍ଦିଆ, ମିଖାଇଲ ତୁରୁକ୍, ସମ୍ବରୁ ମିଣିଆକା, ପ୍ରମୋଦ ହିଆଲ୍, ଜଜ୍ କୁଲଦିପ୍, ପ୍ରସାନ୍ତ ଖସଲା, ପୁର୍ଣ ମାଣ୍ଡିଙ୍ଗା, ବସନ୍ତ ମିଣିଆକା, ଜଗଦିସ ଖରା, ପଞ୍ଚାନନ ଖରା ପ୍ରଭୃତି ଉପସ୍ଥିତ ଥିଲେ। ସାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା।

## ଜାଲିଆତି ପଟ୍ଟା ପ୍ରଦାନ କରି ନିଲମ୍ବିତ ହେଲେ ଅମିନ ଓ ଜୁନିଅର କ୍ଲର୍କ

ଝରୀଗାଁ, (ଭାସ୍କର ନ୍ୟୁଜ୍): ଜାଲିଆତି ପଟ୍ଟା ପ୍ରଦାନ କରି ନିଲମ୍ବନ ହୋଇଛନ୍ତି ଉଭୟ ଅମିନ ଓ ଜୁନିଅର କ୍ଲର୍କ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ୍‌ରେ। ସୂଚନା ମୁତାବକ ଝରୀଗାଁ ବ୍ଲକ ଅନ୍ତର୍ଗତ କୁସୁମୀ ଗ୍ରାମଠାରେ ରହିଥିବା କବିର ଧର୍ମପୀଠ ପାଇଁ ଦାଖଲ କରାଯାଇଥିବା ସରକାରୀ ଜମି ଖାତା ନଂ ୩୦୭/୨୦୨, ପ୍ଲଟ ନମ୍ବର ୭୩୪/୧୭୩୪ ର ୦.୬୪ ଡିସିମିଲ ଜାଗାକୁ ଚଞ୍ଚକତା ସହ ମାନିକପୁରୀ ପନକା ସମାଜର ପୂର୍ବତନ ବ୍ଲକ ସଭାପତି ବଂଶୀଧର ପନକା ନିଜ ମା' ଧନମତି ପନକାଙ୍କ ନାମରେ ପଟ୍ଟା କରିଥିବା ନେଇ ସ୍ଥାନୀୟ ତହସିଲଦାରଙ୍କୁ ଅଭିଯୋଗ କରିବା ସହ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ କବିରପନ୍ଥି ପନକା ସମାଜ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଉପଜିଲ୍ଲାପାଳ ତଦନ୍ତ କରିବା ପରେ ଆଜି ଅମିନ ଦେବେନ୍ଦ୍ର ବେଶ୍ରା ଏବଂ ଜୁନିଅର କ୍ଲର୍କ ସଚ୍ଚିଦାନନ୍ଦ ରଥ ନିଲମ୍ବିତ ହୋଇଥିବା ବେଳେ ଟିପିଏସଓଡିଏଲ୍ କର୍ମଚାରୀମାନେ କଳା ବ୍ୟାଚ ପିନ୍ଧି ଧାରଣାରେ ବସିଥିବା ସୂଚନା ମିଳିଛି।

## ଲାଞ୍ଜିପଲ୍ଲୀ ମା' ତାରାଦେବୀ ଠାକୁରାଣୀ ଯାତ୍ରା ଆରମ୍ଭ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲାଞ୍ଜିପଲ୍ଲୀ ସ୍ଥିତ ମା' ତାରାଦେବୀ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ଆଜି ରାତି ପ୍ରାୟ ୧୧ଟା ବେଳେ ସହସ୍ରାଧିକ ଭକ୍ତଙ୍କ ଗହଣରେ ବିରାଟ ପଟୁଆରରେ ବାଜାବାଜଣା ସହ ଦେଶୀ ବେହେରାଙ୍କ ଘର ତଥା ଅସ୍ଥାୟୀ ମଣ୍ଡପଠାରୁ ବାହାରି ମା'ଙ୍କ ନିଜ ମନ୍ଦିରକୁ ଯାଇଥିଲେ।

ସେଠାରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା ପରେ ମା'ଙ୍କ ଆଜ୍ଞାମାଳ ଆମନ୍ତ୍ରଣ କରାଯାଇଥିଲା ଏବଂ ମା'ଙ୍କ ଆଜ୍ଞାମାଳ ଆମନ୍ତ୍ରଣ ପରେ ପୁଣି ବିରାଟ ପଟୁଆରରେ ଠାକୁରାଣୀ ସାହି, ରଘୁନାଥ ମନ୍ଦିର ସାହି ଦେଇ ରାଧାକୃଷ୍ଣ ମଠ ସାହି ସ୍ଥିତ ମା'ଙ୍କ ଅସ୍ଥାୟୀ ମଣ୍ଡପ ତଥା ବାପଘର ଦେଶୀ ବେହେରାଙ୍କ ବାସଭବନରେ ପହଞ୍ଚିଲେ।

ସେଠାରେ ମା'ଙ୍କ ପୂଜାର୍ଚ୍ଚନା ଆରାଧନା ପରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ଅବସ୍ଥାପିତ କରାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ବିଭିନ୍ନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

ଆଜି ମା'ଙ୍କ ଯାତ୍ରା ପରିପ୍ରେକ୍ଷୀରେ ସ୍ଥାନୀୟ ଚଣ୍ଡିମନ୍ଦିର ନିକଟରେ କୋରାପୁଟ ସ୍ଥିତ ମା' ହରଗୌରୀ ଦୃଷ୍ଟିହୀନ ଭଜନ ସଂଘ ପକ୍ଷରୁ ଭଜନ ସମାରୋହ ପରିବେଷଣ କରାଯାଇଛି।

ଆସନ୍ତାକାଲି ସକାଳେ ମା' ଅସ୍ଥାୟୀ ମଣ୍ଡପରେ ବିଶ୍ୱ ଶାନ୍ତି ହୋମ କରାଯିବା ସହ ସର୍ବସାଧାରଣଙ୍କୁ ଦର୍ଶନ ଦେବେ ଏବଂ ସନ୍ଧ୍ୟାରେ ୧୦୮ ଆଳତୀ କାର୍ଯ୍ୟକ୍ରମ ରହିଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

### କେନ୍ଦୁପତ୍ର ବିଭାଗରେ ଅନିୟମିତତା

## ତୋଳାଳିଙ୍କୁ ମିଳୁନି ଉଚିତ ପାରିଶ୍ରମିକ, ରକ୍ଷଣାବେକ୍ଷଣ ନାଁ'ରେ ହରିଲୁଟ୍



କନ୍ଧମାଳ, (ଭାସ୍କର ନ୍ୟୁଜ୍): ସବୁଜ ହୀରକ କୁହାଯାଉଥିବା କେନ୍ଦୁପତ୍ର ଏବେ ଅସୁରକ୍ଷିତ ଅବସ୍ଥାରେ ପଡିରହୁଛି। ରାଜ୍ୟ ସରକାର କେନ୍ଦୁପତ୍ରରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିଲେ ମଧ ଏହାର ରକ୍ଷଣାବେକ୍ଷଣ ପ୍ରତି ଅଣଦେଖା କରୁଥିବା ଦେଖିବାକୁ ମିଳୁଛି। ପଶ୍ଚିମ ଓଡିଶାର ବୌଦ୍ଧ ଜିଲ୍ଲା କେନ୍ଦୁପତ୍ର ଉତ୍ପାଦନରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଜିଲ୍ଲାର ମନମୁଣ୍ଡା କେନ୍ଦୁପତ୍ର ସବ୍‌ଡିଭିଜନ୍‌ର ୪ଟି ରେଞ୍ଜରୁ ଉନ୍ନତ ମାନର କେନ୍ଦୁପତ୍ର ଉତ୍ପାଦନରେ ରେକର୍ଡ ରହିଛି। ଏହି ଅଞ୍ଚଳର କେନ୍ଦୁପତ୍ରର ବଜାରରେ ସ୍ୱତନ୍ତ୍ର ଚାହିଦା ରହିଛି। ଏହି ମନମୁଣ୍ଡା ସବ୍‌ଡିଭିଜନର ମନମୁଣ୍ଡା, ଦମାମୁଣ୍ଡା, କନ୍ଧମାଳ, ଘଣ୍ଟାପଡା ୪ଟି ରେଞ୍ଜର ପ୍ରାୟ ୨୦୦ଟିରୁ ଉର୍ଦ୍ଧ୍ୱ ଫଡିରୁ କେତେକ ହାତଗଣତି ଫଡିଘର ଆଜବେଷ୍ଟର ହୋଇଥିବା ବେଳେ ପ୍ରାୟ ଅଧାରୁ ଅର୍ଦ୍ଧେକ ଭାଗ ଫଡି ଘର ନଡା ଓ ବରଡାର ଘରେ କେନ୍ଦୁପତ୍ରକୁ ରଖାଯାଉଛି। ଯା' ଫଳରେ ଲକ୍ଷ ଲକ୍ଷ ଟଙ୍କାର କେନ୍ଦୁପତ୍ର ଅସୁରକ୍ଷିତମାନେ ହେଉଥିଲେ ମଧ ବିଭାଗ ପକ୍ଷରୁ କାହିଁକି ନିଆଁର ସୁରକ୍ଷା ପାଇଁ ଏକ ସୁରକ୍ଷିତ ଫଡି ଘର ତିଆରି କରାଯାଉ ନହିଁ। କିଛି ବର୍ଷ ପୂର୍ବେ ଦମମୁଣ୍ଡା ରେଞ୍ଜର ପାଇକବାହାଲ ଫଡି ଘର ପୋଡି ଜୀବ ଯୋଗୁଁ ୧,୪୦,୬୦୦ କେରି କେନ୍ଦୁପତ୍ର ପାଉଁଶ ହୋଇଯିବା ଫଳରେ ସରକାରଙ୍କ ବ୍ୟବସାୟ ଆକଳନ ଅନୁସାରେ ୨୦ରୁ ୩୦ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟିଥିଲା। ଏହାର ଠିକ ୩ ବର୍ଷ ପୂର୍ବରୁ ଖଟଖଟିଆ ଫଡିରେ ନିଆଁ ଲାଗି ଯିବା ଫଳରେ ୨ ଲକ୍ଷ କେରି କେନ୍ଦୁପତ୍ର ପାଉଁଶ ହୋଇଯାଇଥିଲା। ହେଲେ ମଧ ପ୍ରାୟ ୩ ବର୍ଷ ହେଲା ସେଠାରେ ତୋଳାଳିମାନଙ୍କ ସହାୟତାରେ ନଡା ଛପରର ଫଡିଘର ଟିଏ ତିଆରି ହୋଇ ପତ୍ର ସଂଗ୍ରହ କରାଯାଉଛି। ଫଳରେ ପୁଣିଥରେ ନିଆଁ ନ ଲାଗିବ କିଏ କହିବ? କେନ୍ଦୁପତ୍ର ଶୁଖାଇ, ରେଚାଇ ଠିକ ଭାବେ କରାଯାଉ ନ ଥିବାର ନଜିର ରହିଛି ଫଳରେ ହଜାର ହଜାର କେରି କେନ୍ଦୁପତ୍ରରେ ଉଈ ଲାଗି ନଷ୍ଟ ହୋଇଯିବା ଦେଖିବାକୁ ମିଳିଛି। ଏହାର ସୁରକ୍ଷା ପାଇଁ ଠିକ ସମୟରେ ଗମାକସିନ, ବ୍ଲିଚିଂ ପାଉଡର ଇତ୍ୟାଦି ଦିଆ ନ ଯାଇ ଲକ୍ଷ ଲକ୍ଷ ଟଙ୍କା ବାଟ ମାରଣା ହେଉଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ କେନ୍ଦୁପତ୍ର ଶ୍ରମିକ/ତୋଳାଳି, ପତ୍ର ବନ୍ଧାଳିମାନେ ଅସୁରକ୍ଷିତ ଅବସ୍ଥାରେ କେନ୍ଦୁପତ୍ର କାର୍ଯ୍ୟରେ ନିଯୋଜିତ ହେଉଛନ୍ତି। ଶ୍ରମିକମାନଙ୍କ ପାଇଁ ପାଣି, ପ୍ରାଥମିକ ଚିକିତ୍ସା, ଉଚିତ ପରିଶ୍ରମିକ ନ ଦେଇ ଏ ସବୁ ଶ୍ରମିକ ନାଁ'ରେ ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ କେନ୍ଦୁପତ୍ର ଫଡି ମରାମତି ନାଁ'ରେ ମୂଲ୍ୟବାନ ଗଛ ସବୁ କଟାଯାଇ କନା, ପାଟି, ବାଉଁଶ, ଜଙ୍ଗଲରୁ କଟା ଯାଇ ହଜାର ହଜାର ଗଛ ନଷ୍ଟ କରାଯିବ ଫଳରେ ପରିବେଶ ନଷ୍ଟ ହେଉଥିବା ଅଭିଯୋଗ ହେଉଥିଲେ ମଧ ଏଥିପ୍ରତି ଜଙ୍ଗଲ ବିଭାଗ ଦୃଷ୍ଟି ଦେଉ ନ ଥିବା ଦେଖିବାକୁ ମିଳୁଛି। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଲାଭଖୋର ମନୋଭାବ ଯୋଗୁଁ ଏହି ଅସ୍ଥାୟୀ କେନ୍ଦୁପତ୍ର ଫଡି ଘରରେ ପ୍ରତିବର୍ଷ ମରାମତି ନାଁ ରେ ଲକ୍ଷଲକ୍ଷ ଟଙ୍କା ବିଲ୍ ଭାଉଚର କରି ଅର୍ଥ ଆତ୍ମସାତକୁ ଅସ୍ୱୀକାର କରାଯାଇ ନ ପାରେ। ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ ମିଳୁଥିବା କେନ୍ଦୁପତ୍ର ବା ସବୁଜ ହୀରକ ଅସୁରକ୍ଷିତ ଅବସ୍ଥାରେ ଥିଲେ ମଧ କେବଳ ଧର୍ମକୁ ଆଖିଠାର ନୀତିରେ ସରକାରୀ ବାବୁମାନେ ଲୋକ ଦେଖାଣିଆ କେତେକ ଫଡି ଘର ଭଲ ଭାବରେ ତିଆରି ଥିବା ବେଳେ ଅଧିକାଂଶ ଫଡି ଘର ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଏ ଅଞ୍ଚଳର ଜନସାଧାରଣଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ ପ୍ରଶ୍ନ ଉଠେ ଯେଉଁଠାରୁ ସରକାର କୋଟିକୋଟି ଟଙ୍କା ରାଜସ୍ୱ ପାଉଛନ୍ତି ସେଠାରେ ଏହି କେନ୍ଦୁପତ୍ର ଅସୁରକ୍ଷିତ ଭାବେ କାହିଁକି ପଡି ରହୁଛି?



କୁକୁଡ଼ାଖଣ୍ଡି,(ଭାସ୍କର ନ୍ୟୁଜ୍): କୁକୁଡ଼ାଖଣ୍ଡି ଗ୍ରାମର ଆଦିଶକ୍ତି ମା'ଘୋଷାମଣୀଙ୍କ ଠାକୁରାଣୀ ଯାତ୍ରା ପ୍ରତ୍ୟେକ ପାଞ୍ଚ ବର୍ଷରେ ହେଉଥିବା ବେଳେ ଚଳିତ ବର୍ଷ ମଧ ମା'ଘୋଷାମଣୀଙ୍କ ଏହି ପଞ୍ଚ ବାର୍ଷିକୀ ଯାତ୍ରା ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଯାଇଛି । ମା' ଘୋଷାମଣୀ ଠାକୁରାଣୀଙ୍କ ବାପଘର ଦେଶୀ ବେହେରା ଓ ତାଙ୍କ ପତ୍ନୀ ସମେତ ଗ୍ରାମବାସୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଥମେ ମା' ଘୋଷାମଣିଙ୍କ ନିଜସ୍ୱ ମନ୍ଦିରକୁ ଯାଇ ମା'ଙ୍କୁ ଆମନ୍ତ୍ରଣ କରି ଚାଙ୍ଗୁଡ଼ିରେ ଫୁଲ ଓ ଦୀପ ନେଇ ବିରାଟ ପଟୁଆରରେ ବାହାରି ମାଁ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କ ମସ୍ତକରୁ ଆଜ୍ଞାମାଳ ଖସିଥିଲା । ଆଜ୍ଞାମାଳ ଖସିବା ପରେ ସେହି ଆଜ୍ଞାମାଳନେଇ ଏକ ବିରାଟ ପଟୁଆରରେ ରଥ ଚକଡ଼ା ସାହି ଛକ ସ୍ଥିତ ଦେଶୀ ଅସ୍ଥାୟୀ ମଣ୍ଡପକୁ ବିଜେ କଲେ । ମା' ମଙ୍ଗଳବାର ଦିନ ଅସ୍ଥାୟୀ ମଣ୍ଡପରେ ବିଶ୍ରାମ କରିବେ,ଏବଂ ତା'ପର ଦିନ ଠାରୁ ମା'ଙ୍କ ଘଟ ପରିକ୍ରମା ପ୍ରତ୍ୟେକ ସାହିରେ ହେବ । ଏହି ଯାତ୍ରାକୁ ଯାତ୍ରା କମିଟି ସଭାପତି କାମାକ୍ଷା ପ୍ରାସାଦ ପାତ୍ର, ଉପ-ସଭାପତି ସୁରେଶ ଚନ୍ଦ୍ର ଦଳେଇ, ସମ୍ପାଦକ ଶିବ ପ୍ରସାଦ ଦୋରା, ସହ ସମ୍ପାଦକ ସପନ କୁମାର ରାଉଳ, କୋଷାଧକ୍ଷ ପି. ଗୋପାଳ ରାଓ ଦୋରା, ଉପଦେଷ୍ଟା ସାକା ସୁଜିତ, ଦିବାକର ପାତ୍ର, ନିତ୍ୟାନନ୍ଦ ଦଳେଇ, ଏ.ଚିନ୍ତାମଣି, ଶ୍ରୀନିବାସ ରାଉଳ, କେ.ମଣିବାବୁ, ବି ସି ସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ଭବାନୀ ଶଙ୍କର ବିଶ୍ୱାଳ, ଜୟରାମ କୋଠିଆ, ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, ସମିତି ସଭ୍ୟ ଅଶୋକ ଦାସ, ବନବାସୀ ପାଢ଼ୀ,ଏମ୍. କେଶବ ରାଓ, ଏ.ଚେନେୟା, କୁକୁଡ଼ାଖଣ୍ଡି ଗ୍ରାମବାସୀ ଓ ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର, ସଦର ଥାନା ଅଧିକାରୀ ମହେନ୍ଦ୍ର ସାହୁ ଓ ତାଙ୍କ ପୋଲିସ ଟିମ୍ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରୁଛନ୍ତି ।

## ଡକାୟତି ଉଦ୍ୟମ ପଣ୍ଡ,୯ଜଣ ଗିରଫ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ପୋଲିସକୁ ମିଳିଛି ବଡ ସଫଳତା । ଏକ କାଜୁ ମିଲରେ ଡକାୟତି ଉଦ୍ୟମ ପୂର୍ବରୁ ୯ଜଣଙ୍କୁ ଗିରଫ କରିବା ସହିତ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଛୁରୀ, ଦୁଇଟି ଲୁହା ରଡ, ଗୋଟିଏ ପ୍ଲାଇ, ନଗଦ ୭୦୦ ଟଙ୍କା ଏବଂ ୭ଟି ମୋବାଇଲ ଫୋନ ଜବତ କରିବାରେ ସଫଳ ହୋଇଥିବା ନବରଙ୍ଗପୁର ଆରକ୍ଷୀ ଅଧକ୍ଷକ ଏସ.ସୁଶ୍ରୀ ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆରକ୍ଷୀ ଅଧକ୍ଷକଙ୍କ ସୂଚନା ଅନୁଯାୟୀ ନବରଙ୍ଗପୁର ଥାନା ଅନ୍ତର୍ଗତ ବଣିଆ ନିକଟସ୍ଥ ଏକ କାଜୁ ମିଲରେ ଡକାୟତି କରିବା ପାଇଁ କିଛି ଦୁର୍ବୃତ ଯୋଜନା କରୁଥିବା ନେଇ ବିଶେଷ ସୁତ୍ରରୁ ଖବର ପାଇବା ପରେ ପୋଲିସ ଅଚାନକ ଚଢାଉ କରିଥିଲା । ଏହି ସମୟରେ ଚିଲିଗୁଡା ନିକଟରେ ୯ଜଣ ଯୁବକ ଆଲୋଚନା କରୁଥିବା ସମୟରେ ଯୁବକଙ୍କୁ ପୋଲିସ କାବୁ କରି ପଚରାଉଚରା କରିଥିଲା । ଯୁବକଙ୍କ ନିକଟରେ ମାରଣାସ୍ତ୍ର ଥିବାରୁ ପୋଲିସ ଅଧିକ ପଚରାଉଚରା କରିବା ପରେ ଏମାନେ ଡକାୟତି କରିବାକୁ ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଦୁର୍ବୃତଙ୍କ ଠାରୁ ମାରଣାସ୍ତ୍ର ଓ ମୋବାଇଲ ଜବତ କରିବା ସହିତ ସମସ୍ତଙ୍କୁ ନବରଙ୍ଗପୁର ଥାନାକୁ ଆଣି ଅଧିକ ପଚରାଉଚରା କରିବା ପରେ ଏହି ୯ଜଣ ଦୁର୍ବୃତ ବିଭିନ୍ନ ବ୍ୟବସାୟୀ, ରାଜନେତା ଓ ଠିକାଦାରମାନଙ୍କ ଠାରୁ ଦାଦା ବଟି ସଂଗ୍ରହ କରିଥିବା କହିଥିଲେ । ବିଭିନ୍ନ ଡକାୟତି, ରାହାଜାନି, ହତ୍ୟା ଉଦ୍ୟମ ଓ ମାରଣାସ୍ତ୍ର ଯୋଗାଣ ଭଳି ବିଭିନ୍ନ ସଙ୍ଗୀନ ମାମଲାରେ ଜଡିତ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଏମାନଙ୍କ ନାମରେ ୨୦୧୮ରୁ ଆଜି ପର୍ଯ୍ୟନ୍ତ ଡାବୁଗାଁ, କୋଷାଗୁମୁଡା, ନବରଙ୍ଗପୁର, ପାପଡାହାଣ୍ଡି, ଉମରକୋଟ, ଖାତିଗୁଡା, ତେନ୍ତୁଳିଖୁଣ୍ଟି, ବି.ସିଂହପୁର, କୋଡିଗାଁ, କୁନ୍ଦୁରା ଭଳି ୧୩ଟି ଥାନା ଅଞ୍ଚଳରେ ହୋଇଥିବା ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ପୋଲିସ ପକ୍ଷରୁ କୁହାଯାଇଛି । ଗିରଫ ଯୁବକମାନେ ହେଲେ ନିଶନାହାଣ୍ଡିର ତୁଳାରାମ ହରିଜନ ଓ ରାଜେଶ ହରିଜନ,ବି ମାଳିଗୁଡାର ଘାସିରାମ ହରିଜନ, ସରୁଗୁଡାର ମଧୁସୂଦନ ଗୌଡ, ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗଥ ପଠାଣଗୁଡାର ଅରୁଣ ହରିଜନ, ଖାତିଗୁଡାର ବାବୁନି ନାୟକ, କୋଇଗୁଡାର ହରିରାମ ହରିଜନ, ବଡ ଡାଇଭଙ୍ଗାର ଆଡବିନ ଡଙ୍ଗରି ଏବଂ ଭଉରା ସିଉନିର ରାମ ହରିଜନଙ୍କୁ ଗିରଫ କରାଯାଇଥିବା ଆରକ୍ଷୀ ଅଧକ୍ଷକ ଏସ.ସୁଶ୍ରୀ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ନରେଶ ପ୍ରଧାନ ଉପସ୍ଥିତ ଥିଲେ। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ କେ.ବି.ନାୟକ ଅଛନ୍ତି ।

## କର୍ମରୀ ବିଶ୍ରାମାଗାର ନିର୍ମାଣ କେବେ ?



ଝରିଗାଁ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ଅନ୍ତର୍ଗତ କର୍ମରୀ ଗ୍ରାମର ଚାରିଛକ ହେଉଛି ଅଞ୍ଚଳର ମୁଖ୍ୟ ଛକ । ଏହି ଚାରିଛକରୁ ଅଞ୍ଚଳବାସୀ ଉମରକୋଟ, ଝରିଗାଁ, ତେଲନଦୀ ଓ ବେଲଗାଁ ଅଭିମୁଖେ ଯାତ୍ରା କରିଥାନ୍ତି । ଝରିଗାଁ -ଉମରକୋଟ ମୁଖ୍ୟ ରାସ୍ତାରେ ଏହି ଛକଟି ପଡୁଥିବାରୁ ଛକରେ ଯାତ୍ରୀମାନଙ୍କ ପ୍ରବଳ ଗହଳି ମଧ ଦେଖିବାକୁ ମିଳିଥାଏ । ଅଞ୍ଚଳରେ ଝରିଗାଁ ଓ ଉମରକୋଟ ଦୁଇଟି ମୁଖ୍ୟ ସହର ହୋଇଥିବାରୁ ସବୁଦିନ ଝରିଗାଁ ଓ ଉମରକୋଟକୁ ଅଞ୍ଚଳବାସୀଙ୍କ ଯାତାୟାତ ଲାଗି ରହିଥାଏ । କର୍ମରୀ ଛକରେ ଏକ ବିଶ୍ରାମଗାର ନିର୍ମାଣ ପାଇଁ ଅଞ୍ଚଳବାସୀ ସ୍ଥାନୀୟ ବିଧାୟକ, ଜିଲ୍ଲା ପରିଷଦ, ସମିତି ସଭ୍ୟ, ସରପଞ୍ଚଙ୍କୁ ବାରମ୍ବାର ଗୁହାରି କରୁଥିଲେ ମଧ ଅଞ୍ଚଳବାସୀଙ୍କ ଗୁହାରି କୌଣସି ଜନ ପ୍ରତିନିଧି କର୍ଣ୍ଣପାତ କରୁନଥିବା ଅଞ୍ଚଳବାସୀ କହିଛନ୍ତି । ନିର୍ବାଚନ ପାଖେଇ ଆସିଲେ ସମସ୍ତେ ମାଲ ମାଲ ପ୍ରତିଶ୍ରୁତି ଦେଇ ଯାଆନ୍ତି, ଆଉ ନିର୍ବାଚନରେ ବିଜୟୀ ହୋଇ ପଦବୀ ହାତେଇଲା ପରେ ଦେଇଥିବା ପ୍ରତିଶ୍ରୁତି ସବୁ ପାଶୋରି ଯାଆନ୍ତି। ଏପରି କି ଉକ୍ତ ଅଞ୍ଚଳରେ ୫ବର୍ଷ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଦେଖା ବି ଦିଅନ୍ତିନି । ବେଲଗାଁ ପଞ୍ଚାୟତ ଏକ ଆଦର୍ଶ ପଞ୍ଚାୟତର ମାନ୍ୟତା ପାଇଛି ତଥାପି ଉକ୍ତ ପଞ୍ଚାୟତ ଅନ୍ତର୍ଗତ କର୍ମରୀ ଛକରେ ବିଶ୍ରାମଗାରଟେ ନିର୍ମାଣ ହୋଇ ପାରୁନି । ଏହା ଠାରୁ ଅଧିକ ଦୁଃଖର ବିଷୟ ଆଉ କ'ଣ ଥାଇପାରେ। ଏନେଇ ଆମେ ବେଲଗାଁ ପଞ୍ଚାୟତର ସରପଞ୍ଚ ତବିର ପୂଜାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ। ହେଲେ ସରପଞ୍ଚ ମହାଶୟ ମଧ ଫୋନ ଉଠେଇ ନଥିଲେ । ଏବେ ପ୍ରଶ୍ନ ଉଠୁଛି ଯେଉଁ ପଞ୍ଚାୟତରେ ବିଶ୍ରାମାଗାରଟେ ନାହିଁ, ସେ ପଞ୍ଚାୟତ ଆଦର୍ଶ ପଞ୍ଚାୟତ ହେଲା କେମିତି ? ରାଜ୍ୟ ସରକାର ସମ୍ପୂର୍ଣ୍ଣ ହୋଇନଥିବା ରୂପାନ୍ତରିତ ୫ଟି ସ୍କୁଲମାନଙ୍କୁ ଯେମିତି ଲୋକାର୍ପିତ କରିଛନ୍ତି। ଠିକ୍ ସେମିତି ଅସମ୍ପୂର୍ଣ୍ଣ ପଞ୍ଚାୟତ ମାନଙ୍କୁ ମଧ ଆଦର୍ଶ ପଞ୍ଚାୟତର ମାନ୍ୟତା ପ୍ରଦାନ କରିଛନ୍ତି ବୋଧେ ବୋଲି ଜନ ସାଧାରଣରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

## ୧୩ ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଜଜ କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତ ମାସ ତା ୧୩.୦୫.୨୦୨୩ ରିଖ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି। ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରି, (ସାଲିସ ଯୋଗ୍ୟ), ଚେକ୍ ? ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର୍ ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ ( ଛାଡ଼ପତ୍ର ବ୍ୟତିତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ସୂଚନାରୁ ଆଉ ମଧ ଜଣାପଡ଼ିଛି ଯେ, କେବଳ ବିଚାରାଧୀନ ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ ( କଚେରୀରେ ଦାଏର ହୋଇ ନଥିବା) ଚେକ୍ ? ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ । ଲୋକ ଅଦାଲତରେ ମକଦ୍ଦମା କ୍ଷ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡ଼ାନ୍ତ ଏବଂ ଅମଳ ଯୋଗ୍ୟ। ଯଦି କୌଣସି ବିଚାରଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନସେବା ପ୍ରଧିକରଣ, କନ୍ଧମାଳ, ଫୁଲବାଣୀ ତରଫରୁ ଅନୁରୋଧ କରାଯାଇଛି । ସବିଶେଷ ବିବରଣୀ ତଥା ଏହା ଉପରେ ଅଧିକ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ୍ ଆଇନସେବା କାର୍ଯ୍ୟାଳୟ ସହ କିମ୍ବା ଟେଲିଫୋନ୍ ନଂ (୦୬୮୪୨) ୨୫୪୦୩୧ ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଯବାନଙ୍କ ଗୁଳିରେ ୨ ହାର୍ଡ଼କୋର ମାଓବାଦୀ ନିହତ





ବାଲିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଛତିଶଗଡ ସିମାନ୍ତ ସୁକୁମା ଜିଲ୍ଲାରେ ଏନକାଷ୍ଟର। ଯବାନଙ୍କ ଗୁଳିରେ ଦୁଇ ହାର୍ଡ଼କୋର ମାଓବାଦୀ ନିହତ। ମୃତ ଦୁଇ ନକ୍ସଲ ପନ୍ଥିଙ୍କ ମଧରେ ଜଣେ ମାଓ କମାଣ୍ଡର ରହିଥିବା ବେଳେ ଅନ୍ୟ ଜଣେ ମହିଳା ମାଓବାଦୀ ରହିଛନ୍ତି। ମୃତ ମାଓ କମାଣ୍ଡର ମାଡକାମୀ ଏରା ଓ ମହିଳା ମାଓବାଦୀ ପଡିଆମି ଭିମା ବୋଲି ସୁକୁମା ଏସପି ସୁନିଲ ଶର୍ମା କହିଛନ୍ତି । ସୁକୁମା ଜିଲ୍ଲା ବେଜି ଥାନା ଅନ୍ତର୍ଗତ ଦନ୍ତେଶପୁରମ ଜଙ୍ଗଲରେ ମାଓବାଦୀମାନେ ଏକ କେମ୍ପ କରି ରହିଥିବା ପୋଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହା ପରେ ଡିଆରଜି ସିଆରପିଏଫ ଏବଂ କୋବ୍ରା ବାଟାଲିଆନ ତରଫରୁ ସେଠାରେ କୁମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା । ତିନି ଘଣ୍ଟାର ଅପରେସନ ପରେ ଯବାନ ଓ ମାଓବାଦୀଙ୍କ ମଧରେ ଗୁଳି ବିନିମୟ ହୋଇଥିଲା। ଯେଉଁଥିରେ ଦୁଇ ଜଣ ମାଓବାଦୀ ପ୍ରାଣ ହରାଇଥିବା ବେଳେ ଆହୁରି ଅନେକ ଆହତ ହୋଇଥିବା ଜଣାପଡ଼ିଛି । ଘଟଣା ସ୍ଥଳରୁ ବନ୍ଧୁକ ସହ ଭାରିମାତ୍ରାରେ ବିସ୍ଫୋରଣ ସାମଗ୍ରୀ ଜବତ ହୋଇଛି । ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ବାମରା, (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ପରିସରରେ ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ଉପସ୍ଥିତ ରହି ମୋଟ ୧୭ ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୨ ଟି ବ୍ୟକ୍ତି ଗତ ଓ ୫ ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧରେ ସମ୍ବଲପୁର ପିଡି ଡିଆରଡିଏ ଧର୍ମେନ୍ଦ୍ର ମଲ୍ଲିକ , ସମ୍ବଲପୁର ଡେପୁଟି କଲେକ୍ଟର ଲୋପାମୁଦ୍ରା କାଲୋ, ସମ୍ବଲପୁର ଆର୍ ଟି ଓ ରାମଦାସ ଟୁଡୁ , ସି ଏସ୍ ଓ ରାମଚନ୍ଦ୍ର ଟୁଡୁ , ସିଡିଏମଓ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ସାହୁ , ସି ଡବ୍ଲୁ ଓ ଭାଗିରଥୀ ପଟେଲ , ଏଡିଇଓ ମୁରଲୀଧର ବେହେରା, ବାମରା ବନ୍ୟପାଣୀ ବନଖଣ୍ଡ ଏସ୍‌ଏଫ୍ ଜିତେନ୍ଦ୍ର କୁମାର ବେହେରା , ବାମରା ବ୍ଲକ ଚେୟାରମ୍ୟାନ୍ ପିଙ୍କି ଧୁରୁଆ, ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, ତହସିଲଦାର ଦିଲ୍ଲୀପ କୁମାର ପ୍ରଧାନଙ୍କ ସମେତ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମି ମ୍ୟୁଟେସନ ନକ୍ସାରେ ଅନିୟମିତତା କରାଯାଇଥିବାରୁ ଏ ଡି ଏମ୍ ତାଗିଦ କରି ସୁଧାରିବାକୁ କହିଥିଲେ । ରେଳବାଇ ପକ୍ଷରୁ ଭିନ୍ନକ୍ଷମଙ୍କୁ ଫ୍ରି ପାସ ନ ଦେବା , ତାଲଡିହି ଗ୍ରାମରେ ଆଦିବାସୀଙ୍କ ଜମିକୁ ଅନ୍ୟଜଣେ ବ୍ୟକ୍ତି ଜବରଦଖଲ କରିବା ଆଦି ମୁଖ୍ୟ ବିଷୟରେ ଅଭିଯୋଗ ଆସିଥିଲା। ଏହି ଅବସରରେ ମିସନ ଶକ୍ତିର ବ୍ଲକ୍‌ସ୍ତରୀୟ ଫେଡରେସନ ଦ୍ୱାରା ଏକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ସଭାପତି ମିନତି ଘୋଷ, ସମ୍ପାଦିକା ପଦ୍ମିନୀ ବଙ୍କରା, ଉପ ସଭାପତି ଲତା ବାଘ, ସଭ୍ୟା ସବିତା ଷଡଙ୍ଗୀ , ବିପିଏମ୍ ପ୍ରେମ ଏସ୍ଥାର କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୫ ଜଣ ଅକ୍ଷମ, ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ୪ ଟି ଟ୍ରାଇ ସାଇକେଲ ଏବଂ ଅନ୍ୟମାନଙ୍କୁ ୟୁଡିଆଇଡି କାର୍ଡ ବିତରଣ କରାଯାଇଥିଲା ।

## ବଜ୍ରାଘାତରେ ଯୁବକ ମୃତ, ୨ ଗୁରୁତର

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଜୁବିଡାଇ ଗ୍ରାମରେ ବଜ୍ରାଘାତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏଥିସହ ବଜ୍ରାଘାତ ପ୍ରଭାବରୁ ଗୁରୁତର ଦୁଇଜଣ ଯୁବକଙ୍କୁ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ଡାକ୍ତରାଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାଇ, ସେମିଳିଗୁଡା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହେବା ସହ ଘଡ଼ଘଡ଼ି ମାରିଥିଲା । ଏହି ସମୟରେ ରାଜୁବିଡାଇ ଗ୍ରାମର ରାମଦସା ମୁଦୁଲି, ପବିତ୍ର ଆଲମାଙ୍ଗ ଓ ରାମଦାସ ଗୁଣ୍ଠା ଗାଁ ବାହାରେ ବୁଲୁଥିବା ବେଳେ ବର୍ଷା ହେବା ଦେଖି ଏକ ତେନ୍ତୁଳି ଗଛ ମୂଳେ ଆଶ୍ରୟ ନେଇଥିଲେ। ତେବେ ତେନ୍ତୁଳି ଗଛ ଉପରେ ବଜ୍ରାଘାତ ହେବାରୁ ତିନିଜଣ ଯୁବକ ଗୁରୁତର ହୋଇପଡ଼ିଥିଲେ । ଏନେଇ ଖବରପାଇବା ପରେ ଗ୍ରାମବାସୀ ଓ ରାଜପୁଟ ସରପଞ୍ଚ ପୀତାମ୍ବର କିର୍ସାନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ଡାକ୍ତରାଖାନାରେ ଆଣିଥିଲେ । ତେବେ ରାସ୍ତାରେ ରାମଦାସଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।

## ଜମି ପଟ୍ଟା ପ୍ରଦାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍‌ରେ ରହିଥିବା ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଦ୍ୱାର ଛଅ ହଜାର ତେତିଶ ପରିବାର ବିସ୍ଥାପିତ ହୋଇଛନ୍ତି। ବିସ୍ଥାପିତ ପରିବାରମାନଙ୍କୁ ସରକାର ତାଙ୍କ ଟଙ୍କାରେ ହିଁ ଜମି କିଣି ଦେଇଥିଲେ ମଧ ୩୩ ବର୍ଷ ବିତି ଯାଇଛି କିନ୍ତୁ ପ୍ରଶାସନ ବର୍ତ୍ତମାନ ସୁଦ୍ଧା ଜମି ପଟ୍ଟା ପ୍ରଦାନ ପାରିନାହାନ୍ତି। ବର୍ତ୍ତମାନ ତେନ୍ତୁଳିଖୁଣ୍ଟି ତହସିଲରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପଟା ପାଇଁ ଆବେଦନ ହୋଇ ଦସ୍ତାବିଜ୍ ପଡି ରହିଛି। ତଥାପି ବିସ୍ଥାପିତଙ୍କୁ ପଟ୍ଟା ପ୍ରଦାନ କରାଯାଉ ନାହିଁ ବୋଲି ଅଭିଯୋଗ କରାଯାଇଛି। ସେହିପରି ଚରମୁଳା ଠାରେ ରହିଥିବା ଅଦାନୀ ଗ୍ରୁପ ଦ୍ୱାରା ସଲାର ପାୱାର ପ୍ଲାଣ୍ଟ୍ ଅନେକ ଆଦିବାସୀ ହରିଜନ ବିସ୍ଥାପିତ ପରିବାରଙ୍କ ଜମିକୁ ଅକ୍ତିଆର କରି ନେଇଛି। ସରକାର ସେହି ବିସ୍ଥାପିତ ପରିବାରକୁ ମଧ ଜମି ପ୍ରଦାନ କରିଥିଲେ। ବର୍ତ୍ତମାନ ସେହି ଜମିକୁ ମଧ ସଲାର ପାୱାର ପ୍ଲାଣ୍ଟ ନେଇଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଆଗରୁ ଅଭିଯୋଗ ହୋଇ ଥିଲେ ବି ଦୀର୍ଘ ଦଶ ମାସରୁ ଉର୍ଦ୍ଧ୍ୱ ହେବ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବିସ୍ଥାପିତ ପରିବାରକୁ ଅଧିଗ୍ରହଣ ସମୟରେ ନୋଟିସ କରାଯାଇ ଥିଲା କି ଯଦି ନୋଟିସ ଦିଆଯାଇ ଥିଲା ତା'ହେଲେ ତାହାର ପ୍ରମାଣ ଦେବା ସହ ଜମି ବିକ୍ରି କରି ଥିବା ଦସ୍ତାବିଜ ପ୍ରଦାନ କରାଯାଉ ବୋଲି ବୁଡି ଅଞ୍ଚଳବାସୀ ଦାବି କରିଛନ୍ତି। ୨୦୦୯ ମସିହାରୁ ପଟା ଆବେଦନ କରିଥିଲେ ମଧ ପୂର୍ବ ଜମି ମାଲିକମାନେ କି ଭଳି ସଲାର ପ୍ଲାଣ୍ଟରେ ଜମି ବିକ୍ରି କଲେ ଓ ସଲାର ପ୍ଲାଣ୍ଟ ଜମିର ମାଲିକାନା ଅଧିକାର କିଭଳି ପାଇଲା ବୋଲି ବୁଡି ଅଞ୍ଚଳ ଗଣ ପରିଷଦ ପ୍ରଶ୍ନ ଉଠାଇଛି। ବିସ୍ଥାପିତ ପରିବାର ୨୦୧୮ ମସିହାରୁ ଉକ୍ତ ଜମି ଅକ୍ତିଆରରେ ବର୍ତ୍ତମାନ ସୁଦ୍ଧା ଅଛନ୍ତି। ତଥାପି ତତ୍‌କାଳୀନ ରାଜସ୍ୱ ନିରୀକ୍ଷକ କିଭଳି ଅକ୍ତିଆରରେ ନାହାନ୍ତି ବୋଲି ତଥ୍ୟ ପ୍ରଦାନ କଲେ ତାହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଇ ବିସ୍ଥାପିତ ପରିବାରଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଇନ୍ଦ୍ରାବତୀ ବୁଡିଅଞ୍ଚଳ ଗଣ ପରିଷଦ ପକ୍ଷରୁ ଦାବି ହୋଇଛି। ଆଗାମୀ ୧୫ଦିନ ମଧରେ ଏହି ସମସ୍ୟାର ସମାଧାନ କରିବା ପାଇଁ ଦାବି କରାଯାଇଛି। ଯଦି ଆଗାମୀ ୧୫ଦିନ ମଧରେ ପଦକ୍ଷେପ ନିଆଯାଇ ସମସ୍ୟାର ସମାଧାନ କରା ନ ଗଲେ ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଇନ୍ଦ୍ରାବତୀ ବୁଡି ଅଞ୍ଚଳ ଗଣ ପରିଷଦର ବିସ୍ଥାପିତ ପରିବାରମାନେ ନିଷ୍ପତ୍ତି ନେଇଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜିଙ୍କ ଅଧକ୍ଷକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପ-ଜିଲ୍ଲାପଳ ଆଲୋକ କୁମାର ପ୍ରଧାନ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପ୍ରଭାସ



କୁମାର ବେହୁରା ଉପସ୍ଥିତ ଥିବା ବେଳେ ମୁଖ୍ୟ ବକ୍ତାଭାବରେ ବରିଷ୍ଠ ସାମ୍ବାଦିକ ଡିଜେନ୍ଦ୍ରନାଥ ପାଢ଼ୀ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ସାମ୍ବାଦିକ ପ୍ରତିନିଧି ପ୍ରମୁଖ ଯୋଗଦେଇ ବିଶ୍ୱ ରେଡକ୍ରସ୍ ଦିବସ ଉପରେ ଆଲୋଚନା କରିଥିଲେ। ପ୍ରତିବର୍ଷ ପରି ମେ ୮ ତାରିଖରେ ପାଳନ କରାଯାଉଥିବା ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହେଉଛି। ଆମେ ସମସ୍ତେ ଏକତ୍ରିତ ଜେଆନ ହେନରୀ ଡୁନର୍ଷ୍ଟଙ୍କ ପାଇଁ ସେ କେତେ ଯେ, ମହାନ୍ କଳ୍ପନା କରିହେବ ନାହିଁ। ମାନବିକତା ଜୀବନ ଉପରେ ଚିନ୍ତା କରୁଥିଲେ। ଲୋକଙ୍କ ସାହାଯ୍ୟ ଓ ସହଯୋଗ ସମଗ୍ର ବିଶ୍ୱରେ ସବୁ ପ୍ରକାର ଲୋକଙ୍କୁ ଜଡିତ ହୋଇ ରହୁଥିଲେ। ବିଶ୍ୱ ଶାନ୍ତି ପାଇଁ ରେଡକ୍ରସ କାମ କରି ଆସିଛି ବୋଲି ସମସ୍ତ ଅତିଥିମାନେ କହିଥିଲେ।

## 'ସମାଜସେବା ହିଁ ସ୍ୱେଚ୍ଛାସେବୀଙ୍କ ପରିଚୟ'



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ରେଡକ୍ରସ ପ୍ରତିଷ୍ଠାତା ହେନେରୀ ଡୁନାଷ୍ଟଙ୍କୁ ମନେ ପକାଇବା ସହ ପିଲାଙ୍କ ଭିତରେ ସମାଜ ସେବା ପାଇଁ ସଚେତନତା ସୃଷ୍ଟି ପାଇଁ ମହାବିଦ୍ୟାଳୟର ଯୁବ ରେଡକ୍ରସର ଦ୍ୱାରା ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଇଛି । ପ୍ରଥମଥର ପାଇଁ ସ୍ୱେଚ୍ଛାସେବୀଙ୍କ ସହ ମୁକ୍ତ ଆକାଶ ତଳେ ପଡିଆ ଗ୍ୟାଲେରୀରେ ଏକ ନିଆରା ଢଙ୍ଗରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ତଥା ଯୁବ ରେଡକ୍ରସର ଅଧକ୍ଷ ଡଃ.ଭାସ୍କର ନାଥ ବିଶ୍ୱାଳ ଏହି ସଭାରେ ସଭାପତିତ୍ୱ କରି ସମାଜ ସେବା ହିଁ ସ୍ୱେଚ୍ଛାସେବୀଙ୍କ ପରିଚୟ ଆଉ ଏଥି ନିମନ୍ତେ ନିରନ୍ତର ପ୍ରୟାସ କରିବା ପାଇଁ ପରାମର୍ଶ ଦେଇଥିଲେ । ଯୁବ ରେଡକ୍ରସ ଜିଲ୍ଲା ସମ୍ପାଦକ ଅଧାପକ ଦିଲ୍ଲୀପ କୁମାର ହୋତାସାର୍ ହେନେରୀ ଡୁନାଷ୍ଟଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ତାଙ୍କର ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ରେଡକ୍ରସ ଦିବସ ପାଳନର ଉପାଦେୟତା ତଥା ସମାଜ ପ୍ରତି ଛାତ୍ର ସମାଜର କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ଜାହାଙ୍ଗୀର ମହମ୍ମଦ ସ୍ୱେଚ୍ଛାସେବୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ଫୁଟବଲ ପ୍ରଶିକ୍ଷକ ଅଶୋକ ପାତ୍ର, ରାଜନ୍ ତ୍ରିପାଠୀ ଏବଂ ପ୍ରଶାନ୍ତ ମିଶ୍ରଙ୍କ ସହ ଯୋଗରେ ଏକ ସୌହାର୍ଦ୍ଧ୍ୟପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଅନ୍ୟତମ ରେଡ଼କ୍ରସ କାଉନସିଲର ଅଧାପକ ଅଶ୍ୱନୀ ବେହେରା ଓ ଅଧାପିକା ରଜନୀ ମିଞ୍ଜ ରେଡକ୍ରସ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ନିଜ ନିଜ ଅଭିବ୍ୟକ୍ତ ପ୍ରକାଶ କରିଥିଲେ । ସର୍ବୋପରି ଯୋଗ ଶିକ୍ଷା, ସାମାଜିକ କାର୍ଯ୍ୟ, ଆଲୋଚନା ବୈଠକ ଓ ଫୁଟବଲ ଖେଳ, ରକ୍ତଦାନ ଶିବିର ଆଦି ଭଳି ଅନେକ ଗୁଡ଼ିଏ କାର୍ଯ୍ୟ ଆଗାମୀ ଦିନରେ ରେଡକ୍ରସ ଜରିଆରେ କରାଯିବ ବୋଲି ଅଧକ୍ଷ ପ୍ରକାଶ କରିଥିଲେ ।

## ବିଶ୍ୱ ରେଡକ୍ରସ ଦିବସ ପାଳିତ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ବିଶ୍ୱ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଷ୍ଟଙ୍କ ଫୋଟ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରି ଉକ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ମହାନ ଦିବସ ପାଳନ ଅବସରରେ ଜିଲ୍ଲାପାଳ ଶ୍ରୀ ମିଶ୍ର କହିଥିଲେ ଯେ,ଜିଲ୍ଲାରେ ରକ୍ତର ଅଭାବ ନ ହେବା ପାଇଁ ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିରର ଆୟୋଜନ କରାଯାଉ । ରକ୍ତଦାନ ଏକ ମହତ ପୁଣ୍ୟ କାମ । ଅସମୟରେ ଅମୂଲ୍ୟ ଜୀବନକୁ ବଞ୍ଚାଇ ପୁଣ୍ୟ ଅର୍ଜନ କରିବା ଠାରୁ କୌଣସି ବଡ କାମ ଦୁନିଆରେ ନାହିଁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁଠି ସାମ୍ୟବାଦର ସମନ୍ୱୟ କଥନ ପ୍ରତିପାଦନ କରିବା ହିଁ ରେଡ଼କ୍ରସର ଆଦର୍ଶ । ଦୁଃଖୀ ଦରିଦ୍ରଙ୍କ ସେବା ମାଧ୍ୟମରେ ସମାଜରେ ସମସ୍ତ ମାନବକୁ ସମାନ ଦୃଷ୍ଟିରେ ଦେଖିବା ଆମର ଦାୟିତ୍ୱ । ନିଜ ଜୀବନକୁ ଇଚ୍ଛାକୃତ ଭାବେ ସମାଜର ସ୍ୱାର୍ଥ ଓ ସେବା ପାଇଁ ନିୟୋଜିତ କରିଥିବା ଦରଦୀ ମଣିଷର ଅନୁଷ୍ଠାନ ହେଉଛି ରେଡକ୍ରସ । ବିଶେଷ କରି ଜିଲ୍ଲାରେ ଥିବା ବିଭିନ୍ନ ରାଜନୈତିକ ଦଳ, ବେସରକାରୀ ଅନୁଷ୍ଠାନ, ସଂସ୍ଥା, କ୍ଲବମାନଙ୍କ ମାଧ୍ୟମରେ କିଭଳି ଅଧିକରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରରେ ସଂରକ୍ଷିତ ରଖିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଡଃ. ମିଶ୍ର ଉପସ୍ଥିତ ଥିବା ସମସ୍ତ ପଦାଧିକାରୀମାନଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଥିବା ପଦାଧିକାରୀମାନଙ୍କୁ ମାନପତ୍ର ଦେଇ ସମ୍ମାନୀତ କରିଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ବେହେରା,ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ନିର୍ମଳ କୁମାର ନାୟକ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ହଳଧର ନିହାଲ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ନବରଙ୍ଗପୁର ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ, ଅଧାପିକା ଚନ୍ଦନା ପଣ୍ଡା, ସମରେଶ ଗନ୍ତାୟତ, ଆଦିତ୍ୟ ବିକ୍ରମ ତ୍ରିପାଠୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୀଳକଣ୍ଠ ରାଜୁ, ଅରୁଣ କୁମାର ବେହେରା, ସନ୍ଦୀପ ନାୟକ, ଅଭିନାଶ ପାତ୍ର, ରୀନାରାଣୀ ପାତ୍ର, ମୋବିନା ସୁଲତାନା, ସହିଦ ଅକତାର ପ୍ରମୁଖ ଉପସ୍ଥିତ ଥିଲେ ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



### ରାଷ୍ଟ୍ରପତିଙ୍କୁ ଅସମ୍ମାନ ଅକ୍ଷମଣୀୟ

# ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କର

ଓଡ଼ିଶା ମାଟିର ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହେବା ପରେ ଗତ ସପ୍ତାହରେ ତାଙ୍କର ଜନ୍ମପୀଠ ମୟୂରଭଞ୍ଜ ଜିଲ୍ଲାକୁ ତିନିଦିନିଆ ଗସ୍ତରେ ଆସିଥିଲେ । ଏହି ଅବସରରେ ଜିଲ୍ଲାର ଆବାଳ ବୃଦ୍ଧବନିତା ଖୁବ୍ ଉତ୍ସାହର ସହ ମହାମହିମଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାବେଳେ ରାଷ୍ଟ୍ରପତି ମଧ୍ୟ ନିଜର ଭିଟାମାଟିକୁ ଆସି ଭାବବିହ୍ୱଳ ହୋଇପଡିଥିଲେ । ଏହି ପ୍ରଥମଥର ଗସ୍ତକାଳରେ ସେ ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇ ଜନସାଧାରଣଙ୍କ ସହ ଭାବ ବିନିମୟ କରିଥିଲେ ଓ ପ୍ରାୟ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମାହିତ ହୋଇଥିଲା । ମାତ୍ର ରାଷ୍ଟ୍ରପତିଙ୍କ ଗସ୍ତର ଶେଷ ଦିନରେ ଅନୁଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଘଟିଥିବା ଏକ ଅଭାବନୀୟ ଘଟଣା ସାରା ରାଜ୍ୟର ଭାବମୂର୍ତ୍ତିକୁ ମଳିନ କରିବା ସଙ୍ଗେ ସଙ୍ଗେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଉତ୍ସବରେ ଭାରତର ସାର୍ବଭୌମ ମୁଖ୍ୟ ମହାମହିମ ରାଷ୍ଟ୍ରପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତାଙ୍କର ବକ୍ତବ୍ୟ ରଖୁଥିବାବେଳେ ଗୁରୁତର ବିଦ୍ୟୁତ୍ ବିଭ୍ରାଟ ଘଟି ସମଗ୍ର ପ୍ରେକ୍ଷାଳୟଟି ଅନ୍ଧକାରରେ ବୁଡ଼ି ଯାଇଥିଲା । କେବଳ କ୍ଷଣକ ପାଇଁ ନୁହେଁ, ଦୀର୍ଘ ୯ ମିନିଟ୍ ଧରି ପୂରା ଅନ୍ଧାରରେ ରାଷ୍ଟ୍ରପତି ତାଙ୍କର ଅଭିଭାଷଣ ଦେଇ ଚାଲିଥିଲେ ଏବଂ ପ୍ରେକ୍ଷାଳୟରେ ଛାତ୍ରଛାତ୍ରୀ, ଡିଗ୍ରୀଧାରୀ ଓ ନିମନ୍ତ୍ରିତ ଅତିଥି ତାହାକୁ ଶୁଣୁଥିଲେ । ଏହାକୁ ନିଶ୍ଚିତ ଭାବରେ ଏକ ଲଜ୍ଜାକର ଓ ଦୁର୍ଭାଗ୍ୟଜନକ ଘଟଣା କୁହାଯାଇପାରେ । ଏହା ଫଳରେ ସାରା ଦେଶରେ ଓଡ଼ିଶାର ମର୍ଯ୍ୟାଦା ହାନି ହେବା ସହିତ ରାଜ୍ୟରେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସରକାରଙ୍କ ଅପାରଗତା ପ୍ରମାଣିତ ହୋଇଛି । ଯଦି ଖୋଦ୍ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଏତେ ସମୟ ଧରି ବିଜୁଳି ଚାଲିଯାଉଛି ଓ ତାଙ୍କୁ ଅନ୍ଧାରରେ ଭାଷଣ ହେବାକୁ ପଡୁଛି, ତେବେ ଓଡ଼ିଶାର ପୁରପଲ୍ଲୀରେ ବିଦ୍ୟୁତ୍ ସେବାର ଅବସ୍ଥା କ'ଣ ଥିବ, ସେଥିନେଇ ପ୍ରଶ୍ନ ଉଠୁଛି । ବିଶ୍ୱବିଦ୍ୟାଳୟ ହେଉଛି ଉଚ୍ଚଶିକ୍ଷାର ପ୍ରାଣକେନ୍ଦ୍ର ଓ ଏହାର ସମାବର୍ତ୍ତନ ଉତ୍ସବ ହେଉଛି ବର୍ଷକ ଭିତରେ ସବୁଠାରୁ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ । କାରଣ ଏଠାରେ ସବୁ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପଦକ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଗବେଷକ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥାଏ। ପୁଣି ଦେଶର ପ୍ରଥମ ନାଗରିକ ଏଠାକୁ ଅତିଥି ରୂପେ ଆସୁଥିବାରୁ ପ୍ରଶାସନ ନିଶ୍ଚିତ ଭାବରେ ବହୁ ପୂର୍ବରୁ ଜାଗ୍ରତିଆର୍ ରହିବାର କଥା । ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଦୈବାତ୍ ବିଦ୍ୟୁତ୍ ବିଭ୍ରାଟ ଘଟିଲେ, ବିକଳ୍ପ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ରହିବା ଏକାନ୍ତ ଅପରିହାର୍ଯ୍ୟ । ଅଥଚ କେଉଁ କାରଣରୁ ରାଷ୍ଟ୍ରପତିଙ୍କୁ ୯ ମିନିଟ୍ ଧରି ଅନ୍ଧାରରେ ଭାଷଣ ଦେବାକୁ ପଡ଼ିଲା, ବିକଳ୍ପ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା ରହିଲା ନାହିଁ, ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏକାନ୍ତ ଜରୁରି । ଅନ୍ଧାରର ସୁଯୋଗ ନେଇ କେହି ଅସାମାଜିକ ବା ରାଷ୍ଟ୍ରବିରୋଧୀ ଶକ୍ତି ଯଦି ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ କିଛି ଅଘଟଣ ଘଟାଇଥା'ନ୍ତେ, ତେବେ କ'ଣ ହୋଇଥାନ୍ତା ? ଏହା ବି ପ୍ରଶ୍ନବାଚୀ ସୃଷ୍ଟି କରୁଛି । 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ଭଳି ଏତେ ବଡ଼ ଘଟଣାରେ ଜଣେ ଠିକା କର୍ମଚାରୀଙ୍କୁ ସସ୍‌ପେଣ୍ଡ କରି ପ୍ରଶାସନ ଚୁପ୍ ବସିଯାଇଛି । କୌଣସି ବଡ଼ବଡ଼ିଆଙ୍କୁ ଏପର୍ଯ୍ୟନ୍ତ ପଚରାଉଚରା କରାଯାଇ ନାହିଁ । ଅବଶ୍ୟ ମାନ୍ୟବର ରାଜ୍ୟପାଳ ଏହି ଘଟଣାର ତଦନ୍ତ ଶେଷ କରି ସାତଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁଳପତିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ଅକ୍ଷମଣୀୟ ଅପରାଧ ପାଇଁ ଦାୟୀ କୌଣସି ବ୍ୟକ୍ତିଙ୍କୁ ଖସିବାକୁ ଦିଆଯିବା ଉଚିତ୍ ନୁହେଁ ।

# 'ବିଭିନ୍ନତାରେ ଏକତା' ବନାମ ରାଜନୀତି




ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ : ୯୯୩୭୧୭୪୦୯୭


ଭାରତବର୍ଷରେ ବିଭିନ୍ନ ଭାଷାଭାଷୀ, ବିଭିନ୍ନ ଜାତି, ଧର୍ମର ଲୋକ ବସବାସ କରନ୍ତି, ସାମ୍ବିଧାନିକ ସମାନତା ଆଜି ସମସ୍ତ ଭାରତୀୟଙ୍କୁ ଗୋଟିଏ ଛତା ତଳେ ଏକଜୁଟ କରିପାରିଛି । ସଂଘୀୟ ସରକାର ଏବଂ ପ୍ରାଦେଶିକ ସରକାର ମଧ୍ୟ ସମ୍ବିଧାନକୁ ସମ୍ମାନ ଦେଇ ନିଜର ଜନହିତକର ଶାସନ କାର୍ଯ୍ୟ ଚଳାଇବାକୁ ସକ୍ଷମ ହେଉଛନ୍ତି, ତେବେ ଅନେକ ସ୍ଥାନରେ କ୍ଷମତାସୀନ ପ୍ରାଦେଶିକ ସରକାର, କେନ୍ଦ୍ର ସରକାରଙ୍କ ସହିତ ଏକମତ ହୋଇ ପାରୁନାହାନ୍ତି । ଦୁଇ ପକ୍ଷଙ୍କ ମତ, ନୀତି ଜନହିତକର ହେବା ପରିବର୍ତ୍ତେ ଦଳ ହିତକର ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି ଯାହାକି ଦେଶର ମାନସମ୍ମାନ ଉପରେ ଆଞ୍ଚ ଆଣିବା ସହିତ ଦଳୀୟ ସଂକୀର୍ଣ୍ଣତାର ପରିଚୟ ଦେଉଛି । ଏଠାରେ ଦଳ ଏବଂ କ୍ଷମତା ପାଇଁ ଅଧିକରୁ ଅଧିକ ଚେଷ୍ଟା ଚାଲିଛି କିନ୍ତୁ ଦେଶର ଉନ୍ନତି ପାଇଁ କେବଳ ସାରଗର୍ଭକ ଭାଷଣ ହିଁ ଯଥେଷ୍ଟ ବୋଲି ଆଗଧାଡିର ନେତୃବୃନ୍ଦ ଭାବୁଛନ୍ତି । ପୃଥିବୀର ସବୁ ଦେଶର ଜନତା ସୁଶାସନ ସହିତ ଦେଶର ସର୍ବାଙ୍ଗୀନ ଉନ୍ନତି ଚାହାନ୍ତି, କିନ୍ତୁ ତାହା ବଦଳରେ ଯଦି କୁତ୍ସିତ ରାଜନୀତି ଦ୍ୱାରା ଜନତା ନିର୍ଯାତିତ, ନିଷ୍ପେସିତ ତଥା ହିଂସାର କବଳରେ ପଡି ଧନ ଜୀବନ ନଷ୍ଟର ସମ୍ମୁଖୀନ ହୁଅନ୍ତି ତେବେ ତାହାର ପରିଣତି କ'ଣ ହେବ ନିଜେ ଚିନ୍ତା କରନ୍ତୁ ତ ?

ଅନାଦି କାଳରୁ ପୃଥିବୀରେ ଧର୍ମ ନାମରେ ଅସଂଖ୍ୟ ରକ୍ତପାତ ହୋଇଛି ଅନେକ ନିରୀହ ଜୀବନ ଯାଇଛି ଯାହାର କି ଇତିହାସ ସାକ୍ଷୀ ହୋଇ ଛିଡା ହୋଇଛି, କ୍ଷମତା ବଳରେ ସବଳର ଦୁର୍ବଳ ଉପରେ ଅମାନୁଷିକ ଅତ୍ୟାଚାର କିଛି ନୂଆ କଥା ନୁହେଁ, ଏଠି ଆମେ କେବଳ ବଞ୍ଚିବା ପାଇଁ ସଂଗ୍ରାମରତ ପରି ମନେହୁଏ । ଆମ ମୁଣ୍ଡ ଉପରେ ଧର୍ମ ନାମକ ଏକ ଅତି ସମ୍ବେଦନଶୀଳ ମୁକୁଟଟିଏ ରହିଛି ଯାହା ଆମେ ଆଜନ୍ମରୁ ପରିବାରରୁ ପାଇଥାଉ କିମ୍ବା ସାବାଳକ ହେବାପରେ ଆଇନତଃ ନିଜେ ନିଜସ୍ୱ ମତ ପରିବର୍ତ୍ତନ କରି ଅନ୍ୟ ଧର୍ମକୁ ଆପଣେଇ ମୁକୁଟ ବଦଳାଇ ଥାଉ, ଧର୍ମକୁ ନେଇ ଆମର ଚିହ୍ନଟ, ଧର୍ମକୁ ନେଇ ଆମର ସଂସ୍କାର, ଧର୍ମକୁ ନେଇ ଆମର ନାମ ସରକାରୀ କଳରେ ପଞ୍ଜିକୃତ, ଧର୍ମକୁ ନେଇ ଆମର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ରୀତି ନୀତି ମାନିବାକୁ ସମାଜର କଠୋର ନିୟମ ରହିଛି । ଜୀବନର ଏହି ପ୍ରକ୍ରିୟା ଭିତରେ ଅନେକ ବ୍ୟକ୍ତି କିଂକର୍ତ୍ତବ୍ୟ ବିମୂଢ ହୋଇ ଯାଇଥା'ନ୍ତି, ତଥାପି ସମାଜ ତା'ଙ୍କୁ ବାଧ୍ୟ କରିଥାଏ ରୀତିନୀତି ମାନିବାକୁ ଓ ଏହାତ ଗଲା ସମାଜ କଥା, ସମ୍ପ୍ରତି ଭାରତ ବର୍ଷର ରାଜନୀତି ଆଜି ଅନେକାଂଶରେ ଧର୍ମୀୟ ରାଜନୀତି ଆଡକୁ ଅଗ୍ରସର ହେଉଛି । ସମ୍ବିଧାନ ଅନୁସାରେ 'ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସବୁ ଭାରତୀୟ ସମାନ' କିନ୍ତୁ ପ୍ରକୃତରେ କ'ଣ ସରକାର ଏହାକୁ ଆନ୍ତରିକତା ସହ ପାଳନ କରୁଛନ୍ତି ? ସମସ୍ତେ କ'ଣ ସମାନ ସୁବିଧା ସୁଯୋଗ ପାଉଛନ୍ତି ? ବର୍ତ୍ତମାନ ଧର୍ମ ଭିତ୍ତିକ ରାଜନୀତି ଦ୍ୱାରା ଦେଶକୁ ବିଭାଜନ କରିବାରେ ଅନେକ ଦଳ ଚେଷ୍ଟିତ, ଏହାଦ୍ୱାରା 'ଏକତା ଅନେକତାରେ' ପରିଣତ ହେଉଛି । ଧର୍ମ ଏବଂ ରାଜନୀତି ଦୁଇଟି ପୃଥକ, 'ସମାଜରେ ଶୃଙ୍ଖଳିତ ସହାବସ୍ଥାନ ତଥା ନିଜ ରୀତି ନୀତି, ସଂସ୍କାରକୁ ଜୀବିତ ରଖି ନିଜ ଧର୍ମର ଆରାଧ୍ୟ ଦେବତାଙ୍କୁ ପ୍ରାର୍ଥନା କରିବା ସହିତ ସମସ୍ତଙ୍କ ମଙ୍ଗଳ କାମନା କରିବା' ଧର୍ମର ଉଦ୍ଦେଶ୍ୟ, ଧର୍ମ ଅନେକ ହୋଇପାରେ କିନ୍ତୁ ସବୁ ଧର୍ମର ଲକ୍ଷ୍ୟ ଏକ । ସବୁ ଧର୍ମକୁ ସମ୍ମାନ ଦେବା ସହିତ ଭାଇଚାରା ସୃଷ୍ଟି କରିବା ବଦଳରେ ବର୍ତ୍ତମାନ କିଛି କଠୋରପନ୍ଥୀ ଧର୍ମୀୟ ଗୁରୁ, ରାଜନେତା, ସ୍ୱାର୍ଥପର କ୍ଷମତା ଲୋଭି ବ୍ୟକ୍ତି ବିଶେଷ ନିରୀହ ଜନତାଙ୍କୁ ଧର୍ମ ନାମରେ ପରସ୍ପର ସହିତ ଲଢେଇ କରିବାକୁ ଚେଷ୍ଟା ଚଳାଇ ଆସୁଛନ୍ତି, ଘୃଣାର ବୀଜ ବିକ୍ଷେପ କରୁଛନ୍ତି ଯାହାକି ସମୟ ସମୟରେ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରୁଛି ।

ସମ୍ବିଧାନ କ'ଣ କହିଛି ଯେ, ନିର୍ଦ୍ଦିଷ୍ଟ ଗୋଟିଏ ଧର୍ମର ବ୍ୟକ୍ତିବିଶେଷଙ୍କ ପାଇଁ ନିର୍ଦ୍ଦିଷ୍ଟ ଦଳ ରହିବ ? ଅନ୍ୟ ଧର୍ମର ବ୍ୟକ୍ତି ବିଶେଷ କ'ଣ ଭାରତୀୟ ନୁହନ୍ତି ? ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ଜୀବନଶୈଳୀ ହୁଏତ ବିଭିନ୍ନ କିନ୍ତୁ ସେମାନଙ୍କ ମଧ୍ୟରେ ସମନ୍ୱୟ ରଖିବା ପ୍ରଶାସନର ଦାୟିତ୍ୱ କିନ୍ତୁ ଏଠି ପ୍ରଶାସନ କରୁଛି କ'ଣ ? ହୁଏତ କୌଣସି ଚାପର ସମ୍ମୁଖୀନ ହୋଇ ନିଜ ଦାୟିତ୍ୱରେ ଅବହେଳା କରୁଛି ଫଳରେ ନିରୀହ ଜୀବନ ସହିତ ସରକାରୀ ବେସରକାରୀ ସମ୍ପତ୍ତି ନଷ୍ଟ ହେଉଛି । କଥାରେ ଅଛି 'ଜୋର ଯାହାର ମୂଲକ ତାହାର' ଯେଉଁ ଦେଶରେ ଶାସକ ପ୍ରଜାମାନଙ୍କର ରକ୍ଷକ ନହୋଇ ଭକ୍ଷକ ହେଉଛି ସେଠାରେ ନ୍ୟାୟ କାହାଠାରୁ ଆଶା କରିବା ? ଆଇନ ଅଦାଲତ ନିରପେକ୍ଷ ନ୍ୟାୟ ଦେବାକୁ ବସିଛନ୍ତି କିନ୍ତୁ ନ୍ୟାୟିକ ପ୍ରଣାଳୀ ଖୁବ୍ ଜଟିଳ । ଏହାର ସରଳୀକରଣ ଯଦି ହୋଇ ପାରନ୍ତା ତେବେ ନିଶ୍ଚିତ ଭାବେ ଜନତା ଉପକୃତ ହୋଇ ପାରନ୍ତେ । ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନ୍ୟାୟିକ ପ୍ରଣାଳୀରେ ଅନେକ ସୁଧାର ଆଣି ସାରିଲେଣି ଭବିଷ୍ୟତରେ ମଧ୍ୟ ଅନେକ ସୁଧାର ଆସିବ ।

ପୃଥିବୀ ପୃଷ୍ଠରେ ଏପରି କିଛି ଦେଶ ଅଛି ଯେଉଁଠାରେ କି ଧର୍ମକୁ ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ କେବଳ ମାନବତା ଏବଂ ସୁଶାସନକୁ ଗୁରୁତ୍ୱ ଦିଆଯାଏ, ସେହିପରି ନିମ୍ନରେ କିଛି ଦେଶର ଉଦାହରଣ ଦେବାକୁ ଉଚିତ୍ ମନେ କରୁଛି ଯେଉଁଠାରେ କି ସମୁଦାୟ ଜନସଂଖ୍ୟାର --- ପ୍ରତିଶତ କୌଣସି ଧର୍ମର ନୁହନ୍ତି ଓ ୧. ଚେକ୍ ରିପବ୍ଲିକ୍ (ୟୁରୋପ) - ୭୮.୪ ପ୍ରତିଶତ କୌଣସି ଧର୍ମର ନୁହନ୍ତି, ୨. ଉତ୍ତର କୋରିଆ - ୭୧.୩ %, ୩. ଇସ୍ତୋନିଆ-୬୦.୨%, ୪. ଜାପାନ୍- ୬୦%, ୫. ହଂକଂ-୫୪.୭%, ୬. ଚୀନ୍-୫୧.୮%, ୭. ଦକ୍ଷିଣ କୋରିଆ-୪୬.୬%, ୮. ଲାଟିଭିଆ-୪୫.୩%, ୯.ନେଦରଲ୍ୟାଣ୍ଡ-୪୪.୩%, ୧୦. ଉରୁଗୁଏ-୪୧.୫%, ୧୧. ନ୍ୟୁଜିଲାଣ୍ଡ-୩୯.୬%, ୧୨. ମଙ୍ଗୋଲିଆ-୩୬.୫%, ୧୩ . ଫ୍ରାନ୍ସ -୩୧.୯%, ୧୪. ବ୍ରିଟେନ୍-୩୧.୨%, ୧୫. ବେଲଜିଅମ୍-୩୧% ଜନସାଧାରଣ କୌଣସି ଧର୍ମର ନୁହନ୍ତି । ଭାରତ ବର୍ଷରେ ପ୍ରାୟ ୧ % ଲୋକ କୌଣସି ଧର୍ମର ନୁହନ୍ତି । ତେବେ ବିଚାର କରନ୍ତୁ ତ' ଦର୍ଶାଯାଇଥିବା ଦେଶଗୁଡ଼ିକର ଜନତା ଧର୍ମ ବିନା କ'ଣ ଉତ୍ତମ ଶାସନ ପାଉନାହାନ୍ତି ? ନିଶ୍ଚିତ ଊଣା ଅଧିକେ ସୁଶାସନ ପାଉଛନ୍ତି ତେବେ ଆମ ଭାରତ ବର୍ଷରେ କାହିଁକି ଆଜି ଧର୍ମ ନାମରେ ରାଜନୀତି ଚାଲିଛି ? ଧର୍ମ ନାମରେ ଦେଶର ନାଗରିକମାନଙ୍କୁ ଭାଗ ଭାଗ କରି ଦଳୀୟ ରାଜନୀତିରେ ସାମିଲ କରି ଭୋଟ ବ୍ୟାଙ୍କ ବଢାଇବା ଛଡା ଆଉ କିଛି ନୁହେଁ ବୋଲି ଗୁଣି ଜ୍ଞାନୀମାନଙ୍କ ମତ ଓ ଆମେମାନେ ଆଜି ଏହି ଧର୍ମ ବିବାଦକୁ ନେଇ ଯେତେ ସମୟ ଅପଚୟ କରୁଛୁ ତା'ର ଫଳ ସ୍ୱରୂପ ଦଙ୍ଗା ଜନିତ ଧନଜୀବନ ନଷ୍ଟ ହେଉଛି, ରାଷ୍ଟ୍ରୀୟ ସମ୍ପତ୍ତି ନଷ୍ଟ ହେଉଛି ସେହି ସମୟ ଯଦି ଦେଶର ଉନ୍ନତି ପାଇଁ ଚିନ୍ତା କରନ୍ତୁ ତେବେ ଦେଶର ଅନେକ ଉନ୍ନତି ହୁଅନ୍ତା ଭାଇଚାରା ବୃଦ୍ଧି ହୁଅନ୍ତା 'ଅନେକତାକୁ ନେଇ ଏକତା' ସୃଷ୍ଟି ହୁଅନ୍ତା କିନ୍ତୁ ନେତାଙ୍କ ଆଖି କେବଳ ଭୋଟ ଉପରେ ନ୍ୟସ୍ତ ହୋଇ ରହିଛି, ଯାହାର କି କୌଣସି ବିକଳ୍ପ ନାହିଁ । ପ୍ରେମରେ ବାନ୍ଧିବାକୁ ଚେଷ୍ଟା ନକରି ଘୃଣା ବିଦ୍ୱେଷ ଭରିଦେଇ ଶାସନ କରିବା କେତେଦୂର ଯଥାର୍ଥ ? ରାଜନୀତି ଠାରୁ ଧର୍ମକୁ ଅଲଗା ରଖି ଧାର୍ମିକ ଭାବନା ଉପରେ ଆଞ୍ଚ ନଆଣି ତଥା କୌଣସି ଧର୍ମକୁ ଛୋଟ ବା ବଡ଼ ଦେଖାଇବାକୁ ଚେଷ୍ଟା ନକରି ସୁଶାସନ ଦେଉଥିବା ସରକାର ନିଶ୍ଚିତ ଦୀର୍ଘସ୍ଥାୟୀ ହେବ ଏଥିରେ ସନ୍ଦେହ ନାହିଁ । ଏକ ଧାଡ଼ିର ପଦ୍ୟଟିଏ ମନେପଡ଼ି ଯାଏ- 'ତୁମେ ତ' ରାମ, ତୁମେ ତ' ରହିମ, ତୁମେ ତ' ଆଲ୍ଲା, ଯୀଶୁ ... ତୁମରି ପାଇଁ ଲାଗିଛୁ କଳି ହୋଇ ଆମେ ଆଜି ପଶୁ' । 'ମାନବ ସେବା ହିଁ ମାଧବ ସେବା' ଏକଥା ଭୁଲି ନଯାଇ ସମସ୍ତଙ୍କୁ ସମାନତା ଦେବା ଆମର ଲକ୍ଷ୍ୟ ହେଉ।

# ଓଡ଼ିଶାର ଗର୍ବ ସ୍ଥାପତ୍ୟ ଶିଳ୍ପୀ-ରଘୁନାଥ ମହାପାତ୍ର




ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


ମଣିଷମାନଙ୍କ ଦ୍ୱାରା ଦେଶ, ଜାତି, ରାଷ୍ଟ୍ର ଓ ସମାଜ ଗଢ଼ା ଯାଇଛି । ପ୍ରତ୍ୟେକ ସମାଜର ଦୁଇଟି ଆଖି ଥାଏ, ତାହା ହେଉଛି ସଭ୍ୟତା ଓ ସଂସ୍କୃତି । ସଂସ୍କୃତି ହେଉଛି ସମାଜର ଦେବତା, ସଭ୍ୟତା ତା'ର ବାହନ । ମଣିଷର ସଂସ୍କୃତି ସଂକ୍ରୀର୍ଣ୍ଣ ହେଲେ ତା'ର ସଭ୍ୟତା ବିପଦରେ ପଡ଼ିଥାଏ । ଆମ ଓଡ଼ିଶା ହେଉଛି ସାହିତ୍ୟ, କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି ସଭ୍ୟତାର ଦେଶ । ଯେଉଁଠି ଶିଳାରେ ସୌରଭ ଭରି ନିହାଣ ମୁନରେ ନିର୍ଜୀବ ପାଷାଣକୁ ଜୀବନ୍ୟାସ ଦେଇ କୀର୍ତ୍ତିମାନ ସ୍ଥାପନ କରନ୍ତି ଶିଳ୍ପୀ, ସେହି ଦେଶରେ ଏକ ସାଧାରଣ ପରିବାରରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀ (ହରଚଣ୍ଡିସାହି) ପଥୁରୀଆ ସାହିରେ ଜନ୍ମଗ୍ରହଣ କରିଥିଲେ ସାଂସଦ ପଦ୍ମ ବିଭୂଷଣ ଡ଼. ରଘୁନାଥ ମହାପାତ୍ର, ପିତା- ଦାମୋଦର ମହାପାତ୍ର ଓ ମା' ସୁକାନ୍ତି ଦେବୀ ।

ରଘୁନାଥଙ୍କୁ ଯେତେବେଳେ ୫ ବର୍ଷ ସେତେବେଳେ ତାଙ୍କୁ ଜ୍ୱର ହୋଇଥିଲା । କୌଣସି ଔଷଧ କାର୍ଯ୍ୟ କଲା ନାହିଁ । ଡ଼ାକ୍ତର କହିଲେ ଅଳ୍ପ ସମୟରେ ପିଲାଟି ମରିଯିବ । ପିତା-ମାତା ମା' ହରଚଣ୍ଡିଙ୍କ ଆଶ୍ରୟ ନେବାରୁ ସେ ଭଲ ହୋଇଗଲେ । ସେହିଦିନ ଠାରୁ ରଘୁନାଥ ମା'ଙ୍କ ଭକ୍ତ ପାଲିଟି ଗଲେ । ଘରଦ୍ୱାର ଛାଡ଼ି ସେ ମା'ଙ୍କୁ ଖୋଜିବା ପାଇଁ ବଣ ଜଙ୍ଗଲରେ ଅଖିଆ ଅପିଆ ବୁଲିଲେ । ସେ ଜଣେ ସାଧୁଙ୍କ ସାନ୍ନିଧ୍ୟ ପାଇଁ ରାମେଶ୍ୱର ଠାରେ ସାଧାନାରେ ବ୍ରତୀ ହେଲେ । ଶେଷରେ ସେ ଶିବଙ୍କର ଆଶୀର୍ବାଦ ପ୍ରାପ୍ତ ହେଲେ । ଦୁଇବର୍ଷ ପରେ ସେ ଘରକୁ ଫେରି ଜଗନ୍ନାଥଙ୍କ ଭାବଭକ୍ତିର ଆଶ୍ରୟ ନେଇ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ ।

ସେ ଛୋଟ ବେଳୁ ଅଜା ଅପର୍ତି ମହାପାତ୍ରଙ୍କ ଠାରୁ ମୂର୍ତ୍ତି ଗଢ଼ିବା ଶିକ୍ଷା ଲାଭ କରିଥିଲେ । ରଘୁନାଥ ପୁରୀ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଦୋକାନରେ ମୂର୍ତ୍ତି ବିକ୍ରି ପାଇଁ ଦିଅନ୍ତି ଆଉ କିଛି ମୂର୍ତ୍ତି ସମୁଦ୍ର କୂଳରେ ବିକ୍ରି କରି ସନ୍ଧ୍ୟା ବେଳକୁ ଦୋକାନୀଙ୍କ ଠାରୁ ପଇସା ଆଦାୟ କରି ଘରକୁ ଫେରନ୍ତି । ଏହା ଥିଲା ତାଙ୍କର ନିତିଦିନିଆ ବେଉସା । ଦିନେ ମୂର୍ତ୍ତି ଗଢ଼ିବା ସମୟରେ ପଥୁରୀଆ ସାହିକୁ ଓଡ଼ିଶା ଓ କଲିକତାର ଡ଼ିଜାଇନ୍ ସେଣ୍ଟରର ଦୁଇ ନିର୍ଦ୍ଦେଶକ ଆସିଥିଲେ । ସେମାନେ ରଘୁନାଥଙ୍କ କାର୍ଯ୍ୟ ଦେଖି ଖୁସି ହୋଇ ତାଙ୍କୁ ଆତ୍ମନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ । କାଳବିଳମ୍ବ ନକରି ରଘୁନାଥ ଭୁବନେଶ୍ୱର ଠାରେ ଥିବା ହ୍ୟାଣ୍ଡିକ୍ରାଫ୍ଟ ଡ଼ିଜାଇନ ଆଣ୍ଡ ଟ୍ରେନିଂ ସେଣ୍ଟରରେ ଚାକିରିରେ ଯୋଗ ଦେଲେ । ଏଠାରେ କାର୍ଯ୍ୟ କରିବା ସମୟରେ କାରିଗର ଜୀବନର ଏକ ପରିବର୍ତ୍ତନ ଆସିଲା । ସେ ସର୍ବଭାରତୀୟ ହସ୍ତଶିଳ୍ପ ବୋର୍ଡ଼ ପକ୍ଷରୁ ହେଉଥିବା ପ୍ରତିଯୋଗିତାରେ ଭାଗ ନେଲେ । ସେ କୋଣାର୍କ ଘୋଡ଼ା ତିଆରୀ କରି ପ୍ରତିଯୋଗିତାକୁ ପଠାଇଥିଲେ । ଏହି ପ୍ରତିଯୋଗିତାରୁ ସେ ପ୍ରଥମ କରି ଜାତୀୟ ସ୍ୱୀକୃତି ପାଇ ରାଷ୍ଟ୍ରପତି ଡ. ଭି. ଭି.ଗିରିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

ଜାପାନର ଫୁଜି ଗୁରୁଜୀଙ୍କ ଦିଗଦର୍ଶନରେ ରଘୁନାଥ ମହାପାତ୍ର ଧଉଳି ଠାରେ ୧୮ ଫୁଟ୍‌ର ବୁଦ୍ଧ ମୂର୍ତ୍ତି ନିର୍ମାଣ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ । ଫୁଜି ଗୁରୁଜୀ ତାଙ୍କର ନିର୍ମାଣ ଶୈଳୀ ଦେଖି ଜାପାନ ଯିବାକୁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କ ପ୍ରସ୍ତାବ ରଘୁନାଥ ପ୍ରତ୍ୟାଖାନ କରିଥିଲେ । ଶ୍ରୀ ଜଗନ୍ନାଥଙ୍କର ପ୍ରରମ ଭକ୍ତ ଭାବେ ଜଣାଶୁଣା ରଘୁନାଥ ଶିଳ୍ପୀ ଗୁରୁ କଳା ଜଗତରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ସୃଷ୍ଟି କରି ଦେଶ ବିଦେଶରେ ପରିଚିତ ହୋଇଥିଲେ । ତାଙ୍କର କଳାକୃତି ଥିଲା, ଯଥା- ଭୁବନେଶ୍ୱର ମାଷ୍ଟର କାଣ୍ଟିନ ଛକରେ କୋଣାର୍କ ଘୋଡ଼ା, କଟକ ବାରବାଟି ଷ୍ଟାଡ଼ିୟମ୍‌ରେ କୋଣାର୍କ ଘୋଡ଼ା, ଭୁବନେଶ୍ୱର ଏୟାରପୋର୍ଟରେ ୧୬ଟି କୋଣାର୍କ ଚକ୍ର, ଟିଟିଲାଗଡ଼ରେ ୭୦ ଫୁଟ୍ ଉଚ୍ଚତାର ୩ଟି ମନ୍ଦିର, ଗଞ୍ଜାମର ନୂତନ ତାରାତାରିଣୀ ମନ୍ଦିର, ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିର, ଧଉଳିରେ ୨ଟି ବୌଦ୍ଧ ମୂର୍ତ୍ତି, ସଂସଦରେ ସ୍ଥାପିତ ସୂର୍ଯ୍ୟନାରାୟଣ ମୂର୍ତ୍ତି, ରାଜିବ ଗାନ୍ଧିଙ୍କ ସମାଧିପୀଠ, ନୂଆଦିଲ୍ଲୀ ଅଶୋକା ହେଟେଲରେ କୋଣାର୍କ ଚକ୍ର, ହରିଆନା ସ୍ୱରଜ କୁଣ୍ଡରେ ୧୫ଫୁଟ୍‌ର ବୁଦ୍ଧ ମୂର୍ତ୍ତି, ଆମେରିକାର ଉତ୍ତର ଆଲବାମାରେ ଜଗନ୍ନାଥ ମନ୍ଦିର, ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ୩ ଟି ବୌଦ୍ଧ ମୂର୍ତ୍ତି, ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତ୍ତି, ଜାପାନରେ ୧୫ ଫୁଟ ଉଚ୍ଚତାର ଅଶୋକସ୍ତମ୍ଭ, ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଦେଶର କିଛି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଯିଏକି ତିନୋଟି ପଦ୍ମ ସମ୍ମାନ ପାଇବାରେ ହକ୍‌ଦାର୍ ହୋଇଥିଲେ । ସେ ପ୍ରସ୍ତର ଶିଳ୍ପ କୃତି ପାଇଁ ୩୩ବର୍ଷ ବୟସରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୦୧ ମସିହାରେ ସେ ପଦ୍ମଭୂଷଣ ପୁରସ୍କାର ପାଇଥିଲେ । ୨୦୧୩ରେ ତୃତୀୟ ଓଡ଼ିଆ ଭାବେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ଅନ୍ୟାନ୍ୟ ପୁରସ୍କାର ଭାବେ ନୃତ୍ୟଗୁରୁ କେଳଚ ଚରଣ ମହାପାତ୍ର ଓ କବି ସୀତାକାନ୍ତ ମହାପାତ୍ର ପୁରସ୍କାରରେ ପୁରସ୍କୃତ ହୋଇଥିଲେ, ଏକାଡ଼େମୀର ଧର୍ମପଦ ପୁରସ୍କାର, ଶିଳ୍ପୀଗୁରୁ ସମ୍ମାନ, ଭରତମୁନି ସମ୍ମାନ ଓ ମହ୍ଲାର ପ୍ରଭୃତି ବହୁ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ୨୦୦୦ରେ ତାଙ୍କୁ ଆଇସିସିଆର ସଭ୍ୟ ଭାବେ ଭାରତ ସରକାର ମନୋନୀତ କରିଥିଲେ । ସେ ମଧ୍ୟ ଓଡ଼ିଶା ଲଳିତ କଳା ଏକାଡ଼େମିର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଏହିଭଳି ପ୍ରତିଭାଧାରୀଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିଥିଲେ ।

ତାଙ୍କର ତିନିପୁଅ ଓ ଦୁଇଝିଅ । ତାଙ୍କ ଜୀବିତ ଅବସ୍ଥାରେ ସାନ ପୁଅକୁ ହରାଇଥିଲେ । ତାଙ୍କର ଅନ୍ତେଷ୍ଟିକ୍ରୟା ମଧ୍ୟରେ ଅନ୍ୟ ଦୁଇପୁଅ ଯଶୋବନ୍ତ ଓ ପ୍ରଶାନ୍ତ କୋରୋନା ମହାମାରୀର କରାଳ ଗର୍ଭରେ ବିଲିନ ହୋଇ ଯାଇଥିଲେ ।

ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ନିର୍ମାଣର ସ୍ୱପ୍ନ, ନିରବୀଗଲା ନିହଣର ମୁନ, କରୋନାର କରାଳ ଛାୟାରେ ସବୁଦିନ ପାଇଁ ଲୁଚି ଗଲା ମହାନ୍ ସ୍ଥାପତ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ଅସୁମାରୀ ଆଶା ଓ ଆକାଂକ୍ଷା । ମହାମାରୀ କରୋନାରେ ପିଡ଼ିତ ହୋଇ ୨୦୨୧ ମସିହା ମେ ମାସ ୯ ତାରିଖରେ ୭୮ବର୍ଷ ବୟସରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଜୀବନ ପ୍ରଦୀପ ଅସ୍ତମିତ ହୋଇଗଲା । ଏହି ମହାନ ଶିଳ୍ପୀ ତାଙ୍କର ହାତର ସ୍ପର୍ଶରେ ହଜାର ହଜାର ପଥରକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ । ଯାହା ଆଜି ମଧ୍ୟ ଜନମାନସକୁ ଆକର୍ଷଣ କରୁଛି । ତାଙ୍କର ପାର୍ଥିବ ଶରୀର ଆଜି ଆମ ଗହଣରେ ନାହିଁ ସତ, କିନ୍ତୁ ସେ ଯୁଗଯୁଗ ଧରି ତାଙ୍କର ସୃଷ୍ଟି ପଥରମୂର୍ତ୍ତିରେ ଜୀବନ୍ତ ହୋଇ ରହିଛନ୍ତି । ରାଜ୍ୟ ତଥା ଦେଶର କଳା ଜଗତ ତାଙ୍କର ଅମ୍ଳାନ କୃତୀକୁ ସଦାସର୍ବଦା ଚିରସ୍ମରଣୀୟ କରି ରଖିବ ।

# ବାଃ..ବାଃ..ରେ ମୁମ୍ବାଇ




ସୌମ୍ୟଶ୍ରୀ ପାଣିଗ୍ରାହୀ
କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୭୦୦୮୬୦୧୧୬୧


'ଆପଣ ନିଜ ସୁଟ୍‌କେସ୍ ନିଜେ ସଜାଡ଼ିଛନ୍ତି ତ ?' ଯେ ଗୋଟେ କେମିତିକା ପ୍ରଶ୍ନ ଯେ, ମୁଁ କ'ଣ ଏତେ ଧନାଢ୍ୟ ବ୍ୟକ୍ତି ଯେ, ମୋର ବ୍ୟକ୍ତିଗତ ସୁଟ୍‌କେସ୍ ମଧ୍ୟ ଆଉକାହା ଦ୍ୱାରା ସଜଡ଼ା କରେଇବି ? ବିମାନ ବନ୍ଦରର ଚେକ୍ ଇନ୍ କାଉଣ୍ଟରରେ ବସିଥିବା ସେହି କର୍ମଚାରୀଙ୍କୁ ସିନା ମୁଁ ସ୍ମିତହାସ୍ୟ ସହ ଉତ୍ତର ଦେଇଦେଲି ମାତ୍ର ଯେତେବେଳେ ଅପେକ୍ଷା କରୁ କରୁ ମୁଁ ଖବରକାଗଜ ଉପରେ ଆଖି ବୁଲେଇ ଆଣିଲି, ସେଇ ଖବରଟି ପାଖରେ ଅଟକି ଗଲି । ହିନ୍ଦୀ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ କ୍ରିଷ୍ଟିନା ପରେରା, ଅବୈଧ ଡ୍ରଗ୍ସ ଚୋରାଚାଲାଣ ଅଭିଯୋଗରେ ଦୁବାଇ ଠାରେ ତିନିଦିନ ଧରି ଅଟକ ଥାଆନ୍ତି । ତାଙ୍କର ଅପରାଧ ଏତିକି ଯେ, ଏକ ଆନ୍ତର୍ଜାତୀୟ ଚଳଚ୍ଚିତ୍ରର ସୁଟିଂ ପାଇଁ ଯିବା ସମୟରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏକ ଟ୍ରଫି ପ୍ରଦାନ କରାଯାଇଥିଲା, ଯାହା ସେ ମୁମ୍ବାଇ ବିମାନବନ୍ଦରରୁ ନିଜ ସାଙ୍ଗରେ ଧରି ଯାଇଥିଲେ । ସେଇ ଟ୍ରଫି ଭିତରେ ହିଁ ତାଙ୍କ ଅଜାଣରେ ନିଷିଦ୍ଧ ଡ୍ରଗ୍ସ ଲୁଚାଇ ରଖାଯାଇଥିଲା । ସେ ଅଭିନେତ୍ରୀ ସିନା ନିଜ ଜିନିଷପତ୍ର ନିଜେ ସଜେଇ ରଖିଥିବେ, ମାତ୍ର ଟ୍ରଫି ଭିତରେ କ'ଣ ରହିଛି ସେ କଥା, ସେ କୁଆଡୁ ଜାଣିବେ ? ନିଜ ଅଜାଣତରେ ସେ ଏକ ଆନ୍ତର୍ଜାତୀୟ ଅପରାଧରେ ଛନ୍ଦି ହୋଇଗଲେ ଏବଂ ତାଙ୍କୁ ଦୁବାଇ ଜେଲ୍‌ରୁ ମୁକୁଳେଇବା ପାଇଁ ବିଦେଶ ମନ୍ତ୍ରାଳୟର ହସ୍ତକ୍ଷେପ ଲୋଡାଗଲା । ମାତ୍ର ମୋ ମନରେ ପ୍ରଶ୍ନ ମୁମ୍ବାଇ ବିମାନ ବନ୍ଦରର ଏତେ କଡ଼ା ସୁରକ୍ଷା ଯାଞ୍ଚରେ ଏହା କିପରି ନଜରରେ ପଡିଲା ନାହିଁ ? ଏଇ ଖବର ପଢିଲା ବେଳେ, ମୋ କାନରେ ସୁଟ୍‌କେସ୍ ନିଜେ ପ୍ୟାକ୍ କରିବାର ପ୍ରଶ୍ନ ବାରମ୍ବାର ବାଜୁଥାଏ ।

ଏଠି ଓଡ଼ିଶାରେ ପହଞ୍ଚିବା ପରେ ପୁଣିଥରେ ଆଶ୍ଚର୍ଯ୍ୟ ହେଲି ଯେତେବେଳେ ଖବରକାଗଜରେ କଟକର ବିକାଶ ଭୂୟାଁଙ୍କର କଥା ପଢ଼ିଲି । ମୁମ୍ବାଇରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହୁଏ ଏବଂ ସେମାନଙ୍କର ମରଶରୀର (ଉଡ଼ାଜାହାଜ ଭାଷାରେ ଦେହାବଶେଷ) ପରିବାର ଜନଙ୍କ ନିକଟକୁ ପଠେଇ ଦିଆଯାଏ । ମୁମ୍ବାଇ ବିମାନ ବନ୍ଦରରୁ ଜୟପୁର(ରାଜସ୍ଥାନ) ଓ ଭୁବନେଶ୍ୱର ପଠେଇବା ସମୟରେ କୋରିୟର କମ୍ପାନୀର ଅସାବଧାନତା ଯୋଗୁଁ ଅଦଳବଦଳ ହୋଇଯାଏ ଏବଂ ବିକାଶ ଭୂୟାଁଙ୍କ ଶରୀର ବଦଳରେ ଆଉ ଜଣଙ୍କର ମରଶରୀର ପହଞ୍ଚେ ଘରେ । ମୃତଦେହ ପଚିସଢ଼ି କଳା ପଡ଼ିଯାଇଥିବାରୁ ଚିହ୍ନିବା ସମ୍ଭବ ହୁଏନାହିଁ ଏବଂ ପରିବାର ଲୋକେ ବିଧି ଅନୁସାରେ ସତ୍କାର କରିଦିଅନ୍ତି । ଘଟଣା ସାମ୍ନାକୁ ଆସେ ସେତେବେଳେ ଯେବେ ରାଜସ୍ଥାନର ଉକ୍ତ ପରିବାର ଏହି ଭୁଲ୍ ନିମନ୍ତେ ଅଭିଯୋଗ କରନ୍ତି । ଏଠି ପୁଣି ମୋ ମନରେ ପ୍ରଶ୍ନ, ବିମାନ ବନ୍ଦରରେ ଏତେବଡ଼ ଭୁଲ୍ ହେଲା କେମିତି ? ଦେହାବଶେଷ ସହ ଲାଗିଥିବା ଟ୍ୟାଗ/ବିବରଣୀକୁ ସଠିକ୍ ଭାବେ ତନଖି କରିଥିଲେ ହୁଏତ ଏମିତି ଘଟନଥାନ୍ତା ।

**ବିକଳ୍ପ ବିଚାର-୮୩**

ଏଇ ସେଇ ମୁମ୍ବାଇ ସହର ଯାହା ଡବାବାଲାଙ୍କ ପାଇଁ ଏକଦା ଚର୍ଚ୍ଚିତ ଥିଲା । ଶହ ଶହ କିଲୋମିଟର ଦୂରରୁ ବି ସଟିକ୍ ଡବା(ଟିଫିନ୍) ସଂଗୃହିତ ହେଉଥିଲା । ପୁଣି ହାତପରେ ହାତ ବଦଳି, ଠେଲାରେ ଲଦାହୋଇ ନିର୍ଭୁଲ ଭାବରେ ଠିକ୍ ମଧ୍ୟାହ୍ନ ଭୋଜନ ପୂର୍ବରୁ ନିଜ ଘରୁ ଆସିଥିବା ଗରମାଗରମ ଖାଦ୍ୟ ପହଞ୍ଚି ଯାଉଥିଲା ସୁଉଚ୍ଚ ଅଟ୍ଟାଳିକାର ଶୀତତାପ ନିୟନ୍ତ୍ରିତ କ୍ୟାବିନରେ ବସିଥିବା ଲୋକଟି ପାଖରେ । ଦିନକୁ ପ୍ରାୟ ୧୦ ଲକ୍ଷରୁ ଅଧିକ ଡ଼ବା(ଟିଫିନ) ଏଇ ପ୍ରଣାଳୀରେ ନିର୍ଭୁଲ ଭାବରେ ବଣ୍ଟାଯାଇ ପୁଣି ସୁରକ୍ଷିତ ଭାବେ ଘରେ ପହଞ୍ଚି ପାରୁଥିଲା । ଏହି ବଣ୍ଟନ ବ୍ୟବସ୍ଥା ଏତେ ନିର୍ଭୁଲ ଓ ସଠିକ୍ ଥିଲା ଯେ, ବିଦେଶର ଖ୍ୟାତନାମା ବିଶ୍ୱବିଦ୍ୟାଳୟରେ କେସ୍ ଷ୍ଟଡ଼ି ପାଲଟିଯାଇଥିଲା । ବିବିସି ପରି ବିଶ୍ୱର ଅଗ୍ରଣୀ ସଂସ୍ଥା ମଧ୍ୟ ଏହା ଉପରେ ପ୍ରାମାଣିକ ପ୍ରସ୍ତୁତ କରିବା ସହ ଏହି ବ୍ୟବସ୍ଥାକୁ ଉଚ୍ଚ ଗୁଣବତ୍ତା ନିମନ୍ତେ ସିଗମା ରେଟିଂ ମଧ୍ୟ ମିଳିପାରିଥିଲା । ସ୍ୱିଗୀ, ଜୋମାଟୋ ଆଜି ସିନା ଏଇ ଅଳ୍ପ କିଛିବର୍ଷ ହେବ ଲୋକପ୍ରିୟ ହୋଇଛନ୍ତି ମାତ୍ର ମୁମ୍ବାଇର ଜୀବନରେଖା ବୋଲାଉଥିବା ଲୋକାଲ ଟ୍ରେନ୍ ଓ ବସ୍‌ରେ ଲଦା ହେଇ କାହାଣୀ ପାଲଟି ଯାଉଥିଲେ ସେଇ ଟିଫିନ୍ ଓ ଡବାବାଲାମାନେ ।

ଆଜି ସେ ସହରକୁ କ'ଣ ହେଇଛି । ଧୂଳି ଧୂଆଁରେ ଅସ୍ତବ୍ୟସ୍ତ ଜୀବନ । ସଭିଏଁ ଦୌଡ଼ିବାରେ ଲାଗିଛନ୍ତି ସ୍ୱପ୍ନ ପଛରେ । ପାରାଭାଡ଼ି ଭଳି ଥାକ ଥାକ ଆପାର୍ଟମେଣ୍ଟର କୁନି କୁନି ବଖରେ ଦି ବଖରା ଘରେ ବିତୁଛି ଜୀବନ । ଏଠି ଗୋଟେ ପଟେ ପ୍ରାଚୁର୍ଯ୍ୟର ରାଜୁତି ତ' ପୁଣି ଆଉ ଗୋଟେ ପଟେ ମଳିଛିଆ ପାଉଁଶିଆ ଜୀବନ । ସଭିଏଁ ସବୁବେଳେ ବ୍ୟସ୍ତ । ଏ ସହର ରାତିସାରା ଶୁଏନାହିଁ ପୁଣି ଦିନଯାକ ବି ଖଟିବା ଲାଗି ତୟାର ଏଠାକାର ଲୋକ । ରାତି ୨ଟାରେ ମଧ ଭୟଙ୍କର ଟ୍ରାଫିକ୍ ଜାମ୍‌ରେ ଘଣ୍ଟା ଘଣ୍ଟା ଫସିରହିବା ସାଧାରଣ କଥା । ମୁଁ ତ' ଯାଇଛି ଦିନେ ଦି ଦିନ ପାଇଁ ଓଡ଼ିଶାରୁ । ଏତେସବୁ କଥା ମୁଁ ଜାଣିବି କେମିତି । ମୋର ବିମାନ ଦିନ ୧୧ ଟାରେ ଥାଏ । ମୁଁ ସକାଳ ୮ଟାରେ ହୋଟେଲରୁ ବାହାରି ମଧ୍ୟ ଟ୍ରାଫିକ୍ ଜାମ୍‌ରେ ଫସି ମାତ୍ର ୧୫କି.ମି.ର ବାଟକୁ ୨ ଘଣ୍ଟାରେ ପାରିହେବି ଓ ଉଡ଼ାଜାହାଜ ଧରିପାରିବିନାହିଁ, ଏକଥା ଭାବିବି କାହିଁକି ?

ମୁମ୍ବାଇର ଡ଼ବଲ ଡ଼େକର(ଦୁଇଥାକିଆ) ନାଲି ବସ୍‌ରେ ବସିଥିବାବେଳେ ଏକ ଅଭାବନୀୟ ଘଟଣା ଘଟିଲା । ଜଣେ ଭଦ୍ରବ୍ୟକ୍ତି ନିଜ ମୋବାଇଲରେ କିଛି ଶସ୍ତା ଲୋକପ୍ରିୟ ଭୋଜପୁରୀ ଗୀତ ଖୁବ୍ ଜୋର ଶବ୍ଦ କରି ଶୁଣୁଥାଆନ୍ତି । କେତେବେଳେ ଗୀତର ତାଳେ ତାଳେ ଅଙ୍ଗଭଙ୍ଗୀ କରୁଥାଆନ୍ତି ତ' କେତେବେଳେ ନିଜେ ହସୁଥାନ୍ତି ଜୋରରେ । ଆଖପାଖରେ ସମସ୍ତଙ୍କୁ ଏହା ଶୃତିକଟୁ ଲାଗିଲେ ବି କେହି କିଛି ନକହି ସହିଯାଉଥାଆନ୍ତି । ଏତିକିବେଳେ ୨ ଜଣ ପୋଲିସ ଆସି ସେ ଭଦ୍ରବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ଚାଲିଗଲେ । ମୁଁ ସେତିକିବେଳେ ଜାଣିଲି ଯେ, ମୁମ୍ବାଇ ପୋଲିସ ଅଧିନିୟମ, ୧୯୫୧ର ଧାରା ୩୮ ଅନୁସାରେ ଲୋକଗହଳି ବା ବସ୍/ଟ୍ରେନ୍‌ରେ କେହି ଉଚ୍ଚାଙ୍ଗ ସଂଗୀତ/କର୍କଶ ଶବ୍ଦ କଲେ କିମ୍ବା ନିଜ ବୈଦ୍ୟୁତିକ ଉପକରଣକୁ ଉଚ୍ଚ ଶବ୍ଦ ପାଇଁ ବ୍ୟବହାର କଲେ ବସ୍‌ର କଣ୍ଡକ୍ଟର ଏହାକୁ ସ୍ୱତଃ ସଜ୍ଞାନକୁ ଦେବେ ଏବଂ ସହଯାତ୍ରୀଙ୍କ ମଧ୍ୟରୁ କେହି ପୋଲିସରେ ଅଭିଯୋଗ କଲେ ୫୦୦୦ ଟଙ୍କା ଜୋରିମାନା ଓ ୨ ବର୍ଷ ଜେଲ୍‌ର ସଜା ମଧ୍ୟ ଦିଆଯାଇପାରେ । ଅନ୍ତତଃ ପକ୍ଷେ ସେ ଲୋକଟି ବୁଝିବା କଥା କିଏ କେଉଁଭଳି ମାନସିକ ସ୍ଥିତିରେ ଅଛି । କିଏ ରାତି ଅନିଦ୍ରା ଅଛି, କିଏ ପୁଣି ପରୀକ୍ଷା ଦେବାକୁ ଯାଉଛି ମେଡ଼ିକାଲକୁ, ପୁଣି କିଏ ଅଫିସ୍‌ରେ କାମକରି ଥକି ଯାଇଛି ଓ ଘରକୁ ଫେରିବା ବାଟରେ ଟିକେ ଢୁଳେଇ ପଡ଼ିବାକୁ/ଶୋଇବାକୁ ଚାହୁଁଛି । ଏତିକି ସୌଜନ୍ୟ କେମିତି ଲୋକମାନେ ଭୁଲିଯାଆନ୍ତି ଯେ ? କାନରେ ଇଅର ଫୋନ୍ ଲଗେଇ ଅନ୍ୟକାହାକୁ ହଇରାଣ ହରକତ ନକରି ଯେତେ ଇଚ୍ଛା ଗୀତ ଶୁଣିଲେ ବି କିଛି ଅସୁବିଧା ନାହିଁ । କିନ୍ତୁ ଅନ୍ୟ କାହାକୁ ବିରକ୍ତ କରି ଗୀତ ଶୁଣିବାରେ କି ଆନନ୍ଦ ଥାଏ ଯେ ?

ମୁଁ ବସ୍‌ରୁ ଓହ୍ଲେଇ ମୋର ହୋଟେଲ ଆଡ଼କୁ ଚାଲିଚାଲି ଆସୁଥିବାବେଳେ ଜଣେ ଭଦ୍ରବ୍ୟକ୍ତି କାନ୍ଥ କଡ଼ରେ ପରିଶ୍ରା କରୁଥିବାର ଦେଖି ଅଣଦେଖା କରି ଆଗେଇଗଲି । ମାତ୍ର ପରକ୍ଷଣରେ କାନରେ ପଡ଼ିଲା ଆଉ ଜଣେ ଭଦ୍ରବ୍ୟକ୍ତିଙ୍କର ତାଚ୍ଛଲ୍ୟ ଭରା ଭର୍ତ୍ସନା ଓ ନିଜ ସହର ମୁମ୍ବାଇକୁ ସେ ଏମିତି ଅପରିଷ୍କାର ହେବାର ଦେଖିପାରିବେନି ବୋଲି ଦୃଢ଼ୋକ୍ତି । ମୁଁ ବୁଲିପଡିଲି ତ' ହାତରେ ପାଣିବାଲଟି ଧରି ଛିଡ଼ାହେଇଥିଲେ ଦ୍ୱିତୀୟ ଭଦ୍ରବ୍ୟକ୍ତି ଜଣକ । ମୁଁ ତାଜୁବ ହେଲି ଏଇ ଉଭୟ ଭଦ୍ର ବ୍ୟକ୍ତିଙ୍କୁ ଦେଖି ଓ ମନେ ମନେ ଭାବୁଥିଲି ଆମ ଓଡ଼ିଶାରେ ଏମିତି ଦୃଶ୍ୟ ଦେଖିବାକୁ ମିଳିବ କି ? ସତରେ ଦ୍ୱିତୀୟ ଦୃଶ୍ୟଟି ବିରଳ । ଆମେ ଏଠି ରାସ୍ତା କଡ଼ରେ ପରିଶ୍ରା କରିବାକୁ ନିଜର ଜନ୍ମସିଦ୍ଧ ଅଧିକାର ବୋଲି ଭାବିନେଉ । ଆମକୁ କେହି ଅଟକେଇଲେ ଆମେ ମଧ୍ୟ ଅଣଦେଖା କରୁ । ଏଇଠି ମନେ ପଡୁଛି ଇନ୍ଦୋର ସହରର ଏକ ଅନୁଭୂତି । ମୋ ସାମ୍ନାରେ କେହି ଜଣେ ରାସ୍ତା କଡ଼ରେ ଅଳିଆ ଫିଙ୍ଗୁଥିବାର ଦେଖି ମୁଁ ଯେତିକି ଆଶ୍ଚର୍ଯ୍ୟ ହେଉଥିଲି ପରକ୍ଷଣରେ ଆଉଜଣେ ଭଦ୍ରବ୍ୟକ୍ତି ସେହି ଅଳିଆକୁ ନିଜ ହାତରେ ଉଠାଇ ନେଇ ଡଷ୍ଟବିନରେ ଫିଙ୍ଗିବା ସହ ମୃଦୁ ଭର୍ତ୍ସନା କରିବାର ବି ଦେଖିଥିଲି । ତାଙ୍କ କହିବାର ମର୍ମ ଥିଲା, ଏହିଭଳି ଅଳିଆ କଲେ ଆମେ ଆଉ ସାରା ଭାରତର ସ୍ୱଚ୍ଛତମ ସହରର ମାନ୍ୟତା ବଜାୟ ରଖିପାରିବା କି ? କହିବା ବାହୁଲ୍ୟ ଯେ, ମଧ୍ୟପ୍ରଦେଶର ଇନ୍ଦୋର ସହର କ୍ରମାଗତ ଭାବେ ଗତ କିଛିବର୍ଷ ଧରି ସ୍ୱଚ୍ଛତମ ସହର ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଆସୁଛି । ନିଜ ସହର ପାଇଁ ଜନସାଧାରଣଙ୍କର କିପରି ପ୍ରେମ ଦେଖୁଛନ୍ତି ତ ?

ଆପଣ ଭାବୁଥିବେ, ମୁଁ ସେଇ ତର୍ଜମା କାହିଁକି କରୁଛି । ପ୍ରକୃତରେ ମୁଁ ମୁମ୍ବାଇ ସହରରେ ଥିବା ସମୟ ତକ କେବଳ ଓଡ଼ିଶା ସହ ମୁମ୍ବାଇର ତୁଳନାତ୍ମକ ଛବିଟିଏ ହିଁ ଆଙ୍କୁଥିଲି । ଗୋଟେ ଦିନ ଭିତରେ ମୁଁ ମୁମ୍ବାଇ ସହରର ଏତେସବୁ ରଙ୍ଗ ଦେଖିସାରିଥିଲି ଯେ, ମନେ ମନେ ଭାବୁଥିଲି ପ୍ରକୃତରେ ଏ ସହର ଏକ ଅଜବ ସହର । ବାଃ..ବାଃ.. ରେ ମୁମ୍ବାଇ ।

# ମନର ଶକ୍ତି...




ମନୋଜ କୁମାର ବେହେରା
୨୧୭, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ-୭୯୭୮୮୩୦୬୧୧


ଆନୁକୂଳ ପରିସ୍ଥିତିରେ ପ୍ରସନ୍ନତା, ପ୍ରତିକୂଳ ପରିସ୍ଥିତିରେ ଦୁଃଖ ହୋଇଥାଏ । ଆଉ ମନର ସ୍ଥିତିରେ ପରିବର୍ତ୍ତନ ହୋଇଥାଏ । ପ୍ରତିକୂଳ ପରିସ୍ଥିତିରେ ନିରାଶା, ହୀନଭାବନା, ଚିଡ଼୍‌ଚିଡା ଲାଗିଥାଏ । ଆଉ ଯେଉଁଥିରେ ଅନେକ ଘଟଣା ଘଟିଥାଏ । ଆତ୍ମହତ୍ୟା ଭଳି ଭୟାବହ ସ୍ଥିତି ଉତ୍ପନ୍ନ ହୋଇଥାଏ । ଶ୍ରୀରାମଙ୍କୁ ଦଶରଥ ରାଜ୍ୟ ଦେବାର ଘୋଷଣା କଲେ ଆଉ ଏହା କିଛି ସମୟ ପରେ ଆଉ ହର୍ଷ ହୋଇ ରହିଲା ନାହିଁ, ବନବାସ ଦେଲେ କିନ୍ତୁ ଏଥିରେ ବିବାଦ ନଥିଲା । ଏସବୁ ସେତେବେଳେ ସମ୍ଭବ ହେବ ଯଦି ବ୍ୟକ୍ତି ଶ୍ରୀରାମଙ୍କ ଭଳି ହେଇଥିବ । ରାମ ଅର୍ଥାତ୍ ନିଜ ଭିତରେ ରମଣ କରିବା ବାଲା । ମହାତ୍ମା ବୁଦ୍ଧ କହିଥିଲେ, କୌଣସି ବାହାର ଶକ୍ତିରେ ଏତେ ବଳ ନାହିଁ କି ସେ ଆମର ମନକୁ ଅଧିନତା କରିପାରିବ । ଆଉ ଯେତେବେଳେ ଆମେ ଏହି କଥାକୁ ବୁଝି ଯାଉ, ଆମେ ସ୍ୱତନ୍ତ୍ର ହୋଇଯାଉ । ମନକୁ ପରିସ୍ଥିତିରେ ଅପ୍ରଭାବିତ ରଖିବା କଠିନ ଅଟେ । କୋଉ ବ୍ୟକ୍ତି ସମ୍ମାନ ଦେଇଥାଏ, ପ୍ରଶଂସା କରିଥାଏ ଆଉ ସେଥିରୁ ଗର୍ବର ଭାବ ଆସିଥାଏ । ଏହାର ପ୍ରତିକୂଳ ଯଦି ଅପମାନ ହୋଇଯିବ ଅଥବା ଆଲୋଚନା ହେବ ତା'ହେଲେ କ୍ରୋଧର ଭାବ ଆସିଥାଏ । ଏହି ହର୍ଷ ଆଉ କ୍ରୋଧ ସ୍ୱୟଂରୁ ନୁହେଁ ଏହା ବାହାରୁ ଆସିଥାଏ । ଏହି ବାହାରର ନାଳ ଯେପର୍ଯ୍ୟନ୍ତ ବନ୍ଦ ହେବନି, ଶାନ୍ତି ମିଳିବ ନାହିଁ । ଏହି ଝରକାଗୁଡିକୁ ଯେପର୍ଯ୍ୟନ୍ତ ବନ୍ଦ କରିବନି, ସେପର୍ଯ୍ୟନ୍ତ ଆମେ ଅନ୍ୟଙ୍କର ଖେଳଣା ହୋଇ ରହିଯିବ । ପ୍ରତ୍ୟେକ ବ୍ୟକ୍ତି ପାଖରେ ଗୋଟିଏ ନାୟକ ଲୁଚି ରହିଥାଏ । ଏହା ସେତେବେଳେ ବାହାରକୁ ଆସିବ ଯେତେବେଳେ ଆମେ ତାକୁ ତାହାର ରୂପରେ ସ୍ୱୀକାର କରିବା । ଅନ୍ୟ ସହିତ ତୁଳନା କରିବନି । ସେ ଭାବନ୍ତିନି କି ଅନ୍ୟମାନେ କ'ଣ କହିବେ ? ଅନ୍ୟଙ୍କ ସହିତ ଚାଲାକ କରି ସେହି ପର୍ଯ୍ୟନ୍ତ ପହଞ୍ଚିଥାନ୍ତି, ଯେଉଁଠି ସେମାନେ ପହଞ୍ଚିଥିବେ । ଆମେ ନିଜର ସମ୍ଭାବନାକୁ ଜାଣି ପାରିନଥାଉ । ଅନ୍ୟଙ୍କୁ ତାଙ୍କର କାର୍ଯ୍ୟ କରିବାକୁ ଦିଅ ଆଉ ନିଜ କାମକୁ ଭଲ ଭାବରେ କର । ଯେପର୍ଯ୍ୟନ୍ତ ସମତା ଆଉ ସନ୍ତୁଳନର ସାଧନା ନହେବ, ସେପର୍ଯ୍ୟନ୍ତ ଧର୍ମ ତଥା ଶାନ୍ତି ପ୍ରାପ୍ତି କରାଯାଇ ପାରିବନି ।

## ପୋଲିସ-ମାଓବାଦୀ ଗୁଳି ବିନିମୟ

# ପୋଲିସ ଗୁଳିରେ ମାଓବାଦୀ ନିହତ

### ମାଓବାଦୀଙ୍କ ଗୁଳିମାଡ଼ରେ ଜଣେ ଡିଏସ୍‌ପି ଆହତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଲାଲ୍ ବାହିନୀ କ୍ରମଶଃ ନିଜର କାୟା ବିସ୍ତାର କରୁଥିବା ସମ୍ବାଦକୁ ଆଜି ପୁଷ୍ଟ କରିଛି କଳାହାଣ୍ଡି ପୋଲିସ ଓ ମାଓବାଦୀଙ୍କ ଘନଘୋର ଗୁଳି ବିନିମୟ। ମାଓବାଦୀ ଓ ପୋଲିସ ଆଜି ଅକସ୍ମାତ୍ ମୁହାଁମୁହିଁ ହୋଇ ପରସ୍ପର ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ପୋଲିସ ଗୁଳିରେ ଦୁଇଜଣ ମାଓବାଦୀ ପ୍ରାଣ ହରାଇଥିବା ଶୁଣା ଯାଉଥିବା ବେଳେ ଅନ୍ୟଜଣେ ମାଓବାଦୀ ଗୁରୁତର ଥିବା ଜଣା ପଡିଥିବା ବେଳେ ମାଓବାଦୀଙ୍କ ଗୁଳିରେ ଜଣେ ଡିଏସ୍‌ପି ଗୁରୁତର ହୋଇ ବଲାଙ୍ଗୀର ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଥିବା ଜଣା ପଡିଛି। ତେବେ ଏହି ଗୁଳି ବିନିମୟରେ ତିନିଜଣ ମାଓବାଦୀ ପ୍ରାଣ ହରାଇ ଥିବା ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ। କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ପୋଲିସ ଥାନା ଅନ୍ତର୍ଗତ ଟାପରାଙ୍ଗ ଜଙ୍ଗଲରେ ଆଜି ସକାଳୁ ମାଓବାଦୀମାନଙ୍କ ଅବସ୍ଥିତି ନେଇ ପୋଲକୁ ସୂଚନା ମିଳିଥିଲା। ପୋଲିସ ପକ୍ଷରୁ କୁମ୍ବିଂ ଅପରେସନ ବେଳେ ମାଓବାଦୀ ଓ ପୋଲିସ ସାମ୍ନାସାମ୍ନି ହୋଇଥିଲେ। ତେବେ କଳାହାଣ୍ଡି ପୋଲିସ ପ୍ରଶାସନ ପକ୍ଷରୁ ଏ ମାଓବାଦୀ- ପୋଲିସ ଗୁଳି ବିନିମୟ ସମ୍ପର୍କରେ କୌଣସି ଖବର ପୁଷ୍ଟ କରାଯାଇ ନାହିଁ। ସୂଚନାଯୋଗ୍ୟ, ଆଜି ସକାଳେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୋଟଭଟା ଛକରେ ବିଭିନ୍ନ ପିଲର, ସାଇନ୍ ବୋର୍ଡ ଓ ଦୋକାନ କାନ୍ଥରେ ନକ୍ସଲମାନେ ପୋଷ୍ଟର ଲଗାଇଥିଲେ। ପୋଷ୍ଟରରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବନ୍ଦ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ୧୨ଦଫା ନେଇ ନକ୍ସଲଙ୍କ ଏହି ପୋଷ୍ଟର ମରାଯାଇଥିଲା।



## ନର୍ଲା ବ୍ଲକ୍‌ର ୧୨ଟି ରୂପାନ୍ତରିଣ ସ୍କୁଲ୍ ଲୋକାର୍ପିତ




ନର୍ଲା, (ଭାସ୍କର ନ୍ୟୁଜ୍): ସରକାରଙ୍କ ତରଫରୁ ବିଭିନ୍ନ ବିଦ୍ୟାଳୟକୁ '୫-ଟି' ଯୋଜନାରେ ସାମିଲ କରି ରୂପାନ୍ତରଣ କରାଯାଉଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍‌ର ୧୨ ଗୋଟି ହାଇସ୍କୁଲ୍ ଆଜି ଅପରାହ୍ନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲୋକାର୍ପଣ ହୋଇଯାଇଛି। ବ୍ଲକ୍‌ର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ଭୀମକେଲା ସହ ରୁପ୍ରା, ମାଣ୍ଡେଲ, ନର୍ଲାରୋଡ, ଘଣ୍ଟମାଳ, ନିଶାଣପୁର, ସରିଆଁ, ବାଗପୁର, ବାଲସିଙ୍ଗା, ବୁଦେଲଗୁମା, ସେରଗଡ, ଭାନପୁରର ବିଦ୍ୟାଳୟ ସମୂହ '୫-ଟି' ବିଦ୍ୟାଳୟ ଭାବେ ରୁପାନ୍ତରିତ ହୋଇଛି। ସ୍ଥାନୀୟସ୍ତରରେ ଶିକ୍ଷକ, ଶିକ୍ଷୟିତ୍ରୀ, ଆଲୁମିନି କମିଟି, ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ସ୍ଥାନୀୟ ଲୋକପ୍ରତିନିଧି ସହ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଏକ ସୁନ୍ଦର ବାତାବରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଉନ୍ନତ ଅତ୍ୟାଧୁନିକ ସୁବିଧା ସହ ଶିକ୍ଷାଦାନ ପ୍ରକ୍ରିୟା ସଂପୂର୍ଣ୍ଣ କରାଯିବ ବୋଲି ଜଣେ ବରିଷ୍ଠ ଶିକ୍ଷକ ବିନୟ କିଶୋର ଦାଶ କହିଛନ୍ତି। ଯାହା ଫଳରେ ଛାତ୍ରଛାତ୍ରୀମାନେ ସମନ୍ୱିତ ବିକାଶରେ ସହାୟକ ହୋଇ ପାରିବେ ବୋଲି ଶିକ୍ଷାପ୍ରେମୀ ମଧ୍ୟ ଆଶାବାଦୀ ହୋଇଛନ୍ତି। ଏକ ସୁନ୍ଦର ପ୍ରାକୃତିକ ଉଦ୍ୟାନ ବିଦ୍ୟାଳୟମାନଙ୍କରେ ସୃଷ୍ଟି କରାଯାଇଛି। ଯାହା ଫଳରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେବ ବୋଲି ଶିକ୍ଷକ ସଂଜୟ କୁମାର ସେନାପତି ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରେ ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର, ଲାଇବ୍ରେରୀ, ସ୍ମାର୍ଟ କ୍ଲାସ ରୁମ୍, ସ୍ମାର୍ଟ ବୋର୍ଡ, ଆକର୍ଷଣୀୟ ବେଞ୍ଚ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉଭୟ ଛାତ୍ରଛାତ୍ରୀମାନଙ୍କ ସକାଶେ ସ୍ୱତନ୍ତ୍ର ସ୍ୱଚ୍ଛ ଶୌଚାଳୟ, ସାଂସ୍କୃତିକ କାର୍ଯ୍ୟକଳାପର ବିକାଶ ଆଦି ହୋଇଛି। ଶିକ୍ଷାର ବିକାଶ ନିମନ୍ତେ ବିଦ୍ୟାଳୟ ଗୁଡ଼ିକର ଉନ୍ନତି କରଣକୁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସ୍ଥାନୀୟ ସ୍ତରରେ ପ୍ରଶଂସା କରାଯାଉଛି। ଛାତ୍ରଛାତ୍ରୀମାନେ ମଧ୍ୟ ନୂତନ ରୂପରଙ୍ଗରେ ବଧୂ ବେଶରେ ସଜ୍ଜିତ ସ୍କୁଲ ପ୍ରତି ଆକୃଷ୍ଟ ହୋଇ ଉତ୍ସାହିତ ହେବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ବୈଶାଖ ତ୍ରୟୋଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭବାନୀପାଟଣା ଗୋଦାମପଡ଼ା ମହିମା ଆଶ୍ରମରେ ବିଶ୍ୱଶାନ୍ତି ମହିମା ବ୍ରହ୍ମଯଜ୍ଞ ସହ ବ୍ରହ୍ମ ଅବଧୂତ ସିଦ୍ଧ ରତ୍ନମଣି ବାବା ଓ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି। ମଠାଧୀଶ ତଥା ମହିମା ଗାଦି ଲତା ଶ୍ରମ ପରିଚାଳନା ସମିତି ସଭାପତି ବ୍ରହ୍ମ ଅବଧୂତ ଭଗବାନ ବାବା, କପିଳେନ୍ଦ୍ର ବାବା, କିଶୋର ଚନ୍ଦ୍ର ବାବା, ମଦନ ବାବା ଓ ସୁରେଶ ବାବାଙ୍କ ସମେତ ଅନେକ ସାଧୁ ସନ୍ଥ, ଭକ୍ତ ଓ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଯୋଗଦେଇ ଆଶ୍ରମର ବିକାଶ ଓ ଉନ୍ନତି ନିମନ୍ତେ ତାଙ୍କ ଚେଷ୍ଟା ଜାରି ରହିଥିବା ପ୍ରତିଶ୍ରୁତି ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳସଚିବ ପୀତାମ୍ବର ଭୋଇ ଯୋଗଦେଇ ଭୀମ ଭୋଇଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମ ଅବଧୂତ କପିଳେନ୍ଦ୍ର ବାବା, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ଉପସଭାପତି ଭୁବନେଶ୍ୱର ମାଝୀ, କେସିଙ୍ଗା ବ୍ଲକ୍ ଆଦିବାସୀ ସଂଘ ସଭାପତି ଶେଷଦେବ ମାଝୀ, ନର୍ଲା ବ୍ଲକ ଆଦିବାସୀ ସଂଘ ହରିଶଙ୍କର ମାଝୀ, କନ୍ଧ ସାଂସ୍କୃତିକ ଗବେଷକ ମେଦିନୀଧର ମାଝୀ, ବିଧାୟକ ପ୍ରତିନିଧି ମନୋଜ ସାହୁ ଯୋଗ ଦେଇଥିଲେ। ବ୍ରହ୍ମ ଅବଧୂତ ଭଗବାନ ବାବାଙ୍କ ସଭାପତିତ୍ୱରେ ଆଶ୍ରମର ସର୍ବବିଧ ଉନ୍ନତି ପାଇଁ କାମନା କରିଥିଲେ। ଅକ୍ଷୟ ତ୍ୟାଗୀ ମଞ୍ଚ ପରିଚାଳନା କରିଥିଲେ ଓ ଭକ୍ତ ସୁଧାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏସି ଅଧିନରେ ଥିବା ଦୋକାନ ଗୃହ ଭଡ଼ା ବୃଦ୍ଧି ନେଇ ଅସନ୍ତୋଷ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଦୋକାନ ଗୃହ ଭଡ଼ା ବୃଦ୍ଧିକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆଜି ବ୍ୟବସାୟୀମାନେ ଧର୍ମଗଡ଼ ଏନ୍‌ଏସି ଅଧକ୍ଷ, ଉପାଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଦୋକାନ ଗୃହ ଭଡ଼ା ବୃଦ୍ଧିର ପୁନର୍ବିଚାର ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଛୋଟ ବଡ଼ ମିଶି ପ୍ରାୟ ୧୦୦ ଗୋଟି ଦୋକାନ ଗୃହ ରହିଛି। ଧର୍ମଗଡ଼ ଗ୍ରାମ ପଞ୍ଚାୟତ ଥିବା ସମୟରୁ ହିଁ ବ୍ୟବସାୟୀମାନେ ଭଡ଼ା ଦେଇ ସହରରେ ବ୍ୟବସାୟ କରି ଆସୁଥିଲେ। କିନ୍ତୁ ଦୋକାନ ଗୃହ ଭଡ଼ା ହଠାତ୍ ଦୁଇ ହଜାର ଟଙ୍କାକୁ ବୃଦ୍ଧି କରାଯିବାର ନୋଟିସ୍ ଉପଜିଲ୍ଲାପାଳ ତଥା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପତ୍ର ସଂଖ୍ୟା ୫୭୬/୨୮.୪.୨୦୨୩ ଯୋଗେ ବ୍ୟବସାୟୀମାନଙ୍କୁ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଚିଠି ଦିଆ ଯାଇଥିଲା। ଦୋକାନ ଗୃହର ହଠାତ୍ ଦର ବୃଦ୍ଧିକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଂପ୍ରତି କରୋନା ତଥା ଅନଲାଇନ ବ୍ୟବସାୟ ଯୋଗୁଁ ବ୍ୟବସାୟୀମାନେ ଅକଥନୀୟ କ୍ଷତିର ସମ୍ମୁଖୀନ ହେଉଥିବା ବେଳେ ଦୋକାନ ଗୃହ ଭଡ଼ା ଦର ବୃଦ୍ଧି ବେଢ଼ି ଉପରେ କରୋଡା ମାଡ ସଦୃଶ ହୋଇଛି। ଏଣୁ ଆଗାମୀ କାଉନସିଲ ବୈଠକରେ ଏହାର ପୁନର୍ବିଚାର କରିବା ପାଇଁ ବ୍ୟବସାୟୀମାନେ ଏନ୍‌ଏସି ଅଧକ୍ଷ ଅଶୋକ କୁମାର ମହାନ୍ତି, ଉପାଧକ୍ଷା ମନିଷା ମିଶ୍ରଙ୍କୁ ଦାବିପତ୍ର ଦେଇଥିଲେ। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଆକାଉଟାଣ୍ଟଙ୍କୁ ମଧ୍ୟ ଦାବିପତ୍ର ଦିଆ ଯାଇଥିଲା। ବ୍ୟବସାୟୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ କାଉନସିଲ ବୈଠକରେ ଏ ସଂପର୍କରେ ଆଲୋଚନା କରାଯିବ ବୋଲି ଅଧକ୍ଷ ଅଶୋକ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଉପଜିଲ୍ଲାପାଳ ଓ କାଉନସିଲରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆ ଯିବ ବୋଲି ଉପାଧକ୍ଷା ମନୀଷା ମିଶ୍ର ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ବ୍ୟବସାୟୀମାନେ ଧର୍ମଗଡ ଚେମ୍ବର୍ ଅଫ କମର୍ସକୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ଚେମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁ ପ୍ରକାଶ କରିଛନ୍ତି।

## ରିଷିଡା ଗ୍ରାମ୍ୟ ଉନ୍ନୟନ କମିଟିର କାର୍ଯ୍ୟାଳୟ ଉଦ୍‌ଘାଟିତ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଆଜି ରିଷିଡା ଦୁର୍ଗାମଣ୍ଡପ ନିକଟରେ ରିଷିଡାର ସର୍ବୋଚ୍ଚ ବେସରକାରୀ ଅନୁଷ୍ଠାନ ଗ୍ରାମ ଉନ୍ନୟନ କମିଟିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ସେବତୀ ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି ଗ୍ରାମର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଭାପତି ନନ୍ଦକିଶୋର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ନରୋତ୍ତମ ସେଲମା, ସହସମ୍ପାଦକ ଲକ୍ଷ୍ମୀପ୍ରସାଦ ସେଠ, ପୂର୍ବତନ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ସଞ୍ଜୟ ଜୈନ, ତ୍ରିଶଙ୍କ ରଣା, ରଞ୍ଜନ ନାଏକ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟାଳୟର ନିହାତି ଆବଶ୍ୟକ ଥିଲା। ଏଠାରେ ଗ୍ରାମର ବିକାଶ ନେଇ ବିଭିନ୍ନ ବର୍ଗର ଲୋକେ ଏକତ୍ରିତ ହୋଇ ଆଲୋଚନା କରିପାରିବେ ବୋଲି ପ୍ରକାଶ କରିଥିଲେ।

## ନିର୍ମାଣାଧୀନ ଓଭରହେଡ୍ ଟ୍ୟାଙ୍କରୁ ଖସି ଯୁବକ ଗୁରୁତର



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ୍ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ଚିଲିଚିଲା ଗାଁରେ ଏକ ଅଘଟଣ ଦେଖିବାକୁ ମିଳିଛି। ଗାଁରେ ନିର୍ମାଣଧୀନ କାମରେ ନିୟୋଜିତ ଜଣେ ଶ୍ରମିକ ପାଣି ଟାଙ୍କିରୁ ଖସିପଡ଼ି ଗୁରୁତର ହୋଇଥିବା ଜଣାପଡିଛି। ଚିଲିଚିଲା ଗାଁରେ ପାନୀୟ ଜଳର ସମସ୍ୟାକୁ ଦୂର କରିବା ପାଇଁ ସେଠାରେ ଓଭର ହେଡ଼ ଟାଙ୍କି ନିର୍ମାଣ କାର୍ଯ୍ୟ ପ୍ରାୟତ ଶେଷ ଅବସ୍ଥାକୁ ପହଞ୍ଚିଛି ସାରିଛି। ବିଳମ୍ବିତ ରାତିରେ ନିର୍ମାଣ ସମୟରେ ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଖସି ପଡିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଶ୍ରମିକ ଜଣକ ନୟାଗଡ ଜିଲ୍ଲାର ସୁଶାନ୍ତ କୁମାର ଭୋଇ ବୋଲି ଜଣାପଡିଛି। ଯୁବକ ଜଣକ ବିଳମ୍ବିତ ରାତ୍ରିରେ ଓଭର ହେଡ଼ ଟାଙ୍କି କାମ କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇ ଭର୍ତ୍ତି କରାଯାଉଥିଲା। ତାଙ୍କ ଅଣ୍ଟା ଏବଂ ଗୋଡ଼ ଭାଙ୍ଗି ଯାଇଥିବା ସୂଚନାରୁ ଜଣାପଡିଛି। ରାତିରେ କାମ ନିୟୋଜିତ ଦେବା ଓ ବିନା ସୁରକ୍ଷା ଅବ୍ୟବସ୍ଥାରେ ବିପଦପୂର୍ଣ୍ଣ କାମ କରିବା ଭିତରେ କୋଉଠି ନା କୋଉଠି ବିଭାଗୀୟ ପ୍ରଶାସନ ଓ ଠିକାଦାର ଅବହେଳାକୁ ସୂଚିତ କରୁଛି। ନିୟୋଜିତ ଶ୍ରମିକଙ୍କୁ ଠିକା ସଂସ୍ଥା ସୁରକ୍ଷା ବ୍ୟବସ୍ଥା ପାଇଁ ସେଫ୍ଟି ବେଲ୍ଟରେ ହେଲ୍‌ମେଟ୍ ହେଣ୍ଡ ଗ୍ଲୋବ ଆଦି ଯୋଗାଇବା ସରକାରୀ ନିୟମ ରହିଛି। ତେବେ ଶ୍ରମିକ ଜଣକ ପ୍ରତ୍ୟେକ ଦିନ କାମ କରୁଥିବା ବେଳେ ବିନାସୁରକ୍ଷା ଉପକରଣରେ କାମ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ରଖୁଥିବା ବେଳେ ଘଟଣାକୁ ନେଇ ବିଭାଗ କି ପଦକ୍ଷେପ ଗ୍ରହଣ କରିବ ଦେଖିବାକୁ ବାକି ରହିଲା।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଜୁନାଗଡ଼, (ଭାସ୍କର ନ୍ୟୁଜ୍): ଜୁନାଗଡ଼ ସହରରଠାରେ ଭାରତ ରତ୍ନ ଡ.ବବସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବହୁଜନ ସଂଗ୍ରାମ ସମିତି ତରଫରୁ ଏଥିରେ ଦର୍ଶାଯାଇଛି ଯେ ଜୁନାଗଡ଼ ସହର ଜିଲ୍ଲାର ଐତିହାସିକ ପୁରାତନ ସହର, ଏଥିସହ ଜିଲ୍ଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏକ ମୁଖ୍ୟ ବାଣିଜ୍ୟ କେନ୍ଦ୍ର। ହେଲେ ପରିତାପର ବିଷୟ ଏହି ସହରରେ ସମ୍ବିଧାନ ପ୍ରଣେତା ଭରତ ରତ୍ନ ଡ. ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନାହିଁ, ଏଣୁ ଏହି ମହାପୁରୁଷଙ୍କ ପ୍ରତି ଉପଯୁକ୍ତ ମର୍ଯ୍ୟାଦା ଓ ସମ୍ମାନ ମିଳିପାରୁନି। ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି, ଏଣୁ ବହୁଜନ ସଂଗ୍ରାମ ସମିତି ତରଫରି ଜୁନାଗଡ଼ ସହରର ନୂଆ ବସଷ୍ଟାଣ୍ଡ ପରିସର ମଧ୍ୟରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗା ଯୋଗାଇଦେବା ପାଇଁ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେସା ରେଡିଙ୍କୁ କଲମପୁରଠାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେଏହି ଦାବିପତ୍ର ପ୍ରଦାନ କରାଯାଇଛି। ଅନୁରୂପ ଭାବେ ଏହି ଦାବିପତ୍ର ଧର୍ମଗଡ଼ ଉପଜିଲ୍ଲାପାଳ ବେଦଭୂଷଣଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ସେହିପରି ଏଥି ପୂର୍ବରୁ ଜୁନାଗଡ଼ ତହସିଲଦାର, ବିଡ଼ିଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ଏହି ଦାବିପତ୍ର ଦିଆଯାଇଛି। ସଂଗଠନ ତରଫରୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଡ.ବାବା ସାହେବ ବି.ଆର୍ ଆମ୍ବେଦକରଙ୍କ ଫଟୋ ଚିତ୍ର ସମ୍ମାନ ସୂଚକ ଉପହାର ଭାବେ ପ୍ରଦାନ କରିଥିଲେ। ଏହି ଅବସରରେ ସଂଗଠନର ସଭାପତି ରଞ୍ଜନ କୁମାର ଜାଲ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନିଆଲ, ମୁଖ୍ୟ ଉପଦେଷ୍ଟା ନରେନ୍ଦ୍ର କ୍ଷିତି, ଉପସଭାପତି ଧରଣୀ ଭୋଇ, ସମ୍ପାଦକ ଶରତ ଶବର, ରବିଶଙ୍କର ସୁନାନୀ, ଦୁଷ୍ମନ୍ତ ନାଏକ, ଉଗ୍ରେସନ କନ୍ଦ ପାନ, ମନୋଜ ଧଙ୍ଗଡାମାଝୀ, ଅଞ୍ଜନ କ୍ଷିତି, କୁମର ମଣି ଦୁର୍ଗା ପ୍ରମୁଖଙ୍କ ସମେତ ସଂଗଠନର ଅନେକ୍ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ମହାବୀର ପଡା ସିଭିଲ୍ ସୋସାଇଟିର ବାର୍ଷିକୋତ୍ସବ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମହାବୀର ରଙ୍ଗମଞ୍ଚଠାରେ ମହାବୀର ପଡା ସିଭିଲ୍ ସୋସାଇଟିର ଷଷ୍ଠତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୯ଟା ସମୟରେ ଆନୁଷ୍ଠାନିକ ଭାବରେ ଉତ୍ସବ କମିଟିର ଅଧକ୍ଷ ଆଇନଜୀବୀ ଜଗନ୍ନାଥ ମୁଣ୍ଡ ପତକା ଉତ୍ତୋଳନ କରି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ସୁସମାଜ ଗଠନରେ ସୋସାଇଟିର ଭୂମିକା ଓ ମହାବୀର ପଡାର ବିକାଶ ଉପରେ ଆଲୋଚନା ହୋଇଥିଲା। ମହାବୀରପଡା ଭବାନୀପାଟଣା ସହରର ସର୍ବପୁରାତନ ଜନବସତୀ ଅଟେ। ଏହି ପଡାରେ ସମସ୍ତ ବର୍ଗର ହିନ୍ଦୁ, ମୁସଲମାନ, ଶିଖ ସଂପ୍ରଦାୟର ପରିବାର ଦୀର୍ଘ ୨୦୦ ବର୍ଷ ଧରି ବସବାସ କରିଆସୁଛନ୍ତି। ଆଜକୁ ୬ ବର୍ଷ ପୂର୍ବେ ମହାବୀର ପଡାର ଭାଇଚାରା ବଜାୟ ରଖିବା ପାଇଁ ବୁଦ୍ଧିଜୀବୀମାନେ ଏକ ସିଭିଲ୍ ସୋସାଇଟି ଗଠନ କରି ପ୍ରତ୍ୟେକ ବର୍ଷ ଏକତ୍ରିତ ହୋଇ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କରିଆସୁଛନ୍ତି। ଗତ ୭ ତାରିଖ ରବିବାର ସୋସାଇଟିର ଅଧକ୍ଷ ଭବେନ୍ଦ୍ର ପଣ୍ଡା ଓ ଉତ୍ସବ କମିଟିର ଅଧକ୍ଷ ଜଗନ୍ନାଥ ମୁଣ୍ଡଙ୍କ ନେତୃତ୍ୱରେ ଏକ ଚିତ୍ତାକର୍ଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ଦିନସାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ମହିଳାମାନଙ୍କ ମଧ୍ୟରେ ଶଙ୍ଖଫୁଙ୍କା, ହୁଳହୁଳି, ଚୌକିବସା ଓ ପୁରୁଷମାନଙ୍କ ମଧ୍ୟରେ ଅନ୍ଧପୁତଳି ବାନ୍ଧି ହାଣ୍ଡିଫଟା ଏବଂ ସାମୁହିକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଅଧକ୍ଷ ଶ୍ରୀ ପଣ୍ଡାଙ୍କ ଅଧକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରତିଯୋଗିତାର କୃତୀପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାବୀର ପଡ଼ାର ୨ ଜଣ ବ୍ୟକ୍ତି ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ଚଳିତ ବର୍ଷ କଳାହାଣ୍ଡି ବାର୍ ଆସୋସିଏସନ୍‌ର ସଭାପତି ଭାବରେ ନିର୍ବାଚିତ ହୋଇଥିବାରୁ ଏବଂ ଗିରିଷ ଚନ୍ଦ୍ର ବେହେରା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପଦବୀରେ ଅଳଙ୍କୃତ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ୧୯ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ସାନ୍ଧ୍ୟ କାର୍ଯ୍ୟକ୍ରମର ଅତିଥି ଭାବରେ ଉତ୍ସବ କମିଟିର ଅଧକ୍ଷ ଜଗନ୍ନାଥ ମୁଣ୍ଡ, ଉପଦେଷ୍ଟା ଶାନ୍ତନୁ କୁମାର ବେହେରା, ସୁରୁ ବାରିକ, ସତ୍ୟନାରାୟଣ ସିଂ, ଉପସଭାପତି ପ୍ରଦୀପ ମୁଣ୍ଡା, ସଂପାଦକ ସଲିଲ ବେହେରା, ବିଭିନ୍ନ ସଂପ୍ରଦାୟରୁ ଜଗମୋହନ ଅଗ୍ରୱାଲ, ଭଗବାନ କୁକ୍ରେଜା, ସାବିର ହୁସେନ ମଞ୍ଚାସୀନ ଥିବା ବେଳେ ସୀବ ସିଂ ଓ ନମିତା ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ସୋସାଇଟିର ବରିଷ୍ଠ ସଦସ୍ୟ ଅବଦୁଲ କାଦିର, ସୁଶାନ୍ତ ସିଂ, ବୁର୍‌ହାନ୍ ମହମ୍ମଦ, ମହେଶ ଅଗ୍ରୱାଲ, ଶୈଳେଶ ବେହେରା, ପରମାନନ୍ଦ ପଣ୍ଡା, କିଶୋର ପଣ୍ଡା, ସୁଭ୍ରାଂଶୁ ଶେଖର ସାହୁ, କଳ୍ପେଶ୍ୱର ପୁରୋହିତ, ଚିଣ୍ଟୁ ପ୍ରସାଦ ନାଏକ, ସମେନ୍ଦ୍ର ଚାନ୍ଦ, ଜୟଶଙ୍କର ପଣ୍ଡା, ମିଳନ ମୁଣ୍ଡ ଓ ଜୟଶଙ୍କର ବାବୁ ପ୍ରମୁଖଙ୍କ ସହ ମହାବୀର ସିଭିଲ୍ ସୋସାଇଟିର ଯୁବଗୋଷ୍ଠୀ ପୂର୍ଣ୍ଣ ସହଯୋଗ କରି କାଯ୍ୟକ୍ରମକୁ ସଫଳ କରିଥିଲେ। ସାଂସ୍କୃତିକ ସଭା ପରେପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ ସହଭୋଜିରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା।

## ରାଶିଫଳ

ବୁଧବାର, ୧୦ ମଇ ୨୦୨୩



**ମେଷ:** ଆଜି ଆପଣଙ୍କୁ କୌଣସି ପ୍ରକାରେ ସମ୍ମାନିତ କରାଯିବାର ସମ୍ଭାବନା ଅଛି। ଆଜି ପତ୍ନୀଙ୍କ ପକ୍ଷରୁ ଉତ୍ତମ ସହଯୋଗ ପ୍ରାପ୍ତ ହୋଇପାରେ। ରାତ୍ରି ସମୟ ଆମୋଦ-ପ୍ରମୋଦରେ ବିତିବ। ଆଜି ଆପଣ ସାଂସାରିକ ବିଷୟକୁ ଏକପାଖରେ ରଖିକରି ଆଧ୍ୟାତ୍ମିକତା ଆଡ଼କୁ ଧ୍ୟାନ ରହିବ। ଅଚାନକ ଧନ ଲାଭ ହେବ। ନୂଆ କାର୍ଯ୍ୟ ଆରମ୍ଭ କରନ୍ତୁ।



**ବୃଷ:** ଆଜିର ଦିନ ଆପଣ ବ୍ୟସ୍ତ ରହିବେ। ଅଧିକ ଦୌଡ଼ଦୌଡ଼ି କରିବାରେ ସାବଧାନ ରୁହନ୍ତୁ। ରହିଯାଇଥିବା କାର୍ଯ୍ୟଗୁଡ଼ିକ ପୂରଣ ହେବ। କୌଣସି କାମରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ହୃଦୟ ଖୋଲିକରି ଆଗକୁ ଚାଲନ୍ତୁ ଭରପୂର ଲାଭ ମିଳିବ। ଗୃହସ୍ଥ ଜୀବନରେ ସୁଖ-ଶାନ୍ତି ଅନୁଭବ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। ଧନ ଲାଭ ହେବ।



**ମିଥୁନ:** ଆଜି ଆପଣ ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ। ସାମାଜିକ କ୍ରିୟା କଳାପରେ ବ୍ୟବଧାନ ଆସିପାରେ। କିଛି ଅକସ୍ମାତ୍ ଲାଭ ହେବାରୁ ଆପଣଙ୍କ ଧର୍ମ, ଆଧ୍ୟାତ୍ମ ପ୍ରତି ରୁଚି ସୁଦୃଢ଼ ହେବ। ସନ୍ତାନମାନଙ୍କ ପକ୍ଷରୁ ହର୍ଷବର୍ଦ୍ଧକ ସମାଚାର ମିଳିବ। ଆଜି ଆପଣଙ୍କ ଅଧୂରା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।



**କର୍କଟ:** ଭାଗ୍ୟ ଦୃଷ୍ଟିରୁ ଆଜିର ଦିନ ଉତ୍ତମ ରହିବ। ଆପଣଙ୍କ ପରିଶ୍ରମର ଫଳ ଭଲ ମିଳିବ। ଆପଣ ନିଜର ମାନମର୍ଯ୍ୟାଦା ଏବଂ ଆମୋଦ ପ୍ରମୋଦ ପାଇଁ ଧନ ଖର୍ଚ୍ଚ କରିବେ। ଯେଉଁଥିରେ ଆପଣଙ୍କ ପାଖରେ ଥିବା ଶତ୍ରୁର ବ୍ୟଥା ବଢ଼ାଇବ। ଦିନର ଆରମ୍ଭ ଚିନ୍ତା ଏବଂ ଉଦ୍‌ବେଗର ସହିତ ହେବ। ସ୍ୱାସ୍ଥ୍ୟରେ ଅଭିଯୋଗ ମଧ୍ୟ ରହିବ। ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିନ ଭଲ।



**ସିଂହ:** ଆଜିର ଦିନରେ ମିଶ୍ରିତ ଫଳ ମିଳିବ। ଶ୍ୱଶୁରଘର ପକ୍ଷରୁ ଆଜି ଅସନ୍ତୋଷର ସଂକେତ ମିଳିବ। ମଧୁର ବାଣୀର ପ୍ରୟୋଗ କରନ୍ତୁ ଅନ୍ୟଥା ସମ୍ବନ୍ଧ ଖରାପ ହୋଇପାରେ। ଯଦି ନେତ୍ର ସମ୍ବନ୍ଧିତ କୌଣସି କଷ୍ଟ ଅଛି ତେବେ ସେଥିରେ ସୁଧାର ହେବା ନିଶ୍ଚିତ ଅଟେ। ନକାରାତ୍ମକ ବିଚାର ହତାଶା ସୃଷ୍ଟି କରିପାରେ। ଶାରୀରିକ ଏବଂ ମାନସିକ ଅସୁସ୍ଥତା ଅନୁଭବ କରିବେ।



**କନ୍ୟା:** ଆଜି ଆପଣଙ୍କମଧ୍ୟରେ ନିର୍ଭୀକତାର ଭାବ ରହିବ ତଥା ସାହସ ପୂର୍ବକ ନିଜର କଠିନ କାର୍ଯ୍ୟ ଗୁଡ଼ିକ ସମ୍ପନ୍ନ କରିବାରେ ସକ୍ଷମ ରହିବେ। ଆପଣଙ୍କୁ ନିଜର ମାତା-ପିତାଙ୍କର ସୁଖ ସହଯୋଗ ଯଥେଷ୍ଟ ରୂପରେ ପ୍ରାପ୍ତ ହେବ। ବ୍ୟର୍ଥ ବ୍ୟୟର ଯୋଗ ମଧ୍ୟ ଅଛି। ବ୍ୟାପାରରେ ଧନ ଲାଭ ହେବ। କାର୍ଯ୍ୟରେ ସଫଳତା ମିଳିବ। ସାର୍ବଜନିକ ମାନ-ସମ୍ମାନ ପ୍ରାପ୍ତି ହେବ।



**ତୁଳା:** ଆଜିର ଦିନ ଆପଣଙ୍କପାଇଁ ଶୁଭ ଫଳଦାୟୀ। ଆପଣ ଅନ୍ୟମାନଙ୍କର ହୃଦୟଭରି ସେବା ମଧ୍ୟ କରିବେ। ଆଜି ନୂଆ କାର୍ଯ୍ୟଗୁଡ଼ିକ ଯଦି କରିବାକୁ ପଡ଼େ ତେବେ ଶୁଭ ରହିବ। ଆପଣ ଜିଦ୍ଧୀ ବ୍ୟବହାର ଛାଡ଼ିକରି ସମାଧାନ ପୂର୍ଣ୍ଣ ବ୍ୟବହାର ଆଜି ଆପଣାଇବାକୁ ହେବ। ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ।



**ବିଛା:** ଆଜି ଆପଣଙ୍କ ମନ ଅଶାନ୍ତ ଏବଂ ଚିନ୍ତିତ ରହିବ। ଯଦି କୌଣସି ବାଦ ବିବାଦ ଲମ୍ବିତ ଅଛି ତେବେ ସେଥିରେ ସଫଳତା ମିଳିବାର ସଂପୂର୍ଣ୍ଣ ସମ୍ଭାବନା ଅଛି। ତନ-ମନରେ ଖୁସି ଏବଂ ପ୍ରଫୁଲ୍ଲିତ ରହିବେ। ପରିଜନମାନଙ୍କ ଏବଂ ମିତ୍ରମାନଙ୍କ ସହିତ ଉତ୍ତମ ଭୋଜନ ଯାତ୍ରା କିମ୍ବା ସାକ୍ଷାତର ଅବସର ଆସିବ। ଜୀବନସାଥୀଙ୍କ ସହିତ ଆତ୍ମୀୟତାର ଅବସର ଆସିବ। ଆର୍ଥିକ ଲାଭ ହେବ ଏବଂ ଆନନ୍ଦଦାୟକ ସମାଚାର ପ୍ରାପ୍ତ ହେବ। ତଥା କାର୍ଯ୍ୟରେ ସଫଳତା ଏବଂ ଯଶ ପ୍ରାପ୍ତି ହେବ।



**ଧନୁ:** ଆଜି ଆପଣଙ୍କ ବିଦ୍ୟା, ବୁଦ୍ଧି, ଜ୍ଞାନର ବୃଦ୍ଧି ହେବ। ଭାଗ୍ୟର ମଧ୍ୟ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସନ୍ଧ୍ୟା କାଳରୁ ନେଇକରି ରାତ୍ରି ପର୍ଯ୍ୟନ୍ତ ପେଟର ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ସାବଧାନ ରୁହନ୍ତୁ ତଥା ଖାଇବା ପିଇବା ଉପରେ ନିୟନ୍ତ୍ରଣ ରଖନ୍ତୁ। ପାରିବାରିକ ସଦସ୍ୟମାନଙ୍କ କାରଣରୁ ମନ ଦୁଃଖୀ ହେବ। ମାନସିକ ରୂପରେ ଆପଣ ଅସୁସ୍ଥ ରହିପାରନ୍ତି। କ୍ରୋଧ ଉପରେ ଅଂକୁଶ ରଖିବାକୁ ପଡ଼ିବ। ଦୁର୍ଘଟଣା ପ୍ରତି ସଜାଗ ରୁହନ୍ତୁ।



**ମକର:** ଆଜି ଆପଣଙ୍କୁ ମୂଲ୍ୟଯୁକ୍ତ ବସ୍ତୁ ପ୍ରାପ୍ତି ଯୋଗ ରହିବ। ବ୍ୟବସାୟରେ ମନ ଲାଗିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। କୌଣସି ନୂଆ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ଅବଶ୍ୟ କରନ୍ତୁ, ଭବିଷ୍ୟତରେ ଲାଭ ହେବ। ସାମାଜିକ କ୍ଷେତ୍ରରେ ଚାକିରି ଏବଂ ଅନ୍ୟ କ୍ଷେତ୍ରରେ ଲାଭଦାୟକ ରହିବ। ବୈବାହିକ ସମସ୍ୟା ଦୂର ହେବ।



**କୁମ୍ଭ:** ଆଜିର ଦିନ ବୁଦ୍ଧି ବିବେକରେ ନୂଆ-ନୂଆ ଖୋଜ କରିବାରେ କଟିବ। ଆପଣ ସୀମିତ ଏବଂ ଆବଶ୍ୟକତାନୁସାରେ ହିଁ ବ୍ୟୟ କରନ୍ତୁ। ସାଂସାରିକ ସୁଖ ଭୋଗ, ଚାକରମାନଙ୍କର ସୁଖ ସମ୍ପୂର୍ଣ୍ଣ ରୂପରେ ମିଳିବ। ଆଜି ଆପଣଙ୍କ ପାଖରେ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ରହିବ। ଧନ ପ୍ରାପ୍ତି ଏବଂ ପ୍ରମୋଶନର ଯୋଗ ଅଛି।



**ମୀନ:** ଆଜି ଶୁଭଗ୍ରହ ସ୍ଥିତି କାରଣରୁ ବହୁତ ସମୟରେ ଲଟକି ରହିଥିବା ବିବାଦର ସମାଧାନ ହେବ। ଖୁସିମିଜାଜ ବ୍ୟକ୍ତିତ୍ୱ ହେବାର କାରଣରୁ ଅନ୍ୟ ବ୍ୟକ୍ତି ଆପଣଙ୍କ ସହିତ ସମ୍ବନ୍ଧ ବନାଇବା ପାଇଁ ଚେଷ୍ଟା କରିବେ। ମାନସିକ ଅସୁସ୍ଥତା ଆପଣଙ୍କୁ ଅସୁବିଧାରେ ପକାଇପାରେ। ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଭିଯୋଗ ରହିବ। ଚାକିରିରେ ଉଚ୍ଚ ଅଧିକାରୀମାନଙ୍କ ସହିତ ସାବଧାନୀପୂର୍ବକ କାର୍ଯ୍ୟ କରିବେ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ରଘୁନାଥପୁର, (ଭାସ୍କର ନ୍ୟୁଜ୍) : କିସାନନଗର ଥାନା ଅଧିନସ୍ଥ କଟକ ପାରାଦ୍ୱୀପ ରାଜ୍ୟ ରାଜପଥ ର ସ୍ଥାନୀୟ ଗଡ଼ମା ବଜାର ଠାରେ ଥିବା ଆକ୍ସିସ ଏଟିଏମ୍‌କୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି । ଏହି ଲୁଟ୍ ସମ୍ପର୍କରେ ଖବର ପାଇ ଆକ୍ସିସ ବ୍ୟାଙ୍କ କର୍ତ୍ତୃପକ୍ଷ ଫୋନ ଯୋଗେ କିଶୋରନଗର ଥାନାକୁ ଜଣାଇଥିଲେ । କିଶୋରନଗର ଥାନା ଆଇଆଇସି ରଶ୍ମିରଂଜନ ଦାସ, ସାଲେପୁର ଏସଡିପିଓ ବିମଳ ବାରିକ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଂଚି ବ୍ୟାପକ ଛାନଭିନ ଆରମ୍ଭ କରିବା ସହିତ କଟକରୁ ସାଇଣ୍ଟିଫିକ ଟିମ ଡକାଇ ତଦନ୍ତ ଚଳାଇଛି । ୧୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ଟେର ପାଉନାହିଁ । ଏହି ଘଟଣାକୁ ନେଇ ସନ୍ଦେହରେ ସ୍ଥାନୀୟ ଅଂଚଳର ଦୁଇଜଣ ଯୁବକଙ୍କୁ ପୋଲିସ ଅଟକ ରଖି ପଚରା ଉଚୁରା ଜାରି ରଖିଛି । ତେବେ ଏତେ ବଡ଼ ଏଟିଏମ୍ ଲୁଟ ଘଟଣା ଅଞ୍ଚଳରେ ଆଗରୁ କେବେ ଘଟିନାହିଁ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି ।



# କିଡ୍‌ନୀ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଦାବି




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା କିଡ୍‌ନୀ ରୋଗୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆପ୍ ଢେଙ୍କାନାଳ ଜିଲ୍ଲା ଆବାହକ ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଏବଂ ରୋଗାକ୍ରାନ୍ତ ପରିଜନମାନେ ଦଳ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ କିଡ୍‌ନୀ ରୋଗୀମାନଙ୍କୁ ନିମ୍ନ ଦାବି ପୂରଣ ପାଇଁ ବିଭିନ୍ନ ସ୍ଲୋଗାନ୍ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ୫ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଡାକ୍ତରଙ୍କ କହିବାନୁସାରେ ଏହି ରୋଗ ଦୂଷିତ ପାନୀୟ ଜଳ ସେବନ, ଉଚ୍ଚ ରକ୍ତଚାପ ଓ ରକ୍ତ ସର୍କରା ଯୋଗୁଁ ହୋଇଥାଏ । ବିଶେଷ କରି ଗ୍ରୀଷ୍ମ ଋତୁରେ କୂଅ, ପୋଖରୀ ଶୁଖି ଯାଇଥିବାରୁ ଗ୍ରାମରେ ଥିବା ନଳକୂପର ଫ୍ଲୋରାଇଡ ଯୁକ୍ତ ପାଣି ବାଧ୍ୟ ହୋଇ ସେବନ କରୁଛନ୍ତି । ଫଳରେ କିଡ୍‌ନୀ ରୋଗରେ ପିଡୀତ ହେଉଛନ୍ତି । ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ରାସୋଳ ପଞ୍ଚାୟତର ନୂଆପାଟଣା ତଅଁଳା ସାହିରେ ଗତ ୫ବର୍ଷରେ ୧୧ଜଣ ରୋଗୀ ମୃତ୍ୟୁ ବରଣ କରିଥିବା ବେଳେ ଏବେ ୪ଜଣ ଡାଇଲିସିସ୍ ହେଉଛନ୍ତି । ସେହିପରି ବଦାଳୋ ପଞ୍ଚାୟତ, ଓଡାପଡା ବ୍ଲକ୍‌ର ଗୁଣଦେଇ ପଞ୍ଚାୟତରେ ଅନେକ ଲୋକ ଆକ୍ରାନ୍ତ ଅଛନ୍ତି । କାମାକ୍ଷାନଗର ବ୍ଲକ୍ ସାରୁଆଳି ପଞ୍ଚାୟତରେ ସୁନାଝରି ଜୁଆଙ୍ଗ ସାହି ଏବେ ପୁରୁଷ ଶୂନ୍ୟ ହୋଇପଡିଛି । ଜଗନ୍ନାଥପୁର ପଞ୍ଚାୟତର ପିପଳା, କଙ୍ଗେଇଲୋ, ଖୋକସା ଜୁଆଙ୍ଗ ସାହି, ଭୁବନ ବ୍ଲକ୍‌ର ଭୂଷଳ ଗ୍ରାମ ତଥା ବ୍ରାହ୍ମଣୀ ନଦୀ ଅବବାହିକାରେ ବାସ କରୁଥିବା ହଜାର ହଜାର ଏହି ରୋଗରେ ଆକ୍ରାନ୍ତ ଅଛନ୍ତି । ଆମ୍ ଆଦ୍‌ମୀ ପାର୍ଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରି ରୋଗାକ୍ରାନ୍ତ ପରିବାରଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଥିଲେ । ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ରୋଗୀ ଥିବାବେଳେ ପ୍ରାୟ ଏକ ଶହ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଅନେକ ରୋଗୀ ଘରୋଇ ହସ୍ପିଟାଲ୍‌ର ଅସହ୍ୟ ଦୌରାତ୍ମ୍ୟର ଶିକାର ହେଉଥିବାବେଳେ କେଉଁଠି ଚଢା ଦରରେ ଔଷଧ କ୍ରୟ କରିବାରେ ବାଧ୍ୟ ହେଉଛନ୍ତି । ଆଉ କିଛି ରୋଗୀ କୌଣସି ସାଧନ ନପାଇ ମୃତ୍ୟୁବରଣ କରୁଛନ୍ତି । ସାଧାରଣ ଗରିବ ଲୋକଙ୍କୁ କେବଳ ବୀମା କାର୍ଡ ଖଣ୍ଡେ ଧରାଇ ଶୋଷଣ କରିବାରେ ରାଜ୍ୟ ସରକାର ବ୍ୟସ୍ତ । ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଥିବା ବେଳେ ଲାଞ୍ଚ, ପିସି କାରବାର ବଢିଚାଲିଛି । କିନ୍ତୁ ରୋଗୀମାନଙ୍କ ପାଇଁ ନା ଅଛନ୍ତି ଡାକ୍ତର ନା ଅଛି ଔଷଧ । ଆମ୍ ଆଦ୍‌ମୀ ପାର୍ଟି ନିମ୍ନଲିଖିତ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ପାଇଁ ଦାବି କରିଛି । କିଡ୍‌ନୀ ରୋଗ ପୀଡିତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆକ୍ରାନ୍ତ ରୋଗୀମାନେ ଡାଇଲିସିସ୍ ପାଇଁ ୮ ରୁ ୧୨ଥର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପାଇଁ ଆମ୍ବୁଲାନ୍ସ ସେବା କିମ୍ବା ଆର୍ଥିକ ସହାୟତା ରାଶି ପ୍ରଦାନ, କିଡ୍‌ନୀ ରୋଗରେ ମୃତ୍ୟୁବରଣ କରୁଥିବା ପ୍ରତ୍ୟେକ ପରିବାରକୁ ୫ଲକ୍ଷ ଟଙ୍କାର ଆର୍ଥିକ ଅନୁକମ୍ପା ରାଶି ପ୍ରଦାନ, ଜିଲ୍ଲାରେ କିଡ୍‌ନୀ ରୋଗୀମାନଙ୍କ ପାଇଁ ଜନ ଔଷଧି ଓ ନିରାମୟ ଯୋଜନା କେନ୍ଦ୍ରରେ ଔଷଧ ଉପଲବ୍ଧ କରାଇବା, ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗ ବିଶେଷଜ୍ଞ/ଡାକ୍ତର ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଖର୍ଚ୍ଚ କରି ନିୟୋଜିତ କରିବା । ଯଦି ଏହି ସମସ୍ୟା ଗୁଡିକର ଆଶୁ ସମାଧାନ ନହୁଏ ତେବେ ଦଳ ତରଫରୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଆବାହକ ଶ୍ରୀ ନାୟକ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ନେହଲତା ମହାନ୍ତି, ସଂଯୁକ୍ତା ମହାପାତ୍ର, ଡାଳିମ୍ବ ବେହେରା, ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା ଓ ବିକ୍ରମ ରାଉତ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ହିନ୍ଦୋଳ ବ୍ଲକ୍ ସଭାପତି ମନୋରଞ୍ଜନ ପାଳ, ଜିଲ୍ଲା ମିଡିଆ ପ୍ରଭାରୀ ଜିତେନ୍ଦ୍ର ବେହେରା, ବିଧୁରଞ୍ଜନ ନାୟକ, ଯୁବ ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକ କାର୍ଯ୍ୟାଳୟ ପ୍ରମୁଖ ଚିନ୍ମୟ ସେନାପତି, ସଞ୍ଜୁ ବେହେରା, ମାନସ ବେହେରା, ଜଗନ୍ନାଥ ବେହେରା, ପ୍ରାଣବନ୍ଧୁ ଦେହୁରୀ, ବିଦ୍ୟାଧର ବେହେରାଙ୍କ ସହିତ ପୀଡିତଙ୍କ ସମ୍ପର୍କୀୟମାନେ ଯୋଗ ଦେଇଥିଲେ ।



ହିଞ୍ଜିଳିକାଟୁ : ୫-ଟି ସଚିବ ଭି. କେ. ପାଣ୍ଡିଆନ ବିଜୁ ଛାତ୍ର ଜନତା ଦଳର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଅନ୍ୟ ଛାତ୍ର ନେତାଙ୍କ ଗହଣରେ । ହିଞ୍ଜିଳିକାଟୁ ଗସ୍ତ ସମୟରେ ସ୍ଥାନୀୟ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ପହଞ୍ଚି ମହାବିଦ୍ୟାଳୟର ବିକାଶ ସମ୍ବନ୍ଧରେ ସେ ବିବିଧ ଆଲୋଚନା କରିଥିଲେ ।

# ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଅନ୍ତର୍ଗତ କରଦା ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ନୂତନ ପ୍ରଧାନଶିକ୍ଷକ ଧନେଶ୍ୱର ମୁଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆୟୋଜିତ ଏହି ସଭାରେ ସ୍ଥାନୀୟ ପି.ସି. ହାଇସ୍କୁଲର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଧାମନଗର ସହ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଓ ରମେଶ ଚନ୍ଦ୍ର ପତି ଯୋଗଦାନ କରି ଶିକ୍ଷା ସହିତ ସଂସ୍କୃତି, ଆଧ୍ୟାତ୍ମିକତା ଓ ପୂଜ୍ୟପୂଜାର ବ୍ୟବସ୍ଥା ପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବା ଶିକ୍ଷକମାନଙ୍କର ମୌଳିକ ଲକ୍ଷ୍ୟ ହେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବିଇଓ ଧୀରେନ୍ଦ୍ର ନାଥ ଦାଶ, ଶିକ୍ଷାବିତ୍ ତଥା ନିତ୍ୟାନନ୍ଦ ଆଇ.ଟି.ଆଇ.ର ଅଧ୍ୟକ୍ଷ ଜୟନ୍ତ ବିଶ୍ୱାଳ, ଖଙ୍ଗରା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମନ୍ମଥ ରାଉତ, ପରିଚାଳନା କମିଟିର ଉପସଭାନେତ୍ରୀ ସବିତା ନାୟକ, ବିଜୟ ସୁତାର, ପ୍ରଦୀପ ଦାସ, ଶ୍ରୀକାନ୍ତ ଦାସ, ଚିନ୍ମୟ ବେହେରା, ଶ୍ରୀକାନ୍ତ ବେହେରା, ସନ୍ତୋଷ ବେହେରା, ସୁଜିତ୍ ପଣ୍ଡା, ରଜତ ଦାସ, ସ୍କୁଲ କମିଟିର ସଭ୍ୟସଭ୍ୟା ଓ ଗ୍ରାମବାସୀ ଯୋଗ ଦେଇ ନୂତନ ପ୍ରଧାନଶିକ୍ଷକଙ୍କୁ ଶିକ୍ଷା କ୍ଷେତ୍ରରେ କିଛି ନୂତନତା ଆଣିବାକୁ ପରାମର୍ଶ ଦେଇଥିଲେ । ପ୍ରଦୀପ କୁମାର ଦାସ ଅତିଥି ପରିଚୟ ଓ କୁଳମଣି ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ମୀନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୪ରେ କଳିଙ୍ଗ କଳାକାର ସଂଘର ବାର୍ଷିକ ସମାରୋହ

ତିହିଡ଼ି,(ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କଳିଙ୍ଗ କଳାକାର ସଂଘର ବାର୍ଷିକ ସମାରୋହ-୨୦୨୩ ଆସନ୍ତା ୧୪ ତାରିଖ ରବିବାର ଅନୁଷ୍ଠିତ ହେବ । ଏ ନେଇ ମଙ୍ଗଳବାର ପୂର୍ବାହ୍ଣରେ ମନ୍ଦୋଦରୀ କଲ୍ୟାଣ ମଣ୍ଡପ ପରିସରରେ ସଂଘର ସଭାପତି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଦେଷ୍ଟା ଲକ୍ଷ୍ମୀଧର ସାହୁ, ଗଣେଶ ଦାସ, ବସନ୍ତ ଦାସ, କୁଳମଣି ସାବତ, ଉପସଭାପତି ବାବୁରାମ ରାଉତ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାୟକ, ସମ୍ପାଦକ ମନମୋହନ ସାହୁ, କୋଷାଧ୍ୟକ୍ଷ ହେମନ୍ତ ସ୍ୱାଇଁ, କାର୍ଯ୍ୟକାରୀ ସଦସ୍ୟ ରାମଚନ୍ଦ୍ର ଜେନା, ସଂଗଠନ ସମ୍ପାଦକ ଭାଗିରଥି ଦତ୍ତ, ନିରଞ୍ଜନ ଦାସ, ଉପେନ୍ଦ୍ର ସାହୁ, ଇନ୍ଦ୍ରମଣି ବେହେରା, ରତିକାନ୍ତ ସାହୁ, ଗୌରାଙ୍ଗ ଦାସ, ଅମର ସେଠୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ । ଏହି ସମାରୋହରେ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ବିଶିଷ୍ଟ ନାଟ୍ୟକାର ସୁଧାଂଶୁ ନାୟକ, ଯାତ୍ରା ଅଭିନେତା ସୁଶାନ୍ତ ପଣ୍ଡା, ଅଭିନେତ୍ରୀ ରଶ୍ମିତା ଶିଅଳ, ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ଜ୍ୟୋତିର୍ମୟ କର ଓ ଚାନ୍ଦବାଲି ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେବାକୁ ସ୍ୱୀକୃତି ଦେଇଛନ୍ତି । ଏଥି ସହିତ ବିଶିଷ୍ଟ ବେହେଲା ବାଦକ ହରିବନ୍ଧୁ ସାହୁ, ବରିଷ୍ଠ କଳାକାର ନାରାୟଣ ମହାନ୍ତି, ଅମୂଲ୍ୟ ନାୟକ ଓ ବାବାଜୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବ । ବରିଷ୍ଠ ଶିଶୁ ସାହିତ୍ୟିକ ବାଇଧର ନାୟକଙ୍କ ଶିଶୁ କବିତା ସଂକଳନ 'କଅଁଳ କବିତା ସରଳ କଥା' ଲୋକାର୍ପଣ ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ୯୦ତମ ବାର୍ଷିକ ବାଦିପାଲା ଉତ୍ସବ ଉଦ୍‌ଯାପିତ



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍) : ଡେଲାଙ୍ଗ ଷ୍ଟେସନ ବଜାର ସତ୍ୟନାରାୟଣ ପାଲା କମିଟି ଆନୁକୂଲ୍ୟରେ ବଜାର ପରିସରରେ ଥିବା ପାଲାମଣ୍ଡପଠାରେ ୫ଦିନ ବ୍ୟାପି ଅନୁଷ୍ଠିତ ୯୦ତମ ବାର୍ଷିକ ବାଦପାଲା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଗତ ଗୁରୁବାର ଦିନ ସନ୍ଧ୍ୟାରେ ଏହି ବାଦିପାଲା ଉତ୍ସବ ଗାୟକ ଧନେଶ୍ୱର ପଲେଇ ଓ ଗାୟକ ବିଭୂତି ଭୂଷଣ ଜେନାଙ୍କ ମଧ୍ୟରେ ଡେଲାଙ୍ଗ ଷ୍ଟେସନ ବଜାର ପାଲାମଣ୍ଡପରେ ଶୁଭାରମ୍ଭ ହୋଇଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଜୋକନଡୁଆ, ପଲ୍ଲୀ, ରେଞ୍ଚ, ବେରବୋଇ, ଗୁଆଳିପଡ଼ା, ମାଛପଡ଼ା ଆଦି ଆଖପାଖ ଗ୍ରାମରୁ ଶତାଧିକ ଲୋକ ପାଲା ଶୁଣିବାକୁ ପାଲାମଣ୍ଡପ ଠାରେ ସମବେତ ହେଉଥିଲେ । ଆଜି ଏହାର ଉଦ୍‌ଯାପନୀ ସନ୍ଧ୍ୟାରେ ପାଲା ବଢିବା କାର୍ଯ୍ୟ ସମ୍ପନ୍ନ ହୋଇଛି । ସତ୍ୟନାରାୟଣ ପାଲା କମିଟିର ସଦସ୍ୟ ଭାବ ପରିଡା, କେଳା ପରିଡା, ସତ୍ୟ ଭାଇନା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆରଦା ରାଜସ୍ୱ ଗ୍ରାମର ସୀମା ଚିହ୍ନଟ ପାଇଁ ତହସିଲଦାରଙ୍କ ନିକଟରେ ଦାବି




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଆରଦା ଗ୍ରାମବାସୀ ସୀମା ଚିହ୍ନଟ ପାଇଁ ତହସିଲଦାରଙ୍କୁ ଏକ ଲିଖିତ ପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ପୂର୍ବରୁ ଆରଦା ଗ୍ରାମବାସୀ ଗ୍ରାମର ସୀମା ଚିହ୍ନଟ ପାଇଁ ଆବେଦନ କରିଥିଲେ । ତାହା ଅନ୍ୟ ଗ୍ରାମକୁ ନୋଟିସ୍ କରାଯାଇଥିଲା ଏବଂ ପ୍ରାୟ ୩ ଭାଗ ସୀମା ଚିହ୍ନଟ ସରିଯାଇଥିବା ସ୍ଥଳେ ଆଉ ୧ ଭାଗ ଚିହ୍ନଟ ବାକି ରହିଯାଇଛି । ଏ ବିଷୟରେ ବାରମ୍ବାର ଆର.ଆଇଙ୍କୁ ଜଣାଇବା ସତ୍ତ୍ୱେ ଆଉ ୧ ଭାଗ ଚିହ୍ନଟ କରୁନାହାଁନ୍ତି । ଯାହାଫଳରେ ଅନ୍ୟଗ୍ରାମର ଲୋକମାନେ ଆରଦା ଗ୍ରାମର ଜମିକୁ ଜବରଦଖଲ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଚାଉଳିଆ ଗ୍ରାମର ଅମ୍ବୁଜ ସାହୁ, ପିତା ନିତ୍ୟାନନ୍ଦ ସାହୁ ଓ କୁମର ବିନ୍ଧାଣୀ, ପିତା-କମ୍ଭୁଆ ବିନ୍ଧାଣୀ ଜେସିବି ଲଗାଇ ଆରଦା ଗ୍ରାମରେ ଟ୍ରେଂଚ୍ ଖୋଳୁଛନ୍ତି । ତେଣୁ ଏହାକୁ ବନ୍ଦ କରିବାକୁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି । ଗ୍ରାମର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନରହରି ପରିଡା, ନିବାରଣ ରାଉତ, ଭାସ୍କର ଚନ୍ଦ୍ର ସ୍ୱାଇଁ, ତ୍ରିଲୋଚନ ଜେନା, ବିଜୟ କୁମାର ସାହୁ ଓ ଟଙ୍କଧର ରାଉତଙ୍କ ସମେତ ବହୁ ଗ୍ରାମବାସୀ ତହସିଲଦାରଙ୍କ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ କରିଛନ୍ତି ।

# ଧନୀକ ଗୋଷ୍ଠୀଙ୍କୁ ରାସନ କାର୍ଡ, ବାଦ୍ ପଡିଲେ ପ୍ରକୃତ ହିତାଧିକାରୀ : ତଦନ୍ତ ଦାବି



ସୋରଡ଼ା, (ଭାସ୍କର ନ୍ୟୁଜ୍) : ସୋରଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଗତ ୨୦୧୫ରୁ ରାଜ୍ୟ, କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ମିଳିନଥିବାବେଳେ ହଜାର ହଜାର ସଂଖ୍ୟକ ଅଯୋଗ୍ୟ ତଥା ଧନୀକଶ୍ରେଣୀଙ୍କୁ ଯୋଗ୍ୟ ବୋଲି ଦର୍ଶାଯାଇ ବେନିୟମ ଭାବେ ଚୟନ କରାଯାଇ ଯୋଗାଣ ବିଭାଗ ପକ୍ଷରୁ ରାସନ କାର୍ଡ ମଞ୍ଜୁର କରାଯାଇ ଦୁର୍ନୀତିରେ ଚାଲିଛି ଯୋଗାଣ ବିଭାଗର ଚାଉଳ, କିରୋସିନି, ରିଲିଫ ଟଙ୍କା, ବିଦ୍ୟୁତ୍ ବଲ୍‌ବ ଇତ୍ୟାଦି । ଗ୍ରାମ ପଞ୍ଚାୟତ ଅଫିସ୍, ଏନ୍ଏସି ଅଫିସ୍‌ରେ ଲୋକମାନେ ନୂତନ ରାସନ କାର୍ଡ ପାଇବା ପାଇଁ ଆବେଦନ ଫର୍ମମାନ ପକାଇଥିଲେ ମଧ୍ୟ ଦୁର୍ନୀତିଗ୍ରସ୍ତ ସୋରଡ଼ା ବ୍ଲକ ଏମ୍ଆଇ ତାଙ୍କ ଷ୍ଟାଫ୍ ଓ ଯୋଗାଣ ସହାୟକ, ସହାୟିକା, ଅଙ୍ଗନବାଡ଼ି କର୍ମୀମାନେ ମିଳିତ ଭାବେ ଉକ୍ତ ଦରଖାସ୍ତଗୁଡ଼ିକୁ ଯାଞ୍ଚ ନକରି ମନମୁତାବକ ଧନୀକ ଶ୍ରେଣୀର ଲୋକମାନଙ୍କୁ ଯୋଗ୍ୟ ବୋଲି ଦର୍ଶାଇ ରାସନ କାର୍ଡ ପ୍ରଦାନ କରିଥିବାବେଳେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କ ଏଥିରୁ ବାଦ୍ ପଡିଛନ୍ତି । ଯେଉଁ କିଛି ଗରିବ ହିତାଧିକାରୀ ରାସନ କାର୍ଡ ପାଇଛନ୍ତି ୮ବର୍ଷ ମଧ୍ୟରେ ସେମାନଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ନାମ କାର୍ଡରେ ସଂଯୋଗ କରି ରାସନ ସାମଗ୍ରୀ ପ୍ରଦାନ ପାଇଁ ବିଡିଓ, ଇଓ, ଡିଜିଆର୍ ଓ ଖାଉଟି କଲ୍ୟାଣ ସଚିବ, ୫-ଟି ସଚିବ ପ୍ରମୁଖଙ୍କୁ ଅନୁରୋଧ କରାଯିବା ପରେ ସେମାନଙ୍କ ଦରଖାସ୍ତରେ ବର୍ଣ୍ଣିତ ନାମ ଓ ସମସ୍ୟମାନଙ୍କ ନାମ ସଂଯୋଗ କରିବା ବଦଳରେ ୮ବର୍ଷର କାର୍ଡକୁ ସୋରଡ଼ା ଏମ୍ଆଇ ସଂପୃକ୍ତ ଷ୍ଟାଫ୍, ଯୋଗାଣ ସହାୟକ, ସହାୟିକା ଏବଂ ପିଇଓ ଏନ୍.ଏ.ସି ଅଞ୍ଚଳ, କୁଜି ନେତା, କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଅଭିଯୋଗକାରୀଙ୍କ କାର୍ଡକୁ ରଦ୍ଦ କରିବା ସହିତ ୩ମାସର ମାଗଣା ଚାଉଳ ବନ୍ଦ କରିଦେଇଛନ୍ତି । ହିତାଧିକାରୀମାନଙ୍କ ମଧ୍ୟରେ ବ୍ଲକ ଅଞ୍ଚଳର ଅମୃତ୍ୟୁଲୁ, ବଡ଼ଗଡ଼, ଗୋପାଳପୁର, କଇଁଗୁଡ଼ା, ପୂଆଗଡ଼, ରେଣ୍ଟି, ବୋରସିଙ୍ଗି, ବଡ଼ବାଦର୍ଙ୍ଗି, ସୋରିଷବିଲି, ଶୁରମଣି, ଖାରିଗୁଡ଼ା, ଏକଲପୁର, ବୋରଦା, ଅସୁରବନ୍ଧ, ବଡ଼ବଦାଙ୍ଗି, ହୁକୁମା, ଗୋପାଳପୁର ଶାସନ ଓ ଅନ୍ୟାନ୍ୟ ଗ୍ରାମ ସହିତ ଏନ୍ଏସି ଅଞ୍ଚଳର ୱାର୍ଡ ନମ୍ବର ୧ ଓ ଅନ୍ୟାନ୍ୟ ୱାର୍ଡର ଯୋଗ୍ୟ ହିତାଧିକାରୀ ପ୍ରମୁଖ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ଦରଖାସ୍ତକୁ ତଦନ୍ତ ଉପଠାଉରିଆ ଭାବେ ତଦନ୍ତ କରି ହଇରାଣ କରିଥିବାର ଅଭିଯୋଗ ହୋଇଛି । ତେଣୁ ଏପରି ବେନିୟମ କାର୍ଯ୍ୟ ଓ ଦୁର୍ନୀତିର ତଦନ୍ତ କରି ଚଳିତ ମାସର ରାସନ ସାମଗ୍ରୀ ୩ମାସର ମାଗଣା ଚାଉଳ ପ୍ରଦାନ ସହିତ କାର୍ଡଗୁଡ଼ିକୁ ପ୍ରଚଳନ ପାଇଁ ସୋରଡ଼ା ଅଞ୍ଚଳର ଅତି ପୁରାତନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶଶୀଭୂଷଣ ଯୁବକ ସଂଘର ସଭାପତି ତଥା ସୋରଡ଼ା ପ୍ରେସ୍ କ୍ଲବର ଆଡଭାଇଜର ବରିଷ୍ଠ ସାମ୍ବାଦିକ ଆରାପଲି ସାରଥି ଯୋଗାଣ ବିଭାଗର ପ୍ରମୁଖ ସଚିବ, ଅଧ୍ୟକ୍ଷ ଫୁଡ୍ କମିଶନର ଏବଂ ଜାତୀୟ ମାନବାଧିକାର କମିଶନ ନୂଆଦିଲ୍ଲୀଙ୍କ ଠାରେ ଦୃଢ଼ ଦାବି କରିଛନ୍ତି ।

# କପି ଅଭିଯୋଗରେ ପରୀକ୍ଷାର୍ଥୀ ଗିରଫ

ବ୍ରହ୍ମପୁର , (ଭାସ୍କର ନ୍ୟୁଜ ): ଗୋଲାବନ୍ଧ ସ୍ଥିତ ଆର୍ମି ଏଡ଼ି କଲେଜରେ ଡ଼ିଫେନ୍ସ ସିଭିଲାଇନ୍ ପରୀକ୍ଷାରେ ବ୍ଲୁଟୁଥ୍ ଦ୍ୱାରା କପି ସନ୍ଦେହରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି । ଗତକାଲି ଆର୍ମି ଏଡି କଲେଜରେ ଗ୍ରୁପ୍ ସି ଆର୍ମି ପଦବୀ ପାଇଁ ଡ଼ିଫେନ୍ସ ସିଭି ଲାଇନ୍ ପରୀକ୍ଷା ଚାଲିଥିବାବେଳେ ହରିୟାଣା ବରୋଦାର ଜିନ୍ଦ୍ ଜିଲ୍ଲା ଉଚ୍ଛନା ଥାନା ଅଞ୍ଚଳର ବିଜୟ ନାମକ ଜଣେ ପରୀକ୍ଷାର୍ଥୀ ଡ଼ିଫେନ୍ସ ସିଭିଲାଇନ୍ ପରୀକ୍ଷା ଦେବା ବେଳେ ଇୟରଫୋନ୍ ତଥା ବ୍ଲୁଟୁଥ୍ ବ୍ୟବହାର କରୁଥିବା ନେଇ ପରୀକ୍ଷକଙ୍କ ହାତରେ ଧରାପଡିଥିଲା । ତାଙ୍କ ନିକଟରେ ଥିବା ଛୋଟ ବ୍ୟାଟେରୀ ସଂଯୁକ୍ତ ବ୍ଲୁଟୁଥ୍ ସହ ଦୁଇଟି ସିମ୍ ଓ ଡ଼ିଭାଇସ୍, ଗୋଟିଏ ନୂଆ ବ୍ୟାଟେରୀ, ଆଧାରକାର୍ଡ଼, କଲ୍ ଲେଟର୍ ଜବତ କରି ଗୋପାଳପୁର ଥାନାକୁ ହସ୍ତାନ୍ତର କରିଥିଲେ । ଗୋପାଳପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ପ୍ରକାଶ ।

# ଏକବିଂଶ ଦିବସ ବ୍ୟାପି ରୁଦ୍ରାଭିଷେକ ଓ ବିଶ୍ୱଶାନ୍ତି ଯଜ୍ଞ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧୀନ ସର୍ବ ପୁରାତନ ଶୈବ ପୀଠ ଶ୍ରୀ ଶ୍ରୀ ରୁଦ୍ରେଶ୍ୱର ମହାଦେବଙ୍କ ମନ୍ଦିରରେ ଏକବିଂଶ ଦିବସ ବ୍ୟାପି ରୁଦ୍ରାଭିଷେକ ଓ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ମହାଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ ଗତ ୧୮ତାରିଖ ଠାରୁ ରୁଦ୍ରାଭିଷେକ ଆରମ୍ଭ ହୋଇ ୫ତାରିଖ ବୈଶାଖ ପୂର୍ଣ୍ଣିମା ଦିନ ଅପରାହ୍ଣରେ ସ୍ଥାନୀୟ ମହାନଦୀରୁ ଶତାଧିକ ଭକ୍ତ ଘଣ୍ଟ ବାଦ୍ୟ କଳସ ଶୋଭାଯାତ୍ରାରେ ଆସି ଘଟ ସ୍ଥାପନ କରାଯାଇ ଅଙ୍କୁରାପୋଣ କରାଯାଇଥିଲା । ଏହାପରେ ମଣ୍ଡଳାଧିକରଣ କରାଯାଇ ପରଦିନ ପୂର୍ବାର୍ଣ୍ଣରେ ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳାଧିପୂଜା ପରେ ଅଗ୍ନିସ୍ଥାପନ କରାଯାଇ ତିନିଦିନ ବ୍ୟାପି ଆହୁତି ପରେ ୮ତାରିଖ ସନ୍ଧ୍ୟା ଆଠଟା ସମୟରେ ଯଥାବିଧି ଅନୁସାରେ ମନ୍ତ୍ରପାଠ ଧ୍ୱନିରେ ପୂର୍ଣ୍ଣାହୁତି ସମାପନ ହୋଇଥିଲା । ଯଜ୍ଞାଚାର୍ଯ୍ୟ ପଣ୍ଡିତ ମଧୁସୂଦନ ପଣ୍ଡା, ମନୋରଞ୍ଜନ ଷଡଙ୍ଗୀ, ରାଜକିଶୋର ଷଡଙ୍ଗୀ, ସଚ୍ଚିଦାନନ୍ଦ ତ୍ରିପାଠୀ, ଦେବାଚାର୍ଯ୍ୟ ଶଶିକାନ୍ତ ମହାପାତ୍ର, ଶରତ କୁମାର ଦାଶ ତୁଲାଉଥିବା ବେଳେ କର୍ତ୍ତା ମନୋଜ ସାହୁ କର୍ତ୍ତୀ ଜୟଶ୍ରୀ ସାହୁ ହୋଇଥିଲେ, ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଅଞ୍ଚଳରୁ ଆସିଥିବା ଶତାଧିକ ଭକ୍ତମାନେ ଶ୍ରୀଶ୍ରୀ ରୁଦ୍ରେଶ୍ୱରଙ୍କ ଆଶୀର୍ବାଦ ଭିକ୍ଷା ଲାଭ କରିଥିଲେ ଶଙ୍ଖଘଣ୍ଟା ବାଦ୍ୟ ଧ୍ୱନିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଆଧାତ୍ମିକ କାର୍ଯ୍ୟରେ କୋରକରା ପଣ୍ଡୁଆ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା । ଏଥିରେ ହରି ସାହୁ, ଶାନ୍ତନୁ ପାତ୍ର, ରବୀନ୍ଦ୍ର ପାତ୍ର, ସୁକାନ୍ତ ଦାସ, ଜିତେନ୍ଦ୍ର ଦାସ, ରବୀନ୍ଦ୍ର ମହାନ୍ତି, ମଦନ ରାଉତ, ରଞ୍ଜନ ରାଉତ ସନାତନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ରାଶିଫଳ

ବୁଧବାର, ୧୦ ମଇ ୨୦୨୩



**ମେଷ:** ଆଜି ଆପଣଙ୍କୁ କୌଣସି ପ୍ରକାରେ ସମ୍ମାନିତ କରାଯିବାର ସମ୍ଭାବନା ଅଛି । ଆଜି ପତ୍ନୀଙ୍କ ପକ୍ଷରୁ ଉତ୍ତମ ସହଯୋଗ ପ୍ରାପ୍ତ ହୋଇପାରେ । ରାତ୍ରି ସମୟ ଆମୋଦ-ପ୍ରମୋଦରେ ବିତିବ । ଆଜି ଆପଣ ସାଂସାରିକ ବିଷୟକୁ ଏକପାଖରେ ରଖିକରି ଆଧ୍ୟାତ୍ମିକତା ଆଡ଼କୁ ଧ୍ୟାନ ରହିବ । ଅଚାନକ ଧନ ଲାଭ ହେବ । ନୂଆ କାର୍ଯ୍ୟ ଆରମ୍ଭ କରନ୍ତୁ ।



**ବୃଷ:** ଆଜି ଆପଣ ବ୍ୟସ୍ତ ରହିବେ । ଅଧିକ ଦୌଡ଼ଦୌଡ଼ି କରିବାରେ ସାବଧାନ ରୁହନ୍ତୁ । ରହିଯାଇଥିବା କାର୍ଯ୍ୟଗୁଡ଼ିକ ପୂରଣ ହେବ । କୌଣସି କାମରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ହୃଦୟ ଖୋଲିକରି ଆଗକୁ ଚାଲନ୍ତୁ ଭରପୂର ଲାଭ ମିଳିବ । ଗୃହସ୍ଥ ଜୀବନରେ ସୁଖ-ଶାନ୍ତି ଅନୁଭବ କରିବେ । ସ୍ୱାସ୍ଥ୍ୟ ଭଲ ରହିବ । ଧନ ଲାଭ ହେବ ।



**ମିଥୁନ:** ଆଜି ଆପଣ ଅଯଥା ଖର୍ଚ୍ଚ କରନ୍ତୁ ନାହିଁ । ସାମାଜିକ କ୍ରିୟା କଳାପରେ ବ୍ୟବଧାନ ଆସିପାରେ । କିଛି ଅକସ୍ମାତ୍ ଲାଭ ହେବାରୁ ଆପଣଙ୍କ ଧର୍ମ, ଆଧ୍ୟାତ୍ମ ପ୍ରତି ରୁଚି ସୁଦୃଢ଼ ହେବ । ସନ୍ତାନମାନଙ୍କ ପକ୍ଷରୁ ହର୍ଷବର୍ଦ୍ଧକ ସମାଚାର ମିଳିବ । ଆଜି ଆପଣଙ୍କ ଅଧୂରା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ।



**କର୍କଟ:** ଭାଗ୍ୟ ଦୃଷ୍ଟିରୁ ଆଜିର ଦିନ ଉତ୍ତମ ରହିବ । ଆପଣଙ୍କ ପରିଶ୍ରମର ଫଳ ଭଲ ମିଳିବ । ଆପଣ ନିଜର ମାନମର୍ଯ୍ୟାଦା ଏବଂ ଆମୋଦ ପ୍ରମୋଦ ପାଇଁ ଧନ ଖର୍ଚ୍ଚ କରିବେ । ଯେଉଁଥିରେ ଆପଣଙ୍କ ପାଖରେ ଥିବା ଶତ୍ରୁର ବ୍ୟଥା ବଢ଼ାଇବ । ଦିନର ଆରମ୍ଭ ଚିନ୍ତା ଏବଂ ଉଦ୍‌ବେଗର ସହିତ ହେବ । ସ୍ୱାସ୍ଥ୍ୟରେ ଅଭିଯୋଗ ମଧ୍ୟ ରହିବ । ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିନ ଭଲ ।



**ସିଂହ:** ଆଜିର ଦିନରେ ମିଶ୍ରିତ ଫଳ ମିଳିବ । ଶ୍ୱଶୁରଘର ପକ୍ଷରୁ ଆଜି ଅସନ୍ତୋଷର ସଂକେତ ମିଳିବ । ମଧୁର ବାଣୀର ପ୍ରୟୋଗ କରନ୍ତୁ ଅନ୍ୟଥା ସମ୍ବନ୍ଧ ଖରାପ ହୋଇପାରେ । ଯଦି ନେତ୍ର ସମ୍ବନ୍ଧିତ କୌଣସି କଷ୍ଟ ଅଛି ତେବେ ସେଥିରେ ସୁଧାର ହେବା ନିଶ୍ଚିତ ଅଟେ । ନକାରାତ୍ମକ ବିଚାର ହତାଶା ସୃଷ୍ଟି କରିପାରେ । ଶାରୀରିକ ଏବଂ ମାନସିକ ଅସୁସ୍ଥତା ଅନୁଭବ କରିବେ ।



**କନ୍ୟା:** ଆଜି ଆପଣଙ୍କ ମଧ୍ୟରେ ନିର୍ଭୀକତାର ଭାବ ରହିବ ତଥା ସାହସ ପୂର୍ବକ ନିଜର କଠିନ କାର୍ଯ୍ୟ ଗୁଡ଼ିକ ସମ୍ପନ୍ନ କରିବାରେ ସକ୍ଷମ ରହିବେ । ଆପଣଙ୍କୁ ନିଜର ମାତା-ପିତାଙ୍କର ସୁଖ ସହଯୋଗ ଯଥେଷ୍ଟ ରୂପରେ ପ୍ରାପ୍ତ ହେବ । ବ୍ୟର୍ଥ ବ୍ୟୟର ଯୋଗ ମଧ୍ୟ ଅଛି । ବ୍ୟାପାରରେ ଧନ ଲାଭ ହେବ । କାର୍ଯ୍ୟରେ ସଫଳତା ମିଳିବ । ସାର୍ବଜନିକ ମାନ-ସମ୍ମାନ ପ୍ରାପ୍ତି ହେବ ।



**ତୁଳା:** ଦିନଟି ଆପଣଙ୍କ ପାଇଁ ଶୁଭ ଫଳଦାୟୀ । ଆପଣ ଅନ୍ୟମାନଙ୍କର ହୃଦୟଭରି ସେବା ମଧ୍ୟ କରିବେ । ଆଜି ନୂଆ କାର୍ଯ୍ୟାରମ୍ଭ କଲେ ଶୁଭ ରହିବ । ଆପଣ ଜିଦ୍ଧୀ ବ୍ୟବହାର ଛାଡ଼ିକରି ସମାଧାନ ପୂର୍ଣ୍ଣ ବ୍ୟବହାର ଆଜି ଆପଣାଇବାକୁ ହେବ । ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ ।



**ବିଛା:** ଆଜି ଆପଣଙ୍କ ମନ ଅଶାନ୍ତ ଏବଂ ଚିନ୍ତିତ ରହିବ । ଯଦି କୌଣସି ବାଦ ବିବାଦ ଲମ୍ବିତ ଅଛି ତେବେ ସେଥିରେ ସଫଳତା ମିଳିବାର ସଂପୂର୍ଣ୍ଣ ସମ୍ଭାବନା ଅଛି । ତନ-ମନରେ ଖୁସି ଏବଂ ପ୍ରଫୁଲ୍ଲିତ ରହିବେ । ପରିଜନମାନଙ୍କ ଏବଂ ମିତ୍ରମାନଙ୍କ ସହିତ ଉତ୍ତମ ଭୋଜନ ଯାତ୍ରା କିମ୍ବା ସାକ୍ଷାତର ଅବସର ଆସିବ । ଜୀବନସାଥୀଙ୍କ ସହିତ ଆତ୍ମୀୟତାର ଅବସର ଆସିବ । ଆର୍ଥିକ ଲାଭ ହେବ ଏବଂ ଆନନ୍ଦଦାୟକ ସମାଚାର ପ୍ରାପ୍ତ ହେବ । ତଥା କାର୍ଯ୍ୟରେ ସଫଳତା ଏବଂ ଯଶ ପ୍ରାପ୍ତି ହେବ ।



**ଧନୁ:** ଆଜି ଆପଣଙ୍କ ବିଦ୍ୟା, ବୁଦ୍ଧି, ଜ୍ଞାନର ବୃଦ୍ଧି ହେବ । ଭାଗ୍ୟର ମଧ୍ୟ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ସନ୍ଧ୍ୟା କାଳରୁ ନେଇକରି ରାତ୍ରି ପର୍ଯ୍ୟନ୍ତ ପେଟର ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ସାବଧାନ ରୁହନ୍ତୁ ତଥା ଖାଇବା ପିଇବା ଉପରେ ନିୟନ୍ତ୍ରଣ ରଖନ୍ତୁ । ପାରିବାରିକ ସଦସ୍ୟମାନଙ୍କ କାରଣରୁ ମନ ଦୁଃଖୀ ହେବ । ମାନସିକ ରୂପରେ ଆପଣ ଅସୁସ୍ଥ ରହିପାରନ୍ତି । କ୍ରୋଧ ଉପରେ ଅଂକୁଶ ରଖିବାକୁ ପଡ଼ିବ । ଦୁର୍ଘଟଣା ପ୍ରତି ସଜାଗ ରୁହନ୍ତୁ ।



**ମକର:** ଆଜି ଆପଣଙ୍କୁ ମୂଲ୍ୟଯୁକ୍ତ ବସ୍ତୁ ପ୍ରାପ୍ତି ଯୋଗ ରହିବ । ବ୍ୟବସାୟରେ ମନ ଲାଗିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । କୌଣସି ନୂଆ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ଅବଶ୍ୟ କରନ୍ତୁ, ଭବିଷ୍ୟତରେ ଲାଭ ହେବ । ସାମାଜିକ କ୍ଷେତ୍ରରେ ଚାକିରି ଏବଂ ଅନ୍ୟ କ୍ଷେତ୍ରରେ ଲାଭଦାୟକ ରହିବ । ବୈବାହିକ ସମସ୍ୟା ଦୂର ହେବ ।



**କୁମ୍ଭ:** ଆଜିର ଦିନ ବୁଦ୍ଧି ବିବେକରେ ନୂଆ-ନୂଆ ଖୋଜ କରିବାରେ କଟିବ । ଆପଣ ସୀମିତ ଏବଂ ଆବଶ୍ୟକତାନୁସାରେ ହିଁ ବ୍ୟୟ କରନ୍ତୁ । ସାଂସାରିକ ସୁଖ ଭୋଗ, ଚାକରମାନଙ୍କର ସୁଖ ସମ୍ପୂର୍ଣ୍ଣ ରୂପରେ ମିଳିବ । ଆଜି ଆପଣଙ୍କ ପାଖରେ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେବ । ଗୃହସ୍ଥ ଜୀବନରେ ଆନନ୍ଦ ରହିବ । ଧନ ପ୍ରାପ୍ତି ଏବଂ ପ୍ରମୋଶନର ଯୋଗ ଅଛି ।



**ମୀନ:** ଆଜି ଶୁଭଗ୍ରହ ସ୍ଥିତି କାରଣରୁ ବହୁତ ସମୟରେ ଲଟକି ରହିଥିବା ବିବାଦର ସମାଧାନ ହେବ । ଖୁସିମିଜାଜ ବ୍ୟକ୍ତିତ୍ୱ ହେବାର କାରଣରୁ ଅନ୍ୟ ବ୍ୟକ୍ତି ଆପଣଙ୍କ ସହିତ ସମ୍ବନ୍ଧ ବନାଇବା ପାଇଁ ଚେଷ୍ଟା କରିବେ । ମାନସିକ ଅସୁସ୍ଥତା ଆପଣଙ୍କୁ ଅସୁବିଧାରେ ପକାଇପାରେ । ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଭିଯୋଗ ରହିବ । ଚାକିରିରେ ଉଚ୍ଚ ଅଧିକାରୀମାନଙ୍କ ସହିତ ସାବଧାନପୂର୍ବକ କାର୍ଯ୍ୟ କରିବେ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ଜାତୀୟ ଓ ଅନ୍ତର୍ଜାତୀୟ



ଭୋପାଳ: ଆଫ୍ରିକା ମହାଦେଶର ନାମିବ୍ୟାରୁ ଭୋପାଳର କୁନୋ ଜାତୀୟ ଉଦ୍ୟାନକୁ ଅଣା ଯାଇଥିବା ଚିତାଙ୍କ ମୃତ୍ୟୁ ଥମୁନି। କ୍ରମାଗତ ତୃତୀୟ ମାସରେ ଆଉ ଏକ ଚିତାର ମୃତ୍ୟୁ ଘଟିଛି। ଯାହା ଉଦ୍ୟାନ ଏବଂ ସରକାରଙ୍କ ଚିନ୍ତାକୁ ବଢାଇ ଦେଇଛି। ତେବେ ଏଥର ମୃତ୍ୟୁର କାରଣ ରୋଗ ନୁହେଁ ବରଂ ଚିତା ବାଘ ମଧ୍ୟରେ ଲଢେଇ କାରଣରୁ ମାଈ ଚିତା ଧୀରାର ମୃତ୍ୟୁ ଘଟିଛି। ଦକ୍ଷିଣ ଆଫ୍ରିକାରୁ ଅଣା ଯାଇଥିବା ଚିତା ଧୀରାର ଅନ୍ୟ ଏକ ଚିତା ସହ ଲଢେଇ ହୋଇଥିଲା, ଯେଉଁଥିରେ ତାର ପ୍ରାଣହାନୀ ଘଟିଛି। ଏହା ପୂର୍ବରୁ ଉଦୟ ନାମକ ଚିତା ବାଘର ମୃତ୍ୟୁ ଘଟିଥିଲା। ନାମିବ୍ୟାରୁ ମୋଟ୍ ୨୦ଟି ଚିତା ବାଘ ଭାରତ ଅଣା ଯାଇଥିବା ବେଳେ ଅଦ୍ୟାବଧି ୩ ଚିତାଙ୍କ ମୃତ୍ୟୁ ଘଟିବା ପରେ ୧୭ଟି ବଞ୍ଚିଛନ୍ତି। ସର୍ବପ୍ରଥମେ ଅସୁସ୍ଥ ହେବାରୁ ମାଈ ଚିତା ଶାସାର ମୃତ୍ୟୁ ଘଟିଥିଲା।

## ଆସାମରେ ବହୁ ବିବାହ ଉପରେ ଲାଗିବ କଟକଣା : ମୁଖ୍ୟମନ୍ତ୍ରୀ



ଗୁଆହାଟୀ : ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଙ୍ଗଳବାର ଆସାମରେ ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବା ଉପରେ ସଂକେତ ଦେଇଛନ୍ତି । ସେ କହିଛନ୍ତି ଯେ, "ଆମେ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ଅନୁସରଣ କରୁନାହୁଁ, କିନ୍ତୁ ଆମେ ଏକ ରାଜ୍ୟ ଆଇନ ଅନୁଯାୟୀ ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚାହୁଁଛୁ। ଆସାମ ସରକାର ଏହି ଅଞ୍ଚଳରେ ବହୁବିବାହକୁ ନିଷିଦ୍ଧ କରିବାର ଅଧିକାର ରାଜ୍ୟ ସରକାରଙ୍କ ପାଖରେ ଅଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ଆହୁରି କହିଛନ୍ତି ଯେ ସରକାର ରାଜ୍ୟରେ ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚାହୁଁଛନ୍ତି। ଏହି କମିଟି ଆଇନ ବିଶେଷଜ୍ଞଙ୍କ ସମେତ ସମସ୍ତ ଅଂଶୀଦାରଙ୍କ ସହ ବ୍ୟାପକ ଆଲୋଚନା କରିବ ଏବଂ ମୁସଲିମ ପର୍ସନାଲ ଲ' ଆଇନ, ୧୯୩୭ର ବ୍ୟବସ୍ଥାଗୁଡ଼ିକୁ ଯାଞ୍ଚ କରିବ। ଏହି କମିଟି ଭାରତୀୟ ସମ୍ବିଧାନର ଧାରା ୨୫ ଏବଂ ମୁସଲମାନ ବ୍ୟକ୍ତିଗତ ଆଇନ (ସରୀୟତ) ଆଇନ, ୧୯୩୭ର ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିବ ଓ ଏହା ସହିତ ସମେତ ସମସ୍ତ ଅଂଶୀଦାରଙ୍କ ସହ ବ୍ୟାପକ ବିଚାର ବିମର୍ଶ କରି ନିଷ୍ପତ୍ତି ନେବ। ଏହା ପୂର୍ବରୁ ଶନିବାର ଦିନ କର୍ଣ୍ଣାଟକରେ ଏକ ରାଲିକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶର୍ମା କହିଥିଲେ ଯେ ପୁରୁଷମାନେ ଚାରିଥର ବିବାହ କରିବା ଏବଂ ମହିଳାମାନଙ୍କୁ "ସନ୍ତାନ ଜନ୍ମ ମେସିନ୍" କରିବାର ପ୍ରଥାକୁ ଶେଷ କରିବା ପାଇଁ ରାଜ୍ୟରେ ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରିବା ଗୁରୁତ୍ୱପୂର୍ଣ୍ଣ ।

## ଋଷର ବିଜୟ ଦିବସ ପାଳନ

## ଋଷ ନିଜ ସାର୍ବଭୌମତ୍ୱ ପାଇଁ ଲଢୁଛି : ପୁଟିନ୍




ନୂଆଦିଲ୍ଲୀ: ୟୁକ୍ରେନ ବିରୋଧରେ ଋଷ ଯୁଦ୍ଧ ଜାରି ରଖିଛି। ପ୍ରାୟ ୧୪ ମାସରୁ ଅଧିକ ସମୟ ଧରି ଏହି ଯୁଦ୍ଧ ଲାଗି ରହିଛି। ଏହାରି ମଧ୍ୟରେ ରୁଷ ଏହାର ବିଜୟ ଦିବସ ପାଳନ କରୁଛି। ଯୁଦ୍ଧ ମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍ ମଙ୍ଗଳବାର ବିଜୟ ଦିବସ ପରେଡକୁ ସମ୍ବୋଧନ କରିଛନ୍ତି। ମସ୍କୋର ରେଡ୍ ସ୍କୋୟାରରେ ଦେଶକୁ ସମ୍ବୋଧିତ କରି ପୁଟିନ୍ କହିଛନ୍ତି ରୁଷ ବିରୋଧରେ ପ୍ରକୃତ ଯୁଦ୍ଧ ଆରମ୍ଭ ହୋଇଯାଇଛି। ବିଜୟ ଦିବସ ପରେଡରେ ସାମିଲ ହୋଇଥିବା ସେନିକଙ୍କୁ ସ୍ୱାଗତ କରିବା ସହ ସମ୍ବୋଧନରେ ଯୁଦ୍ଧକୁ ନେଇ କହିଛନ୍ତି ଆଜି ସଭ୍ୟତା ପୁଣି ଥରେ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି। ଆମର ମାତୃଭୂମି ବିରୋଧରେ ଏକ ବାସ୍ତବିକ ଯୁଦ୍ଧ ଆରମ୍ଭ ହୋଇଛି। ସେ ଆହୁରି କହିଛନ୍ତି ଯେ, ରୁଷ ନିଜ ସାର୍ବଭୌମତ୍ୱର ରକ୍ଷା କରୁଛି। ରୁଷ ଏକ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ଚାହୁଁଛି। ଆହୁରି ମଧ୍ୟ ସମ୍ବୋଧନରେ ପୁଟିନ ପଶ୍ଚିମ ଦେଶଙ୍କୁ ଟାର୍ଗେଟ କରିଛନ୍ତି। ପଶ୍ଚିମ ଦେଶଙ୍କୁ ଘୃଣା ମଞ୍ଜି ବୁଣୁଥିବା ବୋଲି କହିଛନ୍ତି। ଏମାନଙ୍କ ଲକ୍ଷ୍ୟ ଋଷର ପତନ। ତେବେ ପୁଟିନ୍‌ଙ୍କ ଏହି ବୟାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଋଷ ସୈନିକଙ୍କୁ ସମ୍ବୋଧନ କରି ପୁଟିନ କହିଛନ୍ତି ଦେଶର ସୁରକ୍ଷା ଆଗ ଧାଡ଼ିରେ କାମ କରୁଥିବା ସେନିକଙ୍କ ଉପରେ ନିର୍ଭର କରୁଛି। ରୁଷର ଭବିଷ୍ୟ ଏହି ଲୋକଙ୍କ ଉପରେ ନିର୍ଭର କରୁଛି। ଆମେ ଏହି ସୈନିକଙ୍କ ଉପରେ ଗର୍ବିତ। ସୂଚନାଥାଉକି, ରୁଷ ଏବଂ ଏବଂ ୟୁକ୍ରେନ ମଧ୍ୟରେ ଗତ ବର୍ଷ ୨୪ ଫେବ୍ରୁଆରୀରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଆରମ୍ଭରେ ୟୁକ୍ରେନ୍ କିଛିଟା ଦୁର୍ବଳ ପଡ଼ିଥିଲା କିନ୍ତୁ ଆମେରିକା, ବ୍ରିଟେନ୍ ସହ ଅନେକ ଦେଶ ତରଫରୁ ସୈନ୍ୟ ସହାୟତା ପରେ ଲଢ଼େଇ ଏବେ ବି ଯୁଦ୍ଧ ଜାରି ରଖିଛି। ୧୪ ମାସରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ଆପୋଷ ବୁଝାମଣା ହୋଇନାହିଁ।

## ମର୍ମନ୍ତୁଦ ଦୁର୍ଘଟଣା

## ବ୍ରିଜ୍ ତଳକୁ ବସ୍ ଖସି ୨୨ ମୃତ

ଭୋପାଳ : ମଙ୍ଗଳବାର ସକାଳେ ମଧ୍ୟପ୍ରଦେଶର ଖରଗୋନ ଅଞ୍ଚଳରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଇନ୍ଦୋର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ହାତିନୀ ନଦୀରେ ଭାରସାମ୍ୟ ହରାଇ ବ୍ରିଜ୍ ଉପରୁ ଖସିପଡ଼ିବାରୁ ୨୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨୦ଜଣ ଗୁରୁତର ହୋଇଛନ୍ତି। ବସ୍‌ଟି ନଦୀ ଉପରେ ଥିବା ବ୍ରିଜ୍ ଦେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ବ୍ରିଜ୍ ବାଡ଼ ଭାଙ୍ଗି ନଦୀ ଭିତରକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସମସ୍ତ ଗୁରୁତରଙ୍କୁ ପୋଲିସ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିଥିଲା। ଏହି ଘଟଣାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଗଭୀର ଶୋକପ୍ରକାଶ କରିଛନ୍ତି। ଅନୁରୂପଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଶୋକପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାର ପିଛା ୨ଲକ୍ଷ ଟଙ୍କା ଲେଖାଏଁ ଓ ଗୁରୁତରଙ୍କ ପାଇଁ ୫୦ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଥିବାବେଳେ ରାଜ୍ୟ ସରକାର ମୃତକଙ୍କ ପରିବାର ପିଛା ୪ଲକ୍ଷ, ଗୁରୁତରଙ୍କ ପାଇଁ ୫୦ ହଜାର ଟଙ୍କା ଓ ସାମାନ୍ୟ ଆହତଙ୍କ ପାଇଁ ୨୫ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ବସ୍‌ଟି ଦ୍ରୁତ ଗତିରେ ଯାଉଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ପୋଲିସ କହିଛି।



## ସନାତନ ଧର୍ମର ପ୍ରତିଷ୍ଠା ସମଗ୍ର ବିଶ୍ୱରେ ବୃଦ୍ଧି ପାଇବ: ସ୍ୱାମୀ ରାମଦେବ




ନୂଆଦିଲ୍ଲୀ: ବାବା ରାମଦେବ ଜୀ ମହାରାଜଙ୍କ ନେତୃତ୍ୱରେ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଭାରତ ସ୍ୱାଭୀମାନ (ମହିଳା ୱିଙ୍ଗ) ଏବଂ ଜି-୨୦ର ସହଭାଗୀ ସଂଗଠନ ଡ-୨୦, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଏକ ବିଶାଳ ମହିଳା ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୫୫୦୦ ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୋଗୀ ସ୍ୱାମୀ ରାମଦେବ ଜୀ ମହାରାଜ ମହିଳାମାନଙ୍କର ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ଯୋଗ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଜୀ ମହାରାଜ କହିଛନ୍ତି ଯେ ଜୁନ୍ ୨୧ରେ ଆନ୍ତର୍ଜାତୀୟ ଯୋଗ ବିଶ୍ୱ ସ୍ତରରେ ପାଳନ କରାଯିବ। ଏହାପୂର୍ବରୁ ଆମେ ଦିଲ୍ଲୀରୁ ଯୋଗ ଆରମ୍ଭ କରିବାକୁ ଚାହୁଁ ଏବଂ ଏହି ବାର୍ତ୍ତା ଦେବାକୁ ଚାହୁଁଛୁ ଯେ ଯୋଗ କେବଳ ଜାତୀୟ ନୁହେଁ ବିଶ୍ୱବ୍ୟାପୀ ଏବଂ ଯୋଗ ଧର୍ମ ସହିତ ସମଗ୍ର ବିଶ୍ୱରେ ସନାତନ ଧର୍ମର ସମ୍ମାନ ବୃଦ୍ଧି ପାଇବ। ପୂଜ୍ୟ ସ୍ୱାମୀ ଜୀ ମହାରାଜ ଏକ ବଡ ଘୋଷଣା କରିଛନ୍ତି ଯେ ଖୁବ୍ ଶୀଘ୍ର ପତଞ୍ଜଳି ଏନ୍‌ସିଆର୍ ଅଞ୍ଚଳରେ ଏକ ବଡ ସେବା ଯୋଜନା ପ୍ରସ୍ତୁତ କରିବେ। ସେ ସୂଚନା ଦେଇଛନ୍ତି ଯେ ୧୦ ହଜାର ପିଲାଙ୍କ ପାଇଁ ଆବାସିକ ଗ୍ଲୋବାଲ ଗୁରୁକୁଳ, ଏକ ଲକ୍ଷ ଛାତ୍ରଙ୍କ ପାଇଁ ଗ୍ଲୋବାଲ ୟୁନିଭରସିଟି ଏବଂ ଏନ୍‌ସିଆର୍‌ରେ ୨୦ରୁ ୨୫ ହଜାର ପିଲାଙ୍କ ପାଇଁ ଦିନିକିଆ ବୋର୍ଡିଂ ସ୍କୁଲ ପାଇଁ ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତ ଶିକ୍ଷା ବୋର୍ଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଏନ୍.ପି ସିଂ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବିର୍ଜାପୁର ସଡ଼କ ଦୁର୍ଘଟଣାରେ ୩ ମହିଳାଙ୍କ ମୃତ୍ୟୁକୁ ନେଇ ବାଘେଲଙ୍କ ଶୋକ



ରାୟପୁର : ମଙ୍ଗଳବାର ବିର୍ଜାପୁରଠାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ୩ ମହିଳାଙ୍କ ମୃତ୍ୟୁକୁ ନେଇ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ସେ ମୃତକ ମହିଳାଙ୍କ ପରିବାରବର୍ଗଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଏହି ପରିବାରଙ୍କୁ କିପରି ଅଧିକ ସହାୟତା ଯୋଗାଇ ଦିଆଯାଇ ପାରିବ ସେ ନେଇ ଜିଲ୍ଲା ପ୍ରାଶସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେଗୁରୁତର ହୋଇଥିବା ଅନ୍ୟ ୩ଜଣଙ୍କ ଆଶୁ ଆରୋଗ୍ୟ ମଧ୍ୟ ଶ୍ରୀ ବାଘେଲ କାମନା କରିଛନ୍ତି।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆର୍ଥିକ ବର୍ଷରେ ସର୍ବୋଚ୍ଚ ବାର୍ଷିକ ବିକ୍ରି ସଫଳତା ହାସଲ କରିବା ପରେ ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ୨୦୨୩-୨୪ରେ ମଧ୍ୟ ସମାନ ଧାରା ବଜାୟ ରଖିଛି। ସୋନାଲିକା ଟ୍ରାକ୍ଟର ଗତ ଏପ୍ରିଲ ମାସରେ ୧୨,୫୯୦ଟି ଟ୍ରାକ୍ଟର ବିକ୍ରି କରି ଏକ ନୂଆ ରେକର୍ଡ କରିଛି ଯାହା କୃଷକ ସମୁଦାୟ ମଧ୍ୟରେ ବ୍ରାଣ୍ଡର ଦ୍ରୁତ ବେଗରେ ବଢୁଥିବା ପସନ୍ଦକୁ ସୂଚିତ କରୁଛି। ଏହି ଅସାଧାରଣ ପ୍ରଦର୍ଶନ ଯୋଗୁଁ କମ୍ପାନୀ ଟ୍ରାକ୍ଟର ଶିଳ୍ପରେ ୧.୯%ର ବଜାର ଅଂଶ ହାସଲ କରିଛି। କୃଷକଙ୍କ ଚାହିଦାକୁ ଗୁରୁତ୍ୱ ଦେବା ଏବଂ ସେହି ଅନୁଯାୟୀ ଅତ୍ୟାଧୁନିକ ଟେକ୍ନୋଲୋଜିର ନିରନ୍ତର ବିକାଶ କରିବା ପ୍ରତି ସୋନାଲିକାର ଆଭିମୁଖ୍ୟ କମ୍ପାନୀର ଅଭିବୃଦ୍ଧିକୁ ବିସ୍ତାର କରୁଛି। ସୋନାଲିକା ୨୦୨୪ ଆର୍ଥିକ ବର୍ଷରେ କୃଷକଙ୍କୁ ଖୁସି କରିବା ପାଇଁ ଉତ୍କୃଷ୍ଟମାନର ଉତ୍ପାଦ ଓ ସେବା ପ୍ରଦାନ କରିବା ଲାଗି ପ୍ରସ୍ତୁତ ରହିଛି।

## କାନାରା ବ୍ୟାଙ୍କର ଚତୁର୍ଥ ତ୍ରୈମାସିକ ଫଳାଫଳ ଘୋଷିତ




**ବାର୍ଷିକ ନେଟ୍ ଲାଭ ୩,୧୭୫ କୋଟି,ପୂର୍ବାପେକ୍ଷା ୯୦% ବୃଦ୍ଧି**

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କାନାରା ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମାର୍ଚ୍ଚ ତ୍ରୈମାସିକ ଶେଷ ସୁଦ୍ଧା ବ୍ୟାଙ୍କର ୩,୧୭୫ କୋଟି ଟଙ୍କା ନେଟ୍ ଲାଭ ହୋଇଛି। ଯାହା ପୂର୍ବ ଅପେକ୍ଷା ୯୦% ବଢିଛି। ଏହି ତ୍ରୈମାସିକ ଫଳାଫଳ ଅନୁଯାୟୀ ସୁଧ ଆୟ ୨୩%, ପରିଚାଳନାଗତ ଲାଭ ୭,୨୫୨ କୋଟି ଟଙ୍କା ଯାହାକି ପୂର୍ବାପେକ୍ଷା ୧୭% ବୃଦ୍ଧି ପାଇଛି। ଗତବର୍ଷ ଠାରୁ ବ୍ୟାଙ୍କ ନିଜର ସମ୍ପତ୍ତି ତାଲିକାରେ ସୁଧାର ଆଣିବା ସହିତ ମୋଟ ଅଣ-କାର୍ଯ୍ୟକାରୀ ସମ୍ପତ୍ତି (ଜିଏନ୍‌ପିଏ) ଅନୁପାତରେ ସୁଧାର ଆଣି ୫.୩୫% ହ୍ରାସ କରିଛି। ନେଟ୍ ଅଣ-କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ଏନ୍‌ପିଏ)କୁ ୨.୬୫% ରୁ ହ୍ରାସ କରି ୧.୭୩% ରେ ପହଞ୍ଚାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର) ୮୭.୩୧% ରହିଛି। ପରିଚାଳନାଗତ ବ୍ୟବସ୍ଥାକୁ ସୁଧାରି ବିଶ୍ୱସ୍ତରୀୟ ବ୍ୟବସାୟ ୨୦.୪୧ ଲକ୍ଷ କୋଟିରେ ପହଞ୍ଚାଇଛି ଯାହା ପୂର୍ବାପେକ୍ଷା ୧୨% ବୃଦ୍ଧି ପାଇଛି ଏବଂ ବିଶ୍ୱସ୍ତରୀୟ ଜମା ୧୧.୭୯ ଲକ୍ଷ କୋଟିକୁ ବୃଦ୍ଧି ପାଇଛି ଏବଂ ଘରୋଇ ଜମା ୬% ବୃଦ୍ଧି ପାଇ ୧୦.୯୪ ଲକ୍ଷ କୋଟିରେ ପହଞ୍ଚିଛି। ଖୁଚୁରା ଋଣ ପ୍ରଦାନ ୧୧% ବୃଦ୍ଧି ପାଇ ୧.୪ ଲକ୍ଷ କୋଟି, ଗୃହ ଋଣ ୧୪% ବୃଦ୍ଧି ପାଇ ୮୪,୩୬୪ କୋଟିରେ ପହଞ୍ଚିଛି। ବ୍ୟାଙ୍କର ପୁଞ୍ଜି ପର୍ଯ୍ୟାପ୍ତତା ଟାୟାର-୧ର ୧୩.୭୮% ସହିତ ମାର୍ଚ୍ଚ ୨୦୨୩ ସୁଦ୍ଧା ୧୬.୬୮% ରହିଥିଲା। ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ମହାପ୍ରବନ୍ଧକ ଜଗଦିଶ ଚନ୍ଦରଙ୍କ ନେତୃତ୍ୱରେ କାନାରା ବ୍ୟାଙ୍କ ୨୭୭ଟି ଶାଖା, ୫ଟି ରିଟେଲ ଆସେଟ୍ ହବ୍, ୫ଟି ଏସ୍‌ଏମ୍‌ଇ ସୁଲଭ କାର୍ଯ୍ୟାଳୟ ଜରିଆରେ ଓଡ଼ିଶାର ୩୦ଟି ଜିଲ୍ଲାରେ ଆର୍ଥିକ ସେବା ଯୋଗାଉଛି। ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ବ୍ୟାଙ୍କର ମୋଟ ବ୍ୟବସାୟ ୩୦,୨୮୮ କୋଟି ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ଏହାର ଏସିପି ଲକ୍ଷ୍ୟ ଠାରୁ ୧୦୪% ତଥା କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ମଧ୍ୟ ନିଜର ଲକ୍ଷ୍ୟ ହାସଲ କରିଛି। ୧୨୦୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୪,୭୨୧ଟି ପିଏମ୍ ସ୍ୱନିଧି ଋଣ ପ୍ରଦାନ କରିବା ସହିତ ବ୍ୟାଙ୍କ ତରଫରୁ ବିଭିନ୍ନ ଯୋଜନା ଯଥା ପିଏମ୍‌ଜେଡିୱାଇ, ପିଏମ୍‌ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ, ଏପିୱାଇ, କେସିସି ଏବଂ ମୁଦ୍ରା ଋଣ ପ୍ରଦାନ କରି ଗ୍ରାମୀଣ କୃଷକ, କ୍ଷୁଦ୍ର ବ୍ୟବସାୟୀ ତଥା ଅସଙ୍ଗଠିତ କ୍ଷେତ୍ରକୁ ପ୍ରୋତ୍ସାହନ ଯୋଗାଇ ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବାରେ କାନାରା ବ୍ୟାଙ୍କ ଦେଶରେ ତଥା ଓଡ଼ିଶାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

## ଓଡ଼ିଶା ସରକାରଙ୍କ କ୍ଷେତରୁ ଖାଦ୍ୟ ଥାଳି ବିପ୍ଳବ ପାଇଁ ପଦକ୍ଷେପ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୨୦୨୩ ମସିହାକୁ ମିଳିତ ଜାତିସଂଘ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବରେ ସ୍ୱୀକୃତି ଦେବାର ୫ ବର୍ଷ ପୂର୍ବରୁ ଓଡିଶା ସରକାର 'ଓଡିଶା ମିଲେଟ ମିଶନ' ଜରିଆରେ କ୍ଷୁଦ୍ର ଶସ୍ୟ ବା ମିଲେଟକୁ ପ୍ରୋତ୍ସାହନ ଦେବା ଏବଂ ଏହାର ବ୍ୟବହାର ବୃଦ୍ଧି ପାଇଁ ଅବିରତ କାର୍ଯ୍ୟ କରି ଆସୁଛନ୍ତି। ସ୍ୱତନ୍ତ୍ର ରଣନୀତି ମାଧ୍ୟମରେ ଏହାର ପ୍ରଚାର ଓ ପ୍ରସାର ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ମିଲେଟ ବିଭିନ୍ନ ପ୍ରକାର କ୍ଷୁଦ୍ର ଶସ୍ୟ ସମୂହ ଯାହାକି ଅତ୍ୟନ୍ତ ପୁଷ୍ଟିକର। କୋଦ, ବାଜରା, ରାଗି, କାଙ୍ଗୁ, ମାଣ୍ଡିଆ ଇତ୍ୟାଦି ମିଲେଟ ଭାବରେ ବେଶ ଜଣାଶୁଣା। ମିଲେଟ ପରିବେଶ ଅନୁକୂଳ, ଅଳ୍ପ ଜଳ ଓ ଯତ୍ନରେ ଚାଷ ହୋଇପାରୁଥିବା କାରଣରୁ ଚାଷୀ ମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏହା ଜିଙ୍କ, କ୍ୟାଲସିୟମ, ଫୋଲିକ ଏସିଡରେ ସମୃଦ୍ଧ ଏବଂ ଚାଉଳ ଓ ଗହମ ଠାରୁ ଅଧିକ ପୁଷ୍ଟିକର। ଡାଏବେଟିସ, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ ଭଳି ଶାରୀରିକ ଅସନ୍ତୁଳନକୁ ନିୟନ୍ତ୍ରଣ କରିବା ସହ କିଡନୀ, ଲିଭର ସୁସ୍ଥ ରଖିବା ଓ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ସାଜିଥାଏ। ଜନସାଧାରଣଙ୍କୁ ଏହି କ୍ଷୁଦ୍ର ଶସ୍ୟ ସମୂହ ବାବଦରେ ସଚେତନ କରିବାପାଇଁ ଓଡିଶା ସରକାର ୨୦୧୭ ମସିହାରେ 'ଓଡିଶା ମିଲେଟ ମିଶନ' ଆରମ୍ଭ କରିଥିଲେ। ଏହି ମିଶନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ୫ ବର୍ଷ ମଧ୍ୟରେ ୨,୮୦୦ କୋଟି ଟଙ୍କା ବ୍ୟୟ କରିବାର ଲକ୍ଷ୍ୟ ରଖିଛନ୍ତି। ଗତ ବର୍ଷ ଓଡିଶା ମିଲେଟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମିଶନ ବାବଦରେ ସୂଚନା ଦେଇ ଘୋଷଣା କରିଥିଲେ ଯେ, ଏହି ମିଲେଟ ମିଶନ ରାଜ୍ୟର ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ ଏବଂ ଏଥିରେ ଅଧିକରୁ ଅଧିକ ଚାଷୀ ଏବଂ ସଙ୍ଗଠନ ଏହାର ଅଂଶ ବିଶେଷ ହେବେ। ସେ ଆହୁରି ମଧ୍ୟ କହିଥିଲେ ଯେ 'ମାଣ୍ଡିଆ ଅତ୍ୟନ୍ତ ପୁଷ୍ଟିକର ଶକ୍ତି। ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ପୁଷ୍ଟି ଯୋଗାଇଥାଏ।

## ମାଇକ୍ରୋସଫ୍ଟ ସହ ମେକ୍‌ମାଇଁଟ୍ରିପ୍‌ର ସହଭାଗିତା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମେକ୍‌ମାଇଁଟ୍ରିପ୍ ଭାରତୀୟ ଭାଷାରେ ଭଏସ୍ ଆସିଷ୍ଟେଡ୍ ବୁକିଙ୍ଗ୍‌ର ଶୁଭାରମ୍ଭ କରି ଟ୍ରାଭେଲ ପ୍ଲାନିଙ୍ଗ ବା ଭ୍ରମଣ ଯୋଜନାକୁ ଅଧିକ ସମାବେଶୀ କରିବା ପାଇଁ ମାଇକ୍ରୋସଫ୍ଟ ସହ ସହଭାଗିତା କରିଛି। ମାଇକ୍ରୋସଫ୍ଟ ଆଜୁରେ ଓପନ୍‌ଏଆଇ ସର୍ଭିସ୍ ଓ ଆଜୁରେ କଗ୍‌ନିଟିଭ୍ ସର୍ଭିସେସ୍ ଦ୍ୱାରା ପରିଚାଳିତ ଏହି ନୂତନ, ଇନ୍-ପ୍ଲାଟ୍‌ଫର୍ମ ଟେକ୍ ଷ୍ଟାକ୍ ଉପଭୋକ୍ତାଙ୍କୁ ସେମାନଙ୍କ ପସନ୍ଦ ଆଧାରରେ ବ୍ୟକ୍ତିଗତ ଭ୍ରମଣ ବା ଯାତ୍ରା ପରାମର୍ଶ ପ୍ରଦାନ କରିବା, ଅବସର, ବଜେଟ୍, ପସନ୍ଦର କାର୍ଯ୍ୟକଳାପ, ଭ୍ରମଣ ସମୟ ଆଦି ଉପରେ ଆଧାର କରି ହଲିଡେ ପ୍ୟାକେଜ୍ ସୃଷ୍ଟି କରିବା ଏବଂ ଏଭଳି ହଲିଡେ ପ୍ୟାକେଜଗୁଡିକୁ ବୁକ୍ କରିବାରେ ସାହାଯ୍ୟ କରିବା ପାଇଁ ଆଲୋଚନା କରିବ। ଏହା ଦେଶର ପ୍ରତ୍ୟେକ ଭୌଗୋଳିକ ଅବସ୍ଥାନ ଓ ବ୍ୟକ୍ତିଙ୍କ ପାଇଁ ଅନ୍‌ଲାଇନ୍ ଟ୍ରାଭେଲ ଇକୋସିଷ୍ଟମ ଆରମ୍ଭ କରିଛି। ଏ ସମ୍ପର୍କରେ ମେକ୍‌ମାଇଁଟ୍ରିପ୍‌ର ସହପ୍ରତିଷ୍ଠାତା ଓ ଗ୍ରୁପ୍ ସିଇଓ ରାଜେଶ ମାଗୋ କହିଛନ୍ତି, 'ଆମେ ଇକମର୍ସ, ଟ୍ରାଭେଲ ଓ ଟେକ୍ନୋଲୋଜିର ସମ୍ମିଶ୍ରଣ କ୍ଷେତ୍ରରେ ଅଗ୍ରଗାମୀ ଉତ୍ପାଦ ପ୍ରଦାନ କରିଛୁ ଏବଂ ଏଭଳି ଏକ ଫିଚର୍‌ର ଶୁଭାରମ୍ଭ କରି ଆମେ ଗର୍ବିତ। ମେକ୍‌ମାଇଁଟ୍ରିପ୍‌ର ଗ୍ରୁପ୍ ଚିଫ୍ ଟେକ୍ନୋଲୋଜି ଅଫିସର ସଞ୍ଜୟ ମୋହନ କହିଛନ୍ତି, ଆମେ ଆମ ପ୍ଲାଟ୍‌ଫର୍ମରେ ବୈପ୍ଲବିକ ପରିବର୍ତ୍ତନର ଶୁଭାରମ୍ଭ କରି ଆନନ୍ଦିତ। ଏହି ନୂଆ ଅପ୍‌ଡେଟ୍ ଉପଭୋକ୍ତା ଅନୁଭୂତିକୁ ଉନ୍ନତ କରିବା ସହ ଆମର ପ୍ଲାଟ୍‌ଫର୍ମକୁ ଅଧିକ ସମାବେଶୀ, ପହଂଚଯୋଗ୍ୟ ଓ ପରିଚାଳନା ପାଇଁ ସହଜ କରିବ। ମାଇକ୍ରୋସଫ୍ଟ ଇଣ୍ଡିଆର ଡିଜିଟାଲ ନାଟିଭ୍ସ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସଙ୍ଗୀତା ବାଭି କହିଛନ୍ତି ଯେ, 'ମେକ୍‌ମାଇଁଟ୍ରିପ୍‌ର ବିଶେଷଜ୍ଞତା ଓ ମାଇକ୍ରୋସଫ୍ଟର ଏଆଇ କ୍ଷମତା ସମେତ ମାଇକ୍ରୋସଫ୍ଟ ଆଜୁରେ ଓପନ୍ ଏଆଇ ସର୍ଭିସ୍‌ଗୁଡିକୁ ଏକତ୍ରିତ କରି, ଆମର ସହଭାଗିତା ବିଶ୍ୱାସ ଓ ସୁରକ୍ଷା ସହିତ ଭାରତବ୍ୟାପୀ ଭ୍ରମଣକାରୀଙ୍କ ପାଇଁ ଭ୍ରମଣକୁ ଅଧିକ ସମାବେଶୀ ଓ ପହଞ୍ଚଯୋଗ୍ୟ କରିବ।'

## ରାଉରକେଲା ଇସ୍ପାତ କାରଖାନାର ଆରଏସ୍‌ଏମ୍ ବିଭାଗର ବିପୁଳ ସଞ୍ଚୟ ସାଧନ

ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନାର ସସ୍ପ ରିପେୟାର ସପ୍ (ମେକାନିକଲ୍) ବିଭାଗୀୟ ସାମୁଦାୟିକଙ୍କ ଉଦ୍ୟୋଗୀ ପ୍ରୟାସର ଫଳ ସ୍ୱରୂପ ପ୍ରଥମ ଥର ପାଇଁ ହଟ ଷ୍ଟ୍ରିପ ମିଲ-୧ର ଭି ଜିରୋ ରୋଲର ରିକଣ୍ଡିସନିଙ୍ଗର ଜଟିଳ କାର୍ଯ୍ୟକୁ ସଫଳତା ସହକାରେ ସମ୍ପାଦିତ କରାଯାଇପାରିଛି । ଉଲ୍ଲେଖଯୋଗ୍ୟ ଯେ, ଭି ଜିରୋ ରୋଲଗୁଡିକ ହଟ୍ ଷ୍ଟ୍ରିପ୍ ମିଲର ଗୁରୁତ୍ୱପୂର୍ଣ୍ଣ ଉପକରଣ ଅଟେ ଯାହାକୁ ଦୁଇଟି ହାଇ ରିଭର୍ସିଂ ମିଲରେ ୨୨୦ ମିଲିମିଟର ମୋଟେଇ ଯୁକ୍ତ ସ୍ଲାବକୁ ଗାଇଡ କରି ୯୩ ମିଲିମିଟର ମୋଟେଇରେ ରୋଲିଙ୍ଗ କରିବା ପାଇଁ ବ୍ୟବହୃତ ହୋଇଥାଏ। ସର୍ବାଧିକ ୧୨୦୦ ଏବଂ ସର୍ବନିମ୍ନ ୯୦୦ ମିଲିମିଟରର ଦୁଇଟି ଭୂଲମ୍ବ ରୋଲ୍ ଏଥିରେ ବ୍ୟବହାର କରାଯାଇଥାଏ। ସାଧାରଣ ବେଗରେ ଚାଲିବା କ୍ଷେତ୍ରରେ ପ୍ରତିବର୍ଷ ଦୁଇଟି ଭି ଜିରୋ ରୋଲ୍ ବ୍ୟବହାର ହୋଇଥାଏ। ଗୋଟିଏ ନୂତନ ଭି ଜିରୋ ରୋଲର କ୍ରୟ ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା ଅଟେ। ତେଣୁ, ସସ୍ପ କମ୍ପ୍ଲେକ୍ସର ରିପେୟାର୍ ସପ (ମେକାନିକାଲ୍) ରେ ରୋଲଗୁଡ଼ିକର ରିକଣ୍ଡିସନିଙ୍ଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରିପେୟାର ସପ (ମେକାନିକାଲ୍) ବିଭାଗ ହଟ୍ ଷ୍ଟ୍ରିପ୍ ମିଲ୍ ର ଭି ଜିରୋ ରୋଲ୍‌କୁ ସଂପୂର୍ଣ୍ଣ ରୂପେ ପୁନଃନିର୍ମାଣ କରିବା ପାଇଁ ଆହ୍ୱାନକୁ ଗ୍ରହଣ କରିଥିଲା।

## ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ବିଜନେସ୍ କ୍ୟାସବ୍ୟାକ୍ ରୁପେ କ୍ରେଡିଟ କାର୍ଡର ପ୍ରଚଳନ

ଜୟପୁର : ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଆତ୍ମନିଯୁକ୍ତ ଗ୍ରାହକଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ନିମନ୍ତେ ଏକ ନବୋନ୍ମେଷୀ ସମାଧାନ ଯୋଗାଣକାରୀ ବିଜନେସ୍ କ୍ୟାସବ୍ୟାକ୍ ରୁପେ କ୍ରେଡିଟ କାର୍ଡ ପ୍ରଚଳନ କରିବାକୁ ରୁପେ ସହିତ ସହଭାଗିତା କରିଛି। ଏହି ସଦ୍ୟତମ ଉତ୍ପାଦ କ୍ଷୁଦ୍ର ବ୍ୟବସାୟ ସଂସ୍ଥାଗୁଡିକୁ ବିବିଧ ଫାଇଦା ଯୋଗାଇଦେବା ଲକ୍ଷ୍ୟ ରଖିଛି। ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ ଅଫ ଇଣ୍ଡିଆର ସିଇଓ ଶ୍ରୀ ଦିଲୀପ ଅସ୍‌ବେ ଏବଂ ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ଏମ୍‌ଡି ଓ ସିଇଓ ଶ୍ରୀ ସୟ ଅଗ୍ରୱାଲଙ୍କ ଗରିମାମୟ ଉପସ୍ଥିତିରେ ଏହି କ୍ରେଡିଟ କାର୍ଡ ପ୍ରଚଳନ କରାଯାଇଥିଲା। ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ବିଜନେସ୍ କ୍ୟାସବ୍ୟାକ୍ ରୁପେ କ୍ରେଡିଟ କାର୍ଡ ବ୍ୟବସାୟ ସଂସ୍ଥାଗୁଡିକ ନିମନ୍ତେ ଆର୍ଥିକ ଦେଣନେଣକୁ ସରଳ କରୁଛି ଏବଂ ଏହା ୨% ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ, ୪୮ ଦିନ ସୁଧମୁକ୍ତ କ୍ରେଡିଟ୍ ଏବଂ ତତ୍‌କ୍ଷଣାତ ଋଣ ସୁବିଧା ପ୍ରଦାନ କରୁଛି। ଏହା ମଧ୍ୟ ଅଗ୍ନିକାଣ୍ଡ ବୀମା, ଲୁଟେରା ଏବଂ ଘରଭାଙ୍ଗି ଲୁଟ ଭଳି ଘଟଣାରେ ବୀମା ସୁବିଧା ପ୍ରଦାନ କରୁଛି, ଯାହା ଏହାକୁ ବ୍ୟବସାୟ ସଂସ୍ଥାଗୁଡିକ ନିମନ୍ତେ ଏକକ ସମାଧାନ ଉତ୍ପାଦରେ ପରିଣତ କରୁଛି। ନ୍ତଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ରେ ଆମେ ହୃଦ୍‌ବୋଧ କରିଛୁ ଯେ କ୍ଷୁଦ୍ର ଓ ମଧ୍ୟମ ଆକାର ଉଦ୍ୟୋଗଗୁଡିକ ହେଉଛନ୍ତି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ ଗତ ୨୮ ବର୍ଷ ଧରି ଆମେ ଏହି ବର୍ଗକୁ ସେବା ଯୋଗାଇ ଆସୁଛୁ। ଆମେ ନବୋନ୍ମେଷୀ ଆର୍ଥିକ ସମାଧାନ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛୁ ଯାହା ଏହି ବର୍ଗର ଅନନ୍ୟ ଆବଶ୍ୟକତା ପୂରଣ କରୁଛି ଏବଂ ବିଜନେସ୍ କ୍ୟାସବ୍ୟାକ୍ ରୁପେ କ୍ରେଡିଟ କାର୍ଡ ଏମ୍‌ଏସଏମ୍‌ଇ ପ୍ରତି ଆମ ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଛି। ଆତ୍ମନିଯୁକ୍ତ ଗ୍ରାହକ ବର୍ଗ ଆମ ବ୍ୟାଙ୍କ ପାଇଁ ଗୁରୁତ୍ୱ ଲାଭ କରୁଥିବାରୁ ଏହି ଗ୍ରାହକଙ୍କ ପାଇଁ ମୂଲ୍ୟଯୋଗ କରିବା ଉପରେ ଆମେ ଦୃଷ୍ଟିନିବଦ୍ଧ କରୁଛୁ ଏବଂ କ୍ରେଡିଟ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରୁଛୁ। ଆଗକୁ ଆମେ ଆମର ଅନ୍ୟ କ୍ରେଡିଟ କାର୍ଡ ଗୁଡିକରେ ମଧ୍ୟ ଏମଏସ୍‌ଏମଇଗୁଡିକ ପାଇଁ ନିର୍ଦ୍ଦିଷ୍ଟ ଫାଇଦା ଆଣିବା ଦିଗରେ କାର୍ଯ୍ୟ କରିବୁ,ନ୍ତ ବୋଲି ଶ୍ରୀ ସୟ ଅଗ୍ରୱାଲ, ଏମ୍‌ଡି ଓ ସିଇଓ, ଏୟୁ ଏସ୍‌ଏଫବି କହିଛନ୍ତି।



ମା' ମାନେ ସାଧାରଣତଃ ଶିଶୁଙ୍କୁ କଜ୍ଜ୍ୱଳ ଲଗାଇ ଥାଆନ୍ତି । ମା'ମାନେ ଭାବନ୍ତି ଶିଶୁଙ୍କୁ କଜ୍ଜ୍ୱଳ ଲଗାଇବା ଦ୍ୱାରା କାହାର ନଜର ଲାଗିନଥାଏ । କିନ୍ତୁ ଶିଶୁଙ୍କୁ କଜ୍ଜ୍ୱଳ ଲଗାଇବା ନେଇ ବୈଜ୍ଞାନିକ ବଡ଼ ଖୁଲାସା କରିଛନ୍ତି। ସେମାନଙ୍କ କହିବାନୁଯାୟୀ ଛୋଟ ପିଲାଙ୍କ ଆଖି ଖୁବ୍ ସମ୍ବେଦନଶୀଳ ହୋଇଥାଏ । ତେଣୁ ଆଜିକାଲି ବଜାରରେ କେମିକାଲ ଯୁକ୍ତ କଜ୍ଜ୍ୱଳ ଶିଶୁର ଚକ୍ଷୁରେ ଲଗାଇବା ଦ୍ୱାରା କ୍ଷତି ହୋଇପାରେ । କେମିକାଲ ଯୁକ୍ତ କଳାରେ ଅନେକ ମାତ୍ରାରେ ଲିଡ୍ ରହିଥାଏ । ଯାହା ଆଖି ମାଧ୍ୟମରେ ଶରୀରର ଅନ୍ୟ ଅଂଶକୁ ଯାଇ କ୍ଷତି ଘଟାଇ ଥାଏ । ଏହାଛଡା ଏହି କଳା ମସ୍ତିଷ୍କ ଓ ବୋନ୍ ମ୍ୟାରୋ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ ।ଚକ୍ଷୁରେ କାଜଲ ଲଗାଇବା ଦ୍ୱାରା ଇନଫେକ୍ସନ ହେବା ସଙ୍ଗେ ଆଖି ନାଲି ହେବା, ଆଖିରୁ ଲଗାତାର ପାଣି ବୋହିବା ଇତ୍ୟାଦି ସମସ୍ୟା ଦେଖା ଯାଇଥାଏ । କିଛି ଲୋକଙ୍କର ଧାରଣା ରହିଥାଏ ଘରେ ପ୍ରସ୍ତୁତ ହୋଇଥିବା କଜ୍ଜ୍ୱଳ ଆଖି ପାଇଁ ଉପକାରୀ । କିନ୍ତୁ ଏହି କଜ୍ଜ୍ୱଳ ଆଖିରେ ସଂକ୍ରମଣ ହେବାର ସମ୍ଭାବନା ରହିଥାଏ । ଏହାକୁ ଲଗାଇବାରେ ସାବଧାନତା ରଖିବା ଉଚିତ ।

# ଅଭିନୟ ପାଇଁ ପାଠପଢ଼ା ଛାଡ଼ିଥିଲେ ଅଦା ଶର୍ମା



ସୁଦୀପ୍ତୋ ସେନ୍‌ଙ୍କ ଫିଲ୍ମ 'ଦି କେରଳ ଷ୍ଟୋରୀ' ପାଇଁ ଚର୍ଚ୍ଚାରେ ଅଛନ୍ତି ବଲିଉଡ ଅଭିନେତ୍ରୀ ଅଦା ଶର୍ମା । ସେ ଏହି ଫିଲ୍ମରେ ଅଭିନୟ କରି ଅନେକ ପ୍ରଶଂସା ସାଉଁଟୁଛନ୍ତି। ଅଦା ଶର୍ମା ୧୧ ମଇ ୧୯୯୨ ରେ ମୁମ୍ବାଇର ଏକ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଏସ୍.ଏଲ୍ ଶର୍ମା ଭାରତୀୟ ମର୍ଚାଣ୍ଟ ନାଭିରେ କ୍ୟାପଟେନ ଅଛନ୍ତି। ତାଙ୍କ ମାତା ଶୀଲା ଶର୍ମା ଜଣେ କ୍ଲାସିକାଲ ଡ୍ୟାନ୍‌ସର । ଏହି କାରଣରୁ ଆଦ୍‌ଙ୍କର ନୃତ୍ୟ ପ୍ରତି ବହୁତ ଦୁର୍ବଳତା ଥିଲା। ଅଦା ମୁମ୍ବାଇର ଆକ୍ସିଲିୟମ୍ କନଭେଣ୍ଟ ହାଇସ୍କୁଲରୁ ପାଠପଢ଼ା ସମାପ୍ତ କରିଛନ୍ତି। ପରେ ସେ ଡ୍ୟାନ୍ସ ଏବଂ ଆକ୍ଟିଂରେ ନିଜର କ୍ୟାରିୟର୍ କରିବା ପାଇଁ ପାଠପଢ଼ା ଛାଡିଥିଲେ। ଅବଶ୍ୟ ପରେ ସେ ମୁମ୍ବାଇର ନଟରାଜ ଗୋପୀ କୃଷ୍ଣ କଥକ ଡ୍ୟାନ୍ସ ଏକାଡେମୀରୁ ସ୍ନାତକ ହାସଲ କରିଥିଲେ। ଅଦା ଶର୍ମାଙ୍କ ଚଳଚ୍ଚିତ୍ର କ୍ୟାରିୟର ବିଷୟରେ କହିବାକୁ ଗଲେ ସେ 'କେରଳ ଷ୍ଟୋରୀ' ପୂର୍ବରୁ ଅନେକ ହିନ୍ଦୀ ଚଳଚ୍ଚିତ୍ରରେ କାମ କରିଛନ୍ତି। ହିନ୍ଦୀ ବ୍ୟତୀତ ଅଦା ଶର୍ମା ଅନେକ ତାମିଲ ଏବଂ ତେଲୁଗୁ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରି ସଫଳତା ହସଲ କରିଛନ୍ତି। ଅଦା ୨୦୦୮ ମସିହାରେ ରିଲିଜ୍ ହୋଇଥିବା ହର୍‌ର-୧୯୨୦ରୁ କ୍ୟାରିଅର ଆରମ୍ଭ କରିଥିଲେ। ଏହା ବ୍ୟତୀତ ସେ ସିଦ୍ଧାର୍ଥ ମାଲହୋତ୍ରା ଏବଂ ପରିଣୀତି ଚୋପ୍ରାଙ୍କ ଅଭିନୀତ 'ହଂସି ତୋ ଫନ୍‌ସି' ରେ ଏକ ସହାୟକ ଭୂମିକାରେ ଅଭିନୟ କରିଥିଲେ। ଏପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ 'ଦି କେରଳ ଷ୍ଟୋରୀ'କୁ ବ୍ୟାନ୍ କରିବା ପରେ ବିବାଦ ଆହୁରି ବଢ଼ିଛି। ମମତାଙ୍କ ନିଷ୍ପତ୍ତିଙ୍କ ବିରୋଧରେ ଫିଲ୍ମର ନିର୍ମାତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ୟାନ୍ ହଟାଇବା ସହ ତାମିଲନାଡୁରେ ଫିଲ୍ମର ସ୍କ୍ରିନିଂ ପାଇଁ ସିନେମା ହଲ୍‌ଗୁଡ଼ିକୁ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ଫିଲ୍ମ ନିର୍ମାତା କୋର୍ଟରେ ଆବେଦନ କରିଛନ୍ତି। ପଶ୍ଚିମବଙ୍ଗରେ ହିଂସା ରୋକିବା ଓ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ସୋମବାର ମମତା ଫିଲ୍ମକୁ ବ୍ୟାନ୍ କରିବାକୁ ଘୋଷଣା କରିଥିଲେ। ବିଜେପି ଫିଲ୍ମକୁ ଫଣ୍ଡିଂ କରି ହିଂସା ସୃଷ୍ଟି କରିବାକୁ ଚାହୁଁଛି ବୋଲି ମମତା ଅଭିଯୋଗ କରିଥିଲେ। ପ୍ରଥମ ରାଜ୍ୟ ଭାବେ ପଶ୍ଚିମବଙ୍ଗରେ ଏହି ଫିଲ୍ମକୁ ବ୍ୟାନ୍ କରାଯାଇଛି।

# ରହସ୍ୟ ଖୋଜିବାକୁ ଯାଇ ଏଠି ହଜିଯାଆନ୍ତି ଲୋକେ



ଆଜିର ଯୁଗରେ ବିଜ୍ଞାନ ବଳରେ ସବୁ କିଛି ହୋଇପାରୁଛି ବୋଲି ପ୍ରମାଣ ଅଛି । କିନ୍ତୁ ପୃଥିବୀରେ ଏମିତି ଅନେକ ରହସ୍ୟ ଅଛି, ଯାହା କି ବିଜ୍ଞାନ ପାଇଁ ଏକ ବଡ ଆହ୍ୱାନ । ଆମେ ଆପଣଙ୍କୁ ଏମିତି ଏକ ରହସ୍ୟମୟ ଘାଟି ବିଷୟରେ କହିବୁ ଯାହା ଜାଣିଲେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହେବେ । ଏମିତି ଏକ ଘାଟି ଅଛି ଯାହାକୁ କେହି ଖୋଜି ପାଇନାହାଁନ୍ତି । ଯିଏ ଜାଣିବାକୁ ଚେଷ୍ଟା କରିଛି ସେ ସବୁଦିନ ପାଇଁ ହଜିଯାଇଛି । ଏକ ରିପୋର୍ଟ ଅନୁଯାୟୀ, ଏହି ଘାଟିଟି ଅରୁଣାଚଳ ପ୍ରଦେଶ ଏବଂ ତିବ୍ବତ ମଧ୍ୟରେ ରହିଛି । ଏହି ସ୍ଥାନକୁ 'ସଂଗରୀ-ଲା ଘାଟି' କୁହାଯାଏ । ଏହି ଘାଟିକୁ ବରମୁଡା ତ୍ରିରଙ୍ଗା ପରି ଦୁନିଆର ସବୁଠାରୁ ରହସ୍ୟମୟ ସ୍ଥାନ ବୋଲି କୁହାଯାଏ । ବରମୁଡା ତ୍ରିରଙ୍ଗା ହେଉଛି ଉତ୍ତର ଆଟଲାଣ୍ଟିକ୍ ମହାସାଗରର ଏକ ଅଂଶ, ଯେଉଁଠାରେ ଯାଉଥିବା ଜାହାଜ ଏବଂ ବିମାନ ଅଦୃଶ୍ୟ ହୋଇଯାଏ । କୁହାଯାଏ ଯେ, 'ସଂଗରୀ-ଲା ଘାଟି'ର ଅନ୍ୟ ଜଗତ ସହିତ ସମ୍ପର୍କ ରହିଛି । ଯେଉଁମାନେ ଏହି ଉପତ୍ୟକା ବିଷୟରେ ଜାଣିଛନ୍ତି, ସେମାନେ କହିଛନ୍ତି ଯେ ଆଦି ଶଙ୍କରାଚାର୍ଯ୍ୟ ଆରମ୍ଭ କରିଥିବା ପ୍ରସିଦ୍ଧ ଯୋଗୀ 'ଶ୍ୟାମ ଚରଣ ଲାହିରି' ର ଗୁରୁ 'ମହାଭାରତ ବାବା' ବର୍ତ୍ତମାନ ମଧ୍ୟ ଏହି ଉପତ୍ୟକାର କିଛି ସିଦ୍ଧ ଆଶ୍ରମରେ ବାସ କରୁଛନ୍ତି। ତିବ୍ବତୀୟ ଭାଷାରେ ଲିଖିତ 'କାଲ ବିଜ୍ଞାନ' ପୁସ୍ତକରୁ ମଧ୍ୟ ଏହି ବିଷୟରେ ଅଧିକ ଜାଣି ହେବ । ପୁସ୍ତକଟି ତିବ୍ବତର ତାୱାଙ୍ଗ ମଠର ଲାଇବ୍ରେରୀରେ ରଖାଯାଇଛି ।ତିବ୍ବତୀୟ ପଣ୍ଡିତ ୟୁଟସଙ୍ଗ କହିଛନ୍ତି ଯେ ସେ ନିଜେ ଏହି ରହସ୍ୟମୟ ଉପତ୍ୟକାକୁ ଯାଇଛନ୍ତି । ତାଙ୍କ କହିବାନୁସାରେ, ସେଠାରେ ସୂର୍ଯ୍ୟ କିରଣ କିମ୍ବା ଚନ୍ଦ୍ର ନଥିଲା, ତଥାପି ଏକ ରହସ୍ୟମୟ ଆଲୋକ ଚାରିଆଡେ ବ୍ୟାପି ଥିଲା । ହେଲେ ଏ କଥା ଯେ କେତେ ସତ କେତେ ମିଛ ତାହା ଜଣାପଡି ନାହିଁ । ଏହି ଉପତ୍ୟକା ତନ୍ତ ଜ୍ଞାନ ଏବଂ ଧ୍ୟାନ ସହିତ ଜଡିତ ଲୋକଙ୍କ ମଧ୍ୟରେ ଭାରତ ସମେତ ସମଗ୍ର ବିଶ୍ୱରେ ପ୍ରସିଦ୍ଧ । ଏହି ଘାଟି ପୃଥିବୀର ଆଧ୍ୟାତ୍ମିକ କେନ୍ଦ୍ର ଭାବରେ ମଧ୍ୟ ଜଣାଶୁଣା । ଏଥି ସହିତ 'ସଂଗରୀ-ଲା ଘାଟି'କୁ ସିଦ୍ଧଶ୍ରମ ମଧ୍ୟ କୁହାଯାଏ, ଯାହାକି ମହାଭାରତରୁ ବାଲ୍ମିକ ରାମାୟଣ ଏବଂ ବେଦ ପର୍ଯ୍ୟନ୍ତ ହିନ୍ଦୁ ଧାର୍ମିକ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ସୂଚନା ଅନୁଯାୟୀ, ଏହି ରହସ୍ୟମୟ ଘାଟି ଖୋଜିବା ପାଇଁ ଚୀନ୍ ସେନା ମଧ୍ୟ ବହୁ ଚେଷ୍ଟା କରିଥିଲା, କିନ୍ତୁ ସଫଳତା ପାଇ ନଥିଲା। ଅନେକ ରିପୋର୍ଟରେ କୁହାଯାଇଛି ଯେ ଯିଏ 'ସଂଗରୀ-ଲା ଘାଟି'ର ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟା କରିଛି, ସେ ଆଉ ଫେରିନାହିଁ ।

# ଏପ୍ରିଲରେ ପରିଣୀତିଙ୍କ ବିବାହ!



ଗତ ମାସରେ ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା- ଆମ ଆଦ୍‌ମୀ ପାର୍ଟି ସାଂସଦ ରାଘବ ଚଢ଼ା ପରସ୍ପରକୁ ଡେଟ କରୁଥିବା ନେଇ ଚର୍ଚ୍ଚା ଚାଲିଥିଲା। କିନ୍ତୁ ଏମାନେ ଏହି ବିଷୟରେ ପଦୁଟିଏ ବି ମୁହଁ ଖୋଲିନଥିଲେ। ସେ ଯାହା ବି ହେଉ ଲୋକମାନଙ୍କ ମଧ୍ୟରେ ଥିବା କଳ୍ପନାଜଳ୍ପନାର ଅନ୍ତ ଘଟିବାକୁ ଯାଉଛି। ପରିଣୀତି- ରାଘବ ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଛନ୍ତି। କିନ୍ତୁ ବିବାହ ତାରିଖ ଘୋଷଣା କରାଯାଇନଥିବାବେଳେ ନିର୍ବନ୍ଧ ମେ' ୧୩ ତାରିଖରେ ହେବ ବୋଲି ଶୁଣାଯାଉଛି। ଏହି ନିର୍ବନ୍ଧ ଉତ୍ସବରେ ପ୍ରାୟ ୧୫୦ ବନ୍ଧୁ ଓ ନିକଟତମ ସଂପର୍କୀୟ ଯୋଗ ଦେବେ ବୋଲି ଖବର ମିଳିଛି। ତେବେ ସେ ଦୁହିଁଙ୍କ ବିବାହ ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଆଶା କରାଯାଉଛି ଯେ ଏହି ବର୍ଷ ଶେଷ ସୁଦ୍ଧା ସେମାନେ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି। ମୁମ୍ବାଇର ଏକ ରେଷ୍ଟୁରାଣ୍ଟ୍‌କୁ ଡିନର କରିବାକୁ ଯାଉଥିବାବେଳେ ବିବାହ ବିଷୟରେ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିଥିଲେ। କିନ୍ତୁ ସେମାନେ ବିବାହ, ନିର୍ବନ୍ଧ ବିଷୟରେ କିଛି ବି କହିନଥିଲେ।

# ପୁଣି ଏକାଠି ନଜର ଆସିଲେ ଅନନ୍ୟା-ଆଦିତ୍ୟ



ନିକଟରେ ଅନନ୍ୟା ପାଣ୍ଡେ ଓ ଆଦିତ୍ୟ ରୟ କାପୁରଙ୍କ ପ୍ରେମ ସଂପର୍କ ଥିବା ଗୁଜବ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। କିନ୍ତୁ ପୁଣି ଏକ ପାର୍ଟିରେ ଏହି ପ୍ରେମୀଯୁଗଳ ଏକାଠି ନଜର ଆସିଛନ୍ତି। କରଣ ଜୋହର ତାଙ୍କ ଘରେ ଏକ ପାର୍ଟିର ଆୟୋଜନ କରିଥିଲେ । ଯେଉଁଥିରେ ବଲିଉଡର ପ୍ରସିଦ୍ଧ ତାରକାମାନେ ଅଂଶଗ୍ରହଣ କରିଥିଲେ । ସେହି ପାଟିରେ ଅନନ୍ୟା ପାଣ୍ଡେ ଏବଂ ଆଦିତ୍ୟ ରୟ କପୁରଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଦୁହେଁ ଏକ ରଙ୍ଗର ପୋଷାକ ପିନ୍ଧିଥିଲେ। ଏ ଦୁଇ ଲବ ବାର୍ଡ ବ୍ଲାକ୍ ଲୁକ୍‌ରେ କରଣଙ୍କ ପାର୍ଟିରେ ପହଞ୍ଚିଥିଲେ। ଦୁଇଜଣ ମ୍ୟାଚିଂ କରି ବ୍ଲାକ୍ ଡ୍ରେସ୍ ପିନ୍ଧିଥିବାରୁ ସମସ୍ତଙ୍କ ନଜର ତାଙ୍କ ଉପରେ ପଡିଥିଲା। ଏହି ପାର୍ଟିରେ ଆଲିଆ ଭଟ୍ଟ, ରଣବୀର କପୁର, ରୋହିତ ଧାୱନ, ଆୟାନ ମୁଖାର୍ଜୀ, ଅର୍ଜୁନ କପୁର, ମଲାଇକା ଆରୋରା ଏବଂ ଆରତୀ ଶେଟ୍ଟୀ ପ୍ରମୁଖ ଅଭିନେତା ଅଭିନେତ୍ରୀ ଯୋଗ ଦେଇଥିଲେ। ପାର୍ଟି ସରିବା ପରେ ସେମାନେ ମଲାଇକା ଏବଂ ଅର୍ଜୁନ କପୁରଙ୍କ ସହ ବାହାରକୁ ଯାଉଥିବାର ନଜର ଆସିଥିଲେ। ଅନନ୍ୟା ପାଣ୍ଡେ ଏବଂ ଆଦିତ୍ୟ ରୟ କାପୁର ଅନେକ ଥର ଏକାଠି ସମୟ ବିତାଉଥିବାର ଦେଖାଯାଇଛି। ଯଦିଓ ଉଭୟ ନିଜ ସମ୍ପର୍କ ନେଇ ମୁହଁ ଖୋଲୁନାହାନ୍ତି ତଥାପି ସେମାନଙ୍କ ଭିତରେ ପ୍ରେମ ସଂପର୍କ ଅଛି ବୋଲି ଚର୍ଚ୍ଚା ଚାଲିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ତାଳଚେର, (ଭାସ୍କର ନ୍ୟୁଜ): ତାଳଚେର ୱାକର୍ସ କ୍ଲବର ୭ମ ବାର୍ଷିକ ଅଧିବେଶନ ଦେଉଳବେଡା କୋଲିୟରୀ ଇନିଷ୍ଟିଚ୍ୟୁଟ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ଲବର ସଭାପତି ଡକ୍ଟର ଅଶୋକ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ପ୍ରତିଷ୍ଠାତା ତଥା ହୃଦ୍ ?ରୋଗ ବିଶେଷଜ୍ଞ ଡକ୍ଟର କୈଳାସ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ହୋଇ କ୍ଲବର ବିଭିନ୍ନ ପ୍ରକାର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଲିଙ୍ଗରାଜ ଏରିଆର ଜେନେରାଲ୍ ମ୍ୟାନେଜର ଅଜୟ କୁମାର ଦେହୁରୀ ଉପସ୍ଥିତ ରହି କ୍ଲବର ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ । କ୍ଲବର ସାଧାରଣ ସଂପାଦକ ଅଶୋକ କୁମାର ସାମନ୍ତ ବିବରଣୀ ପାଠ, ପ୍ରକାଶ କୁମାର ମହାରଣା ମଂଚ ପରିଚାଳନା କରିଥିଲେ ଏବଂ କୋଷାଧକ୍ଷ ତଥା ଆଇନଜୀବୀ ହରେକୃଷ୍ଣ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନୋରଂଜନ ପ୍ରଧାନ, ପ୍ରତାପରୁଦ୍ର ପ୍ରଧାନ, ପ୍ରହଲ୍ଲାଦ ପରିଡା, ପବିତ୍ର ସାମଲ, ରାମଚନ୍ଦ୍ର ଅଗ୍ରୱାଲା, କନ୍ଦର୍ପ ସାହୁ, ରାଜକିଶୋର ନାଏକ, ଇଂ ରମେଶ ଚନ୍ଦ୍ର ବେହେରା, ବିରବର ସାହୁ, ସୁମନ୍ତ ପ୍ରଧାନ, ହୃଦାନନ୍ଦ ସାହୁ, ଆନନ୍ଦ ଆଚାର୍ଯ୍ୟ, ମୋହନ ଚନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ଦାସ ପ୍ରମୁଖ ସାମିଲ ଥିଲେ।

### ଗଞ୍ଜେଇ ଚାଲାଣ ମାମଲା

## ଦୁଇ ଆସାମୀଙ୍କୁ ୧୦ ବର୍ଷ କାରାଦଣ୍ଡ

କଟକ, (ଭାସ୍କର ନ୍ୟୁଜ): ଏକ ବେଆଇନ ଗଞ୍ଜେଇ ଚାଲାଣ ମାମଲାରେ କଟକର ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଆସାମୀ ବିହାରର ରାଜ କୁମାର ପଣ୍ଡିତ୍ ଏବଂ ଚନ୍ଦନ କୁମାରଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । କୋର୍ଟ ଏନ୍‌ଡିପିଏସ୍ ଆଇନର ସେକ୍ସନ୍ ୨୦(ବି)(ଆଇଆଇ)(ସି) ଆଧାରରେ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ସେହିପରି କୋର୍ଟ ଆସାମୀ ଦ୍ୱୟଙ୍କୁ ଏକ ଲକ୍ଷଟଙ୍କା ଲେଖାଏଁ ଜରିମାନା ପ୍ରଦାନ କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି । ତେବେ ଜରିମାନା ଦାଖଲ କରିନପାରିଲେ ସେମାନଙ୍କୁ ଆଉ ଅଧିକ ୬ ମାସ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଗତ ୨୦୨୧ ମସିହା ଏପ୍ରିଲ୍ ୬ ତାରିଖରେ ଏକ ଟାଟାସୁମୋ ଗାଡ଼ିରେ ଆସାମୀଦ୍ୱୟ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିଲେ । ତେବେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଜୁଡ଼ିସିଆଲ ଏକାଡ଼େମୀ ନିକଟରୁ ଉକ୍ତ ଟାଟା ସୁମୋ ଗାଡିରୁ ୧୨୫ କେ.ଜି ଗଞ୍ଜେଇ ଜବତ କରିବା ସହ ରାଜ କୁମାର ପଣ୍ଡିତ୍ ଏବଂ ଚନ୍ଦନ କୁମାରଙ୍କୁ ଗିରଫ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ଅଭିଯୁକ୍ତ ଗିରଫ ପରେ ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କଟକର ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତରେ ଏହି ମାମଲାର ଶୁଣାଣି ଚାଲିଥିଲା। କୋର୍ଟରେ ଏହି ମାମଲାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି ପି ବେଣୁଧର ବସ୍ତିଆ ପରିଚାଳନା କରୁଥିବା ବେଳେ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ଦେବାଶିଷ ମହାକୁଡ଼ ଏବଂ ଆସୋସିଏଟ ଲୟର୍ ପ୍ରଦୀପ୍ତ ଶତପଥି ସହାୟତା କରୁଥିଲେ ।

## ଦୁର୍ଘଟଣାରେ ୪ ଗୁରୁତର

ବାଲିପାଟଣା, (ଭାସ୍କର ନ୍ୟୁଜ): ବିଳମ୍ବିତ ରାତିରେ ସରଦେଇପୁର ନିମାପଡା ରାସ୍ତାର ଅଠାନ୍ତର ମେଡିକାଲ ଛକ ବିଜେଡି କାର୍ଯ୍ୟାଳୟ ସାମ୍ନାରେ ୨ ବାଇକ ମଧ୍ୟରେ ଦୁର୍ଘଟଣା ହୋଇଛି । ଦୁର୍ଘଟଣାରେ ଜଣେ ଶିଶୁଙ୍କ ସମେତ ୨ ଜଣ ଗୁରୁତର ହୋଇଥିବା ବେଳେ ୨ ଆହତ ହୋଇଛନ୍ତି । ଗୁରୁତର ମାନେ ହେଲେ ତିରିନ୍ତିରା ର ଦିନବନ୍ଧୁ ଦାସ (୩୨) ଏବଂ ଧନୁଷ ବେହେରା (୮) । ସେହିପରି ଆହତ ମାନେ ହେଲେ ଶୁଭମ ବେହେରା (୧୦) ଏବଂ ଲକି ମାହାରୀ (୧୩) । ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସୂଚନା ଦେଇଛନ୍ତି । ପୁଲିସ ଦୁର୍ଘଟଣା ଘଟାଇ ଥିବା ବାଇକ ଓ ଚାଳକଙ୍କୁ ଅଟକ ରଖିଛି । ସେ ମଦ ନିଶାରେ ଦୁର୍ଘଟଣା ଘଟାଇଥିବା ଜଣାପଡିଛି । ସୂଚନା ଅନୁସାରେ ଦିନବନ୍ଧୁ ଏବଂ ତାଙ୍କ ସମ୍ପର୍କୀୟ ବାଲିପାଟଣା ରୁ ୩ ଟି ବାଇକରେ ଘର କୁ ଫେରୁଥିଲେ । ବିପରୀତ ଦିଗରୁ ଆମେଣାକୁଦ ପଞ୍ଚାୟତ କୁଦପାଟଣା ଗ୍ରାମର ଲକ୍ଷ୍ମଣ ବେହେରା ବାଇକ ନଂ ଓଡି ୦୨ ଏଏନ ୭୪୨୩ ରେ ଦ୍ରୁତ ଗତିରେ ଆସି ରାସ୍ତାର ବିପରିତ ପାର୍ଶ୍ୱରେ ଦିନବନ୍ଧୁଙ୍କ ବାଇକ କୁ ଧକା ଦେଇଥିଲେ । ଫଳରେ ସେମାନେ ବାଇକରୁ ଛିଟିକି ରାସ୍ତାରେ ପଡିଥିଲେ । ଦିନବନ୍ଧୁଙ୍କ ଡାହାଣ ଗୋଡ଼ ଚକି ସମ୍ପୂର୍ଣ୍ଣ ଫାଟିବା ସହିତ ଶରୀର ର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ଅନ୍ୟମାନଙ୍କର ଗୋଡ଼, ହାତ, ମୁଣ୍ଡରେ ଆଘାତ ଲାଗିଛି । ଲୋକେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତି କରିଥିଲେ । ଗୁରୁତର ଙ୍କୁ ୧୦୮ ଆମ୍ବୁଲାନ୍ସ ରେ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଛି । ବାଲିପାଟଣା ପୁଲିସ ଘଟଣା ର ତଦନ୍ତ କରୁଛି ।

## ନିଶ୍ଚିନ୍ତକୋଇଲିକୁ ମୋ' ବସ୍ ଚଳାଚଳ ପାଇଁ ଦାବି

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲିକୁ ମୋ' ବସ ଚଳାଚଳ ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ଅଂଚଳ ହେଉଛି ଏକ ବ୍ୟବସାୟର ପେଣ୍ଠସ୍ଥଳୀ। ଏହି ବଜାର ଉପରେ ସ୍ଥାନୀୟ ମାହାଙ୍ଗା,ଡେରାବିଶ ବ୍ଲକର ବହୁ ଗ୍ରାମପଂଚାୟତର ଲୋକଙ୍କ ସମେତ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ୪୧ଟି ଗ୍ରାମପଂଚାୟତର ଲୋକମାନେ ନିର୍ଭର କରିଥାନ୍ତି। ନିଶ୍ଚିନ୍ତକୋଇଲିରେ ଦୁଇଟି ମହାବିଦ୍ୟାଳୟ ,ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ,ବିଦ୍ୟୁତ ସବଡିଭିଜନ ଅଫିସ, ଥାନା ,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ ସମେତ ବହୁ ସରକାରୀ ଦପ୍ତର ଏବଂ ବେସରକାରୀ ସ୍କୁଲ କଲେଜ ସହ ବୈଶୟିକ ଅନୁଷ୍ଠାନ,ଏକାଧିକ ଜାତୀୟ କରଣ ବ୍ୟାଙ୍କ ରହିଛି। ଦୈନନ୍ଦିନ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଶହ ଶହ ଯାତ୍ରୀ ଯାଆ ଆସ କରିଥାଏ। ଏହି ସ୍ଥାନକୁ ଠିକ୍ ସମୟରେ ଓ ନିୟମିତ ଭାବେ ବେସରକାରୀ ବସ ଆସୁନଥିବାରୁ ଲୋକେ ଦୂର ଦୂରାନ୍ତକୁ ଯାତ୍ରା କରିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥାନ୍ତି। ସରକାରଙ୍କ ପ୍ରଦତ ମୋ ବସ ସେବା ସାଲେପୁର ପର୍ଯ୍ୟନ୍ତ ଆସୁଥିଲା ବେଳେ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଆସୁନାହିଁ। ସରକାରଙ୍କ ତରଫରୁ ନିଶ୍ଚିନ୍ତକୋଇଲିକୁ ମୋ ବସ ସେବା ଯୋଗାଇଦେବା ନିମନ୍ତେ ବରିଷ୍ଠ ନାଗରିକ ଧ୍ରୁବଚରଣ ମହାପାତ୍ର,ବିଜୟ କୁମାର ସାହୁ,ପରିବାର ସଭାପତି ବଲ୍ଲଭ ଚରଣ ପଲେଇ, ପୂର୍ବତନ ସରପଂଚ ରବିନ୍ଦ୍ର ନାଥ ସେଠୀ ସମେତ ବହୁ ବୁଦ୍ଧିଜୀବୀ ଦୃଢ ଦାବି କରିଛନ୍ତି।

## ମହିଳାଙ୍କ ନାମରେ ଅପପ୍ରଚାର କରି ଛେଚା ଖାଇଲେ ୱେବ୍ ସାମ୍ବାଦିକ



ପାରାଦୀପ, (ଭାସ୍କର ନ୍ୟୁଜ): ଗତକାଲି ପାରାଦୀପର ଏକ ମାର୍କେଟ୍ ପାଖରେ ଜଣେ ୱେବ୍ ସାମ୍ବାଦିକଙ୍କୁ ଚପଲ ମାଡ ନେଇ କିଛି ଫଟୋ ଏବେ ଭାଇରାଲ୍ ହେବାରେ ଲାଗିଛି । ସମ୍ପୃକ୍ତ ମହିଳା ଏତେ ଜୋର୍‌ରେ ରାଗି ଯାଇଛନ୍ତି ଯେ ଉକ୍ତ ୱେବ୍ ସାମ୍ବାଦିକଙ୍କୁ ଚପଲ ଖୋଲି ବିଭିନ୍ନ ଭଙ୍ଗୀରେ ବିଚ୍ ବଜାର ଉପରେ ଦିବାଲୋକରେ ସମସ୍ତଙ୍କ ଆଖି ସାମ୍ନାରେ ପିଟି ପିଟି ତାଙ୍କ ରାଗ ଶାନ୍ତି କରୁଥିବା ଚର୍ଚ୍ଚା ହେଉଛି । ତେବେ ସମ୍ପୃକ୍ତ ମହିଳା ଏକ ସ୍ୱେଚ୍ଛାସେବୀ ସଂଗଠନର ମୁଖିଆ ହୋଇଥିବା ବେଳେ ଏ ୱେବ୍ ସାମ୍ବାଦିକ ଙ୍କୁ କାହିଁକି ପିଟି ଚାଲିଛନ୍ତି ତାହାର ପ୍ରକୃତ ସତ୍ୟ ପଦାକୁ ଆସି ନଥିବା ବେଳେ ଏ କୁଆଡେ ତାଙ୍କ ଚରିତ୍ର ସଂହାର କିଛି ବ୍ୟକ୍ତି ଙ୍କ ଆଗରେ ଓ ଫୋନରେ କହିଥିବାରୁ ଏଭଳି ଘଟଣା ଘଟିଛି ବୋଲି କୁହାଯାଉଛି । ସମ୍ପୃକ୍ତ ୱେବ୍ ସାମ୍ବାଦିକ କିଛି ବର୍ଷ ତଳେ ଏକ ସାଟେଲାଇଟ୍ ଚ୍ୟାନେଲର ଜୈନିକ ସାମ୍ବାଦିକଙ୍କ ଭଡାଟିଆ ପ୍ରାଇଭେଟ କ୍ୟାମେରା ମ୍ୟାନ୍ କାମ କରି କରି ଏବେ କୁଆଡ଼େ ଏକ ୱେବ୍ ଚ୍ୟାନେଲର ବୁମ ଆଣି ନିଜକୁ ଏକ ସାମ୍ବାଦିକ କହି ବୁଲୁଥିବା ବେଳେ ଜଣେ ସ୍ୱେଚ୍ଛାସେବୀ ସଂଗଠନର ମହିଳା ଙ୍କ ବିରୋଧରେ ଖରାପ କଥା ଗପି ଶେଷରେ ତାଙ୍କୁ ବଜାର ଉପରେ ଚପଲ ମାଡ ଖାଇବାକୁ ପଡିଲା ବୋଲି ଆଲୋଚନା ହେଉଛି । ଘଟଣାକୁ ନେଇ ଥାନା ରେ କୌଣଷି ଅଭିଯୋଗ ହୋଇନାହିଁ । ତେବେ ସମ୍ପୃକ୍ତ ଯୁବବାକ ସଞ୍ଜୟ ଯାନା ପାରାଦୀପ ହନୁମାନ ମନ୍ଦିର ଠାରେ ନିଜର ଭୁଲ୍ ଶୀକାର କରି ମହିଳା ଙ୍କୁ କ୍ଷମା ପ୍ରାର୍ଥନା କରିଚନ୍ତି ତେବେ ମହିଳା ଜଣକ ଉକ୍ତ ଯୁବକଙ୍କୁ ମାଡ଼ ମାରିବା ଫଟୋ ଓ ଭିଡିଓ ଏବେ ସୋସିଆମିଡିଆରେ ଘୁରି ବୁଲୁଥିବା ସହ ପାରାଦୀପରେ ଏହା ଉପରେ ଚର୍ଚ୍ଚା ଚାଲିଛି।

## ଏଫ୍‌ଏଲ୍‌ଏନ୍ ନୋଡାଲ ସେଣ୍ଟର ଉଦ୍‌ଘାଟିତ




ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁରାବେଢା ପଂଚାୟତ ଅନ୍ତର୍ଗତ ସୋନପୁର ଆଦିବାସି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏଫ୍‌ଏଲଏନ୍ ନୋଡାଲ ସେଣ୍ଟରର ଶୁଭ ଉଦଘାଟନ ସମାରୋହ ହୋଇଯାଇଛି। ଏହି ଶୁଭ ଉଦଘାଟନ ସମାରୋହ ଉସବ ରେ ବ୍ଲକ ଗୋଷ୍ଠି ଶିକ୍ଷ୍ୟା ଅଧିକାରୀ ଈଶ୍ୱର ମାଝୀଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ସମ୍ମାନନୀୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବ୍ଲକ ଅଧକ୍ଷା ନବୀନା ନାୟକ, ଜିଲ୍ଲା ପରିଷଦ ଉପଦ୍ଧକ୍ଷା ଲିପିକା ବାରୋଇ ଚାରି ନୋ ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନଙ୍କ ଉପସ୍ଥିତି ରେ ପ୍ରଦୀପ ପ୍ରଜ୍ୟାଳନ କରି ଶୁଭ ଉଦଘାଟନ ହୋଇଯାଉଛି। ଅନ୍ୟ ମାନଂକ ମଧ୍ୟରେ ବିଦ୍ୟାଳୟ କମିଟି ର ସଭାପତି, କମିଟି ର ସଦସ୍ୟ ଓ ଶିକ୍ଷକ ତଥା ବହୁ ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁଲ୍ ଇଞ୍ଜେକ୍ସନ୍ ଯୋଗୁଁ ରୋଗୀର ମୃତ୍ୟୁ !

ଟାଙ୍ଗୀ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ସରକାରୀ ଡାକ୍ତରଖାନା। ଯେଉଁଠି କାର୍ଯ୍ୟରତ ଥିବା ଡାକ୍ତର ଙ୍କ ବିରୁଦ୍ଧରେ ଆସିଛି ସଙ୍ଗୀନ ଅଭିଯୋଗ । ଭୁଲ୍-ଭାଲ୍ ଚିକିତ୍ସା କରୁଛନ୍ତି ଡାକ୍ତର ବାବୁ । ଖାଲି ସେତିକି ନୁହେଁ ଇଞ୍ଜେକ୍ସନ୍ ମଧ୍ୟ ବିକ୍ରୀ କରୁଛନ୍ତି ଡାକ୍ତର ବାବୁ । ରୋଗୀ ର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ , ତେଣୁ ତୁରନ୍ତ ଏହି ଇଞ୍ଜେକ୍ସନ୍ ଆଣିଦିଅ। ହେଲେ ଯଦି ଏହି ଇଞ୍ଜେକ୍ସନ୍ ବାହାରେ ନ-ମିଳେ ତେବେ ୩ ହଜାର ଟଙ୍କା ଦେଲେ। ଆମେ ନିଜ ପାଖରେ ରଖିଥିବା ଇଞ୍ଜେକ୍ସନ୍ ଦେବୁ ବୋଲି କହିଲେ ଡାକ୍ତର ବାବୁ । ରୋଗୀ ର ଆତ୍ମୀୟ ମାନେ ୩ ହଜାର ଟଙ୍କା ଦେବାପରେ ଡାକ୍ତର ବାବୁ ଇଞ୍ଜେକ୍ସନ୍ ବିକ୍ରୀ କଲେ , ରୋଗୀ କୁ ଇଞ୍ଜେକ୍ସନ୍ ଦିଆଗଲା । ବାସ୍ ଇଞ୍ଜେକ୍ସନ୍ ଦେବାପରେ ରୋଗୀ ସୁସ୍ଥ ହେବା ପରିବର୍ତ୍ତେ ସଙ୍ଗେ ସଙ୍ଗେ ମୃତ୍ୟୁ ବରଣ କରିଥିଲା ବୋଲି ମୃତା ମହିଳା ରୋଗୀ ଙ୍କର ଆତ୍ମୀୟ ସ୍ୱଜନ ଅଭିଯୋଗ କରିଛନ୍ତି । ଭୁଲ୍-ଭାଲ୍ ଚିକିତ୍ସା ପାଇଁ ମହିଳା ରୋଗୀ ଙ୍କର ମୃତ୍ୟୁ ହୋଇଯାଇଛି । ଟାଙ୍ଗୀ ସରକାରୀ ଡାକ୍ତରଖାନାରେ ଘଟିଛି ଏଭଳି ଅଘଟଣ । ମୃତା ମହିଳା ଜଣକ ହେଉଛନ୍ତି ଟାଙ୍ଗୀ ନିକଟସ୍ଥ ଦୀକ୍ଷିତିପଡା ଗ୍ରାମର ସବ୍‌ନା ବିବି (୩୫)। ଗତକାଲି ବିଳମ୍ବିତ ରାତ୍ରରେ ସବନା ଟାଙ୍ଗୀ ସରକାରୀ ମେଡିକାଲ ଆସିଥିଲେ। ଡାକ୍ତର ବାବୁ ନିଜ ପାଖରେ ରଖିଥିବା ଏକ ଇଞ୍ଜେକ୍ସନ୍ ଅସୁସ୍ଥ ଥିବା ମହିଳା ସବ୍‌ନା ବିବିଙ୍କୁ ଦେଇଥିଲେ। ଆଉ ସେହି ଇଞ୍ଜେକ୍ସନ୍ ଦେବାର ମାତ୍ର କେଇ ମିନିଟ୍ ମଧ୍ୟରେ ମହିଳା ସବ୍‌ନା ବିବିଙ୍କର ମୃତ୍ୟୁ ହୋଇଥିଲା। ଟାଙ୍ଗୀ ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି । ଏହି ଘଟଣା କୁ ଟାଙ୍ଗୀ ମେଡିକାଲରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଘଟଣାଟି ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ଯୋଗୁଁ ଖୋର୍ଦ୍ଧାରେ ମହିଳାଙ୍କ ଶବ ବ୍ୟବଚ୍ଛେଦ ନକରାଇ ଏମ୍ସ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି । ଅନ୍ୟ ପଟରେ ଟାଙ୍ଗୀ ମେଡିକାଲରେ କାର୍ଯ୍ୟରତ ଥିବା କେତେକ ଡାକ୍ତର ଅଣଓଡ଼ିଆକୁ ରୋଗୀ ହେଉଛନ୍ତି ଓଡ଼ିଆ। ଯାହାଦ୍ୱାରା ଚିକିତ୍ସାରେ ହେଉଛି ଭୁଲ୍‌ଭାଲ୍। ଏଥିପାଇଁ ଅଧିକାଂଶ ରୋଗୀ ନାହିଁ-ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ନଚେତ ଆଗକୁ ସବନାଙ୍କ ପରି ଅନେକ ରୋଗୀଙ୍କ ଜୀବନ ଯାଇପାରେ।

## ଜଳଛତ୍ର ବ୍ୟବସ୍ଥା ବନ୍ଦ ନେଇ ଅଭିଯୋଗ କଲେ ପୂର୍ବତନ ସରପଞ୍ଚ




ଡେଲାଙ୍ଗ, (ଭାସ୍କର ନ୍ୟୁଜ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ ପଥଚାରୀ ତଥା ଜନସାଧାରଣଙ୍କ ପାଇଁ ଜଳଛତ୍ର ଖୋଲି ପାନୀୟ ଜଳ ସୁବିଧା ଯୋଗାଇଦେବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସବୁ ପଞ୍ଚାୟତକୁ ନିର୍ଦ୍ଦେଶ ଦିଆଯାଇଛି ।ମାତ୍ର ବିଡମ୍ବନାର ବିଷୟ ଅଧିକାଂଶ ପଞ୍ଚାୟତରେ ଏହି ବ୍ୟବସ୍ଥା କେବଳ ଲୋକଦେଖାଣିଆ ଭାବେ କିଛି ଦିନ ଚାଲିବା ପରେ ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ୍ କରି ଦିଆଯାଉଥିବା ନେଇ ଲୋକେ ଅଭିଯୋଗ କରୁଛନ୍ତି ।ଅନ୍ୟପକ୍ଷରେ କେତେକ ପଞ୍ଚାୟତରେ ଜଳଛତ୍ର ବିତରଣ ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲେ ହେଁ କେତେକ ଅସାମାଜିକ ଶ୍ରେଣୀର ଲୋକ ଏହି କାର୍ଯ୍ୟ ପାଇଁ ବ୍ୟବହୃତ ମାଠିଆ,ମଗ୍,ଡଙ୍କି ଓ ବ୍ୟାନର ଆଦି ସାମଗ୍ରୀ ଚୋରି କରି ନେଇଯିବାରୁ ସେହିସବୁ ସ୍ଥାନରେ ଲୋକଙ୍କ ପାଇଁ ଜଳଛତ୍ର ବଣ୍ଟନ ବ୍ୟବସ୍ଥାରେ ବାଧା ଉପୁଜୁଛି ବୋଲି ଦାୟିତ୍ୱରେ ଥିବା କର୍ମଚାରୀ,ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଆରୋପ କରିଛନ୍ତି। ସୂଚନା ଅନୁଯାୟୀ, ମାର୍ଚ୍ଚ ୨୭ତାରିଖ ଗୁରୁବାର ଦିନ ଗଡମୋଟରୀ ପଞ୍ଚାୟତ ପକ୍ଷରୁ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ ଓ ସମିତି ସଭ୍ୟ ଲଲାଟ କେଶରୀ ସାମନ୍ତରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତର ଗଡମୋଟରୀ, ଗଣ୍ଡପଡ଼ା, ବାତୋଳ ଓ କୁମୁଣ୍ଡାଳଠାରେ ଲୋକଙ୍କ ପାଇଁ ଜଳଛତ୍ର ଖୋଲାଯାଇଥିଲା ।ତେବେ ସମ୍ପ୍ରତି ଗଣ୍ଡପଡ଼ା, ବାତୋଳ ଓ କୁମୁଣ୍ଡାଳଠାରେ ଜଳଛତ୍ର ବ୍ୟବସ୍ଥା ଯଥାରୀତି ଚାଲୁଥିବାବେଳେ ଗଡମୋଟରୀ ପଞ୍ଚାୟତର କଲ୍ୟାଣମଣ୍ଡପ ନିକଟରେ ଖୋଲାଯାଇଥିବା ଜଳଛତ୍ର ବିତରଣ ବ୍ୟବସ୍ଥା ସଂପୂର୍ଣ୍ଣ ବନ୍ଦ୍ ହୋଇପଡ଼ିଥିବା ନେଇ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନି ବିହାରୀ ବଳବନ୍ତରାୟ ଆରୋପ କରିଛନ୍ତି ।ଏ ସଂକ୍ରାନ୍ତରେ ଗଡମୋଟରୀ ପଞ୍ଚାୟତ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ କୁହନ୍ତି,ଲୋକଙ୍କ ସୁବିଧା ପାଇଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆମେ ଜଳଛତ୍ର ବିତରଣ ବ୍ୟବସ୍ଥା କରିଥିଲୁ ।ତେବେ ବିଡମ୍ବନା ଗଡମୋଟରୀ ଜଳଛତ୍ର ବିତରଣ କେନ୍ଦ୍ର ମାତ୍ର ୨/୪ଦିନ ଚାଲିବା ପରେ କୌଣସି ଦୁର୍ବୃତ୍ତ ରାଜନୈତିକ ଆକ୍ରୋଶ ରଖି ଏହି ବ୍ୟବସ୍ଥା ପାଇଁ ବ୍ୟବହୃତ ମାଠିଆ,ମଗ୍,ଡଙ୍କି ଓ ବ୍ୟାନର ଆଦି ସାମଗ୍ରୀ ଚୋରିକରି ନେଇଯିବାରୁ ଏବେ ଏଠାରେ ଜଳଛତ୍ର ବଣ୍ଟନ ବ୍ୟବସ୍ଥା ବନ୍ଦ୍ ରହିଛି ।ଅଧିକନ୍ତୁ ଜନସାଧାରଣଙ୍କ ସୁବିଧା ପାଇଁ ଆମେ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସୁବିଧା ଯୋଗାଇଦେଲେ କଣ ହେବ,ଏହାର ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି ।ଏପରିକି ଜଣେ ସରପଞ୍ଚ ଭାବେ ପଞ୍ଚାୟତର ବିକାଶ ପାଇଁ ମୋର ଅନେକ ଗୁରୁଦାୟିତ୍ୱ ଥିବାବେଳେ ଜଳଛତ୍ର ପାଇଁ ବ୍ୟବହୃତ ସାମଗ୍ରୀକୁ ଯଦି କୌଣସି ଅସାମାଜିକ ବ୍ୟକ୍ତି ଚୋରିକରି ନିଅନ୍ତି ତେବେ ସରପଞ୍ଚ ଭାବେ ମୁଁ କଣ ରାତି ଅନିଦ୍ରା ହୋଇ ଜଗିରହିବି ବୋଲି ଶ୍ରୀ ମଙ୍ଗରାଜ ତାଙ୍କ ପ୍ରତିକ୍ରିୟାରେ ପାଲଟା ପ୍ରଶ୍ନ କରିଛନ୍ତି ।ସେ ଯାହା ହେଉନା କାହିଁକି,ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଇ ବ୍ଲକ୍ ପ୍ରଶାସନ,ପଞ୍ଚାୟତ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକେ ସମସ୍ତ ସାର୍ବଜନୀନ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇବାକୁ ବୁଦ୍ଧିଜୀବୀମାନେ ନିବେଦନ କରିଛନ୍ତି।

## କଟକର ବିଭିନ୍ନ ସ୍ଥାନରେ ବିଶ୍ୱ ରେଡକ୍ରସ ଦିବସ

କଟକ(ଭାସ୍କର ନ୍ୟୁଜ): କଟକ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଦ୍ୟାଧରପୁରସ୍ଥିତ କଟକ ମହାବିଦ୍ୟାଳୟ ରେଡକ୍ରସ ୟୁନିଟ ତରଫରୁ ବିଶ୍ୱ ରେଡକ୍ରସ ଦିବସ ଅଧକ୍ଷା ପ୍ରଫେସର ଶ୍ରଦ୍ଧାବତୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ପ୍ରଦର୍ଶନ ନିମନ୍ତେ ଅଧକ୍ଷା ପରାମର୍ଶ ଦେଇଥିଲେ। ଜୁନିୟର କଲେଜ ଅଧକ୍ଷ ପ୍ରଦୀପ୍ତ କୁମାର ପାଣ୍ଡି, ରେଡକ୍ରସ ମୁଖ୍ୟ ଉପଦେଷ୍ଟା ପ୍ରାଧାପିକା ଡ. ପ୍ରଣତି ପଟ୍ଟନାୟକ, ଡ. ଅମିତାରାଣୀ ଜେନା, ରେଡକ୍ରସ କାଉନସିଲର ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ୟୁନିଟ ସଦସ୍ୟମାନଙ୍କ ନିମନ୍ତେ ଫାଷ୍ଟ-ଏଡ୍ ଓ ଜରୁରୀ ସହାୟତା ପ୍ରଦାନ ସମ୍ପର୍କରେ ସୂଚନା ପ୍ରଦାନ ସହ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ହିତେଶ କୁମାର ପଣ୍ଡା, ସତ୍ୟଜିତ ପୃଷ୍ଟି, ଅଚ୍ୟୁତାନନ୍ଦ ସାହୁ,ରୋଶନ ଦାସ, ସୌମ୍ୟ ରନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମିଶନରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷା ଏମ.ତୃପ୍ତି ରାଣୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଜୁନିୟର ରେଡକ୍ରସ ସଂଯୋଜକ ମିହିର କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନିୟର ରେଡକ୍ରସ ଫାଷ୍ଟଏଡ୍ ଟ୍ରେନର ଦେବପ୍ରସାଦ ତ୍ରିପାଠୀ, ପରେଶ କୁମାର ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଇନ ଚକ୍ରବର୍ତ୍ତୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସଂଯୋଜିକା ମୌସୁମୀ ଦାସ, ସୁମିତ୍ରା ପଣ୍ଡା, ଆକ୍ଟିଭିଟ ସଂଯୋଜକ ଆଲୋକ ପ୍ରକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗାଇଡ଼ ଶିକ୍ଷୟିତ୍ରୀ ବର୍ଷା ବିଶ୍ୱାସ ଧନ୍ୟବାଦ ଦେଇଥିଲେ।

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ



ନିମାପଡା, (ଭାସ୍କର ନ୍ୟୁଜ): ନିମାପଡା ସ୍ଥାନୀୟ ଦୁର୍ଗାମଣ୍ଡପ ଠାରେ ଆଜି ଜାତୀୟ କଂଗ୍ରେସ ବିରୁଦ୍ଧରେ ବଜରଙ୍ଗ ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଓ ସାମୂହିକ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସହ ସଂପାଦକ ଉମାଶଙ୍କର ଆଚାର୍ଯ୍ୟ ଯୋଗଦେଇ ବଜରଙ୍ଗ ଦଳ ଭଳି ରାଷ୍ଟ୍ରବାଦୀ ସଂଗଠନକୁ ପିଏଫ଼ଆଇ ଭଳି ଆତଙ୍କବାଦୀ ସଂଗଠନ ସହ ତୁଳନା କରିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ପ୍ରକାଶ କରିବା ସହ କଂଗ୍ରେସ ଦଳ ଏକ ହିନ୍ଦୁ ବିରୋଧି ଦଳ ବୋଲି କହିଥିଲେ । ହିନ୍ଦୁ ବିରୋଧି ତତ୍ତ୍ୱ ସହ କଂଗ୍ରେସ ଭିତରି ସଂପର୍କ ରଖି କାର୍ଯ୍ୟ କରୁଛି । ଏହାକୁ ସନ୍ଦେହ ପ୍ରକଟ କରି ବଜରଙ୍ଗ ଦଳ ସହ ସଂଯୋଜକ ରଂଜନ ପ୍ରଧାନ ବିଶ୍ୱହିନ୍ଦୁ ପରିଷଦ ନିମାପଡା ସଂପାଦକ ସଂଜୟ ବାରିକ ରଂଜନ ନାୟକ ଅନ୍ତର୍ଯ୍ୟାମୀ ସାହୁ ଅଶ୍ୱିନୀ ଓଝା ପ୍ରମୁଖ କଂଗ୍ରେସକୁ କଟୁ ସମାଲୋଚନା କରିଛନ୍ତି। କଂଗ୍ରେସ ବିରୁଦ୍ଧରେ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି ।

## ବାଇକ୍ ଚୋରକୁ ଛେଚିଲେ ଗାଡି ମାଲିକ

ନିଆଳୀ, (ଭାସ୍କର ନ୍ୟୁଜ): ଓଲଟପୁର ଥାନା ଅଧିନସ୍ଥ ଅଡଶପୁର ବ୍ୟାଙ୍କ ଛକରେ ଗ୍ରାମର ଜଣେ ଲୋକର ବାଇକ ଲକ ଭାଙ୍ଗି ଗାଡି ଚୋରିକରିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡି ନିର୍ଘୁମ୍ ଛେଚା ଖାଇଥିଲା ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅଧିନସ୍ଥ ବାଗଲପୁର ଗ୍ରାମର ସନାତନ ପରିଡା (୩୦) ଓ ସାଙ୍ଗରେ ଥିବା ଗୁଡୁ ନରବଣର ଆସିଥିବା ସିଡି ଡିଲକ୍ସ ଗାଡିରେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା। ଘଟଣା ସ୍ଥଳରୁ ଓଲଟପୁର ଥାନା ଏ.ଏସ.ଆଇ. ଗିରିସ୍ କୁମାର ମହାନ୍ତି ସନାତନକୁ ଉଧାର କରି ଓଲଟପୁରକୁ ଆଣିଛନ୍ତି। ଏ ନେଇ ଓଲଟପୁର ଥାନାରେ ରୁପାଲି ଜଣେ ଯୁବକ ଏତାଲା ଦେବାପରେ ଓଲଟପୁର ପୋଲିସ୍ ସନାତନକୁ ଅଟକ ରଖିଛନ୍ତି।

## 'ଗାଁ ଗାଁରେ ଖଳା' ଯୋଜନା କୁଆଡେ ଗଲା ?

ନିଆଳୀ, (ଭାସ୍କର ନ୍ୟୁଜ): ସରକାରଙ୍କ ଖଳା ଯୋଜନା ଗାଁ ଗାଁ ରେ କରିବା ନିମନ୍ତେ ଘୋଷଣା କରିଥିବା ବେଳେ ଏହି ଯୋଜନା ଏବେ କଣ୍ଟାପଡା, ନିଆଳୀରେ ଫେଲ୍ ମାରିଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଋଷୀମାନେ ଗାଁ ରାସ୍ତାଠୁ ଆରମ୍ଭ କରି ରାଜ୍ୟ ରାଜରାସ୍ତାରେ ଖଳା କରି ବିରି, ମୁଗ, କୋଳଥ ପକାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ଦ୍ୱାରା ଦୂର୍ଘଟଣା ଘଟିବା ସହିତ ଏଥିରୁ ବାହାରୁ ଥିବା ଧୁଁସରେ ଯାଉଥିବା ପଥଋରୀଙ୍କ ଦେହ ତଥା ଆଖିରେ ପଡି ବିଭିନ୍ନ ଯନ୍ତ୍ରଣା ଭୋଗୁଛନ୍ତି କିନ୍ତୁ ରାଜ୍ୟ ସରକାରଙ୍କ ଖଳା ଯୋଜନା ଋଷୀମାନଙ୍କ କାମରେ ଆସୁ ନଥିବାରୁ ଋଷୀମାନେ ବାଧହୋଇ ରାଜରାସ୍ତାରେ ସୁଖାଉଥିବା କଥା ମତ ପ୍ରକାଶ କରିଛନ୍ତି।

## କନିଷ୍ଠ ଅଧ୍ୟାପକଙ୍କ ପାଞ୍ଚଦିନିଆ ତାଲିମ୍ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଠାରେ ଆୟୋଜିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ରାଜ୍ୟର ୧୯୩ ଜଣ କନିଷ୍ଠ ଅଧ୍ୟାପକଙ୍କ ୫ ଦିନିଆ ତାଲିମ ଶିବିର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଆର.ଆଇ.ଇର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗରୱାଲ ଏହି ତାଲିମ ସୁପରିଚାଳନା ପାଇଁ ସମସ୍ତ ସୁବିଧା ଯୋଗାଇବା ସଂଗେ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ ଧନ୍ଦାମୂଳକ ଶିକ୍ଷା ପୁନର୍ବିନ୍ୟାସ ଅନ୍ତର୍ଗତ ଯୋଜନା ବିଷୟରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସଂଗେ ସଂଗେ ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ପୃଷ୍ଠଭୂମି, ପ୍ରସ୍ତାବିତ ରୂପରେଖ ଓ ଭୋପାଳଠାରେ ଏନ୍‌ସିଇଆର୍‌ଟିର ଏକ ଶାଖା ଭାବେ ଅବସ୍ଥିତ ପଣ୍ଡିତ ସୁନ୍ଦରଲାଲ ଶର୍ମା ଧନ୍ଦାମୂଳକ କେନ୍ଦ୍ରୀୟ ପ୍ରତିଷ୍ଠାନର ତାଲିମଦାତା ମାନଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଆୟୋଜିତ ଏହି ୫ ଦିନିଆ ତାଲିମରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ ।

# ମା' ବ୍ରାହ୍ମଣୀ ଦେବୀଙ୍କ ନଗର ପରିକ୍ରମା



ବେଲଗୁଣ୍ଠା, (ଭାସ୍କର ନ୍ୟୁଜ): ସୋମବାର ଦିନ ସଂସ୍କୃତି ଓ ପରମ୍ପରାର ସହର ବେଲଗୁଣ୍ଠାର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଶ୍ରୀ ମା ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା ମହୋତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ମାଙ୍କ ଯାତ୍ରାର ପ୍ରଥମ ଦିବସରେ ବେଲଗୁଣ୍ଠା ଏନଏସି ୪ନମ୍ବର ୱାର୍ଡର ରଙ୍ଗଣୀ ପଟଣା ସାହି ବାସିନ୍ଦାଙ୍କ ତରଫରୁ ପ୍ରଥମ ଥର ପାଇଁ ମାଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ବାଜା ବଜଣା ସହ ପାରମ୍ପରିକ ନୃତ୍ୟ ସହ ଘଣ୍ଟ ଓ ମୃଦଙ୍ଗ ନେଇ ସାହି ବାସିନ୍ଦା କୋଳିସାହି ସ୍ଥିତ ମାଙ୍କ ଅସ୍ଥାୟୀ ପୀଠରେ ପହଞ୍ଚି ବିଧିବିଧାନ ଅନୁଯାୟୀ ମାଙ୍କ ପୁଜାର୍ଚ୍ଚନା କରି ଗ୍ରାମ୍ୟ ପରିକ୍ରମା ପାଇଁ ନିମନ୍ତ୍ରଣ କରିଥିଲେ । ପୁଣି ରାତି ୮ଘଣ୍ଟ ସମୟରେ ସାହି ବାସିନ୍ଦା ମାଙ୍କ ଅସ୍ଥାୟୀ ପୀଠରେ ବିଭିନ୍ନ ବେଶ ସଜ୍ଜିତ ରଥ , ବାଘ, ଷଣ୍ଢ, କଲଘୋଡ଼ା ଇତ୍ୟାଦି ପଶୁମୁଖା ନୃତ୍ୟ , ରାଜାରାଣୀ, କାଳିଆ ଭୁତ ଇତ୍ୟାଦି ବେଶ ସହିତ ବର୍ଣ୍ଣାଢ୍ୟ ଶୋଭା ଯାତ୍ରାରେ ଯାଇ ମାଙ୍କୁ ପୂଜାର୍ଚ୍ଚନା କରିବା ପରେ ମା ସିଂହ ବାହିନୀ ହୋଇଥିଲେ । ପରେ ମାଙ୍କ ଆଳତି କାର୍ଯ୍ୟକ୍ରମ ପଣ୍ଡିତ ପଞ୍ଚାନନ ପତି ସମ୍ପନ୍ନ କରିଥିଲେ । ମା ଦକ୍ଷିଣ ମୁଖ ହୋଇ ନିଜ ଗମ୍ଭୀରାରୁ ବାହାରି କୋଳି ସାହି ଦେଇ ନଗର ପରିକ୍ରମା ପାଇଁ ବାହାରି ଥିଲେ । ହଜାର ହଜାର ଲୋକଙ୍କ ଉପସ୍ଥିତିରେ ବଡ଼ଦାଣ୍ଡ ଠାରେ ସାହି ତରଫରୁ ଆତସବାଜି କାର୍ଯ୍ୟକ୍ରମ ସବୁଠାରୁ ଆକର୍ଷଣୀୟ ଥିଲା। ବାଣ ଠାରୁ ସତର୍କ ରହିବା ପାଇଁ ଯାତ୍ରା କମିଟି ତରଫରୁ ସୂଚନା ପ୍ରଦାନ ସହ ଯାତ୍ରାର ଧରାବିବରଣୀ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା । ବିଳମ୍ବିତ ରାତିରେ ମା ଯାତ୍ରା ଇତିହାସରେ ପ୍ରଥମ ଥର ପାଇଁ ରଂଗଣି ପଟଣା ସାହିକୁ ସିଂହବାହିନୀ ହୋଇ ପରିକ୍ରମା କରିଥିଲେ । ମା ଙ୍କ ପ୍ରଥମ ଆଗମନ୍ଙ୍କୁ ରଙ୍ଗଣୀ ପାଟଣା ବାସିନ୍ଦା ଆନନ୍ଦ,ଉତ୍ସାହ ଓ ଉଲ୍ଲାସର ସହ ସ୍ୱାଗତ କରିଥିଲେ । ସୋମବାର ଦିନ ରାତି ପ୍ରାୟ ତିନିଟା ପରେ ମା ନଗର ପରିକ୍ରମା କରି ନିଜ ଗମ୍ଭୀରାରେ ପହଞ୍ଚି ଥିଲେ। ପୂର୍ବାହ୍ନ ଓ ରାତିରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସାହି କମିଟି ସଭାପତି ତଥା ପୂର୍ବତନ ନଗରପାଳ ଚନ୍ଦ୍ରମଣୀ ସାମଲ , ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଫିରୋଜ କୁମାର ସେଠୀ, ଉପଦେଷ୍ଟା ରବୀନ୍ଦ୍ରନାଥ ମହାପାତ୍ର, ଯାତ୍ରା ମହୋତ୍ସବ କମିଟି ସମ୍ପାଦକ ତଥା ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ସୁବୁଦ୍ଧି, ବେଲଗୁଣ୍ଠା ଏନଏସିର ପ୍ରାୟ ସମସ୍ତ କାଉନସିଲର ,ମିଡ଼ିଆ କ୍ଲବ ସମ୍ପାଦକ ନବକିଶୋର ମହାରଣା,କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ, ରଙ୍ଗଣୀ ପଟଣା ସାହିର ରମେଶ କୁମାର ସାହୁ, ବଳରାମ ସାହୁ, ସୁନୀଲ କୁମାର ସାହୁ, ଓମ କାର ଦତ୍ତ ପଟ୍ଟନାୟକ, ମନୋଜ କୁମାର ସାହୁ, ବୃନ୍ଦାବନ ସାହୁ, ମାଧବ ସାହୁ,ସନ୍ତୋଷ କୁମାର ସାହୁଙ୍କ ସମେତ ସାହି କମିଟିର ସମସ୍ତ ସଭ୍ୟ ଓ ସାହି ବାସିନ୍ଦା ମାଙ୍କ ନଗର ପରିକ୍ରମାରେ ସାମିଲ ହୋଇ ସହଯୋଗ କରିଥିବା ବେଳେ ବେଲଗୁଣ୍ଠା ଓ ଆଖ ପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ବଡ଼ଦାଣ୍ଡରେ ହୋଇଥିବା ଦେଖିବାକୁ ମିଳିଥିଲା।

### ୫-ଟି ସ୍କୁଲ୍ ରୂପାନ୍ତରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା

## ପୁରୁଣା କୋଠା ଉପରେ ନୂଆ କୋଠା ନିର୍ମାଣ, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଗୋପ, (ଭାସ୍କର ନ୍ୟୁଜ): ଗୋପ ବ୍ଲକ ଅଧିନ ବନ୍ତଲୀଗ୍ରାମ ଗ୍ରାମପଂଚାୟତରେ ଥିବା ବନ୍ତଲୀଗ୍ରାମ ପଂଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ୫-ଟି ଯୋଜନରେ ଅର୍ନ୍ତଭୂକ୍ତ କରାଯାଇ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାୟୀ କୋଠା ନିର୍ମାଣ ଓ ରୁପାନ୍ତରୀଣ କାର୍ଯ୍ୟ ଚାଲିଛି । ମାତ୍ର ଉକ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏହି ପ୍ରକଳ୍ପରେ ୧୪ ଦଶ କେନ୍ଦ୍ରିୟ ଅର୍ଥ ଯୋଜନା ଓ ୪ ର୍ଥ ରାଜ୍ୟ ଅର୍ଥ ଆୟୋଗ ଯୋଜନାରୁ ପ୍ରାୟ ୩୫ ଲକ୍ଷଟଙ୍କାରୁ ଉର୍ଦ୍ଧ ଖର୍ଚ୍ଚ କାରଯାଉଥିଲେ ମଧ୍ୟ ଏହାକୁ ଟେଣ୍ଡର କରାନଯାଇ ବ୍ଲକର କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରଖାଯାଇ ଠିକାଦାରୀ ନାମରେ ଦଳୀୟ କୁଜିନେତାଙ୍କ ହାତରେ ଏହି କାର୍ଯ୍ୟକୁ ଟେକି ଦିଆଯାଇଥିବାରୁ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଜଣାପଡିଛି । ଅତ୍ୟନ୍ତ ନିମ୍ନମାନର ଇଟା, ସିମେଣ୍ଟ, କଂକ୍ରିଟ, ରଡ ଓ ବାଲିରେ ଏହିକାର୍ଯ୍ୟ ହେଉଥିବା ବେଳେକାର୍ଯ୍ୟ ସମୟରେ ବିଭାଗୀୟ କୌଣସି ଅଧିକାରୀ କି ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ତାର ମନମୁଖି କାର୍ଯ୍ୟ କରୁଥିବାରୁ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୫ଟି ସ୍କୁଲରେ ପିଲାମାନଙ୍କୁ ସମସ୍ତ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ସରକାର ଚେଷ୍ଟା କରୁଥିବା ବେଳେ ରୂପାନ୍ତର ବିଦ୍ୟାଳୟ ଗୁଡିକର ଭୌତିକ ଓ ଶୈକ୍ଷିକ ପରିବେଶକୁ ଉନ୍ନତି କରିବା ପାଇଁ ଚେଷ୍ଟା କରୁଛନ୍ତି । ସେହିପରି ଟେକ୍ନୋଲୋଜି ପ୍ରୟୋଗରେ ସ୍କୁଲରେ ସ୍ମାର୍ଟ କ୍ଲାସ , କମ୍ପୁଟର ଓ ଅତ୍ୟାଧୁନିକ ଲାବୋରେଟୋରିର ବିକାଶ କରାଯାଉଛି । ଯାହାକି ଆଗାମୀ ପିଢିର ଭବିଷ୍ୟତକୁ ଉଜ୍ଜଳ କରିବ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି । ମାତ୍ର ଗୋପ ବ୍ଲକ ବନ୍ତଲୀଗ୍ରାମ ନୋଡାଲହାଇସ୍କୁଲର କାର୍ଯ୍ୟକୁ ଦେଖିଲେ ଏହା କେତେଯେ ସରକାରଙ୍କ ୫-ଟି ଯୋଜନାକୁ ସଫଳ କରିବ ତାହା ବେଶ୍ ବାରି ହୋଇ ପଡୁଛି । ଏହି ନିମ୍ନମାନର କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହା ଉପରେ ଭିଜିଲାନ୍ସ ତଦନ୍ତ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ, ୫-ଟି ସଚିବ, ତଦନ୍ତ କଲେ ଲକ୍ଷାଧିକ ଟଙ୍କାର ଦୁର୍ନିତି ଲୋକଲୋଚନ ଆସିବ ବୋଲି ଉକ୍ତ ପଂଚାୟତର ସୁଦର୍ଶନ ମିଶ୍ର, ଗଙ୍ଗାଧର ଓଝା, ରବିନ୍ଦ୍ର କୁମାର ଦଳାଇ, ବିଶ୍ୱନାଥ ସାହୁ ପ୍ରମୁଖ ଦାବି କରିଛନ୍ତି । ଏସଂପର୍କରେ ଦାୟୀତ୍ୱରେ ଥିବା ଯନ୍ତ୍ରୀ ଶ୍ରୀ ଭେସେରାଙ୍କୁ ପଚାରିବାରେ ସେ କାର୍ଯ୍ୟ ଠିକଠାକ୍ ଚାଲିଥିବା କହିଛନ୍ତି ।